


# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୦/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 10/2025 Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 256 | ମୂଲ୍ୟ₹୭/-




**'ବାଗି ୪'କୁ ନେଇ ଚର୍ଚ୍ଚାରେ ଟାଇଗର**

ଆଗାମୀ ଫିଲ୍ମ 'ବାଗି ୪'କୁ ନେଇ ଚର୍ଚ୍ଚାରେ ବଲିଉଡ ଅଭିନେତା ଟାଇଗର ଶ୍ରଫ। ଦୀର୍ଘଦିନ ପରେ ନୂଆ ଥ୍ରିଲର କାହାଣୀ ସହିତ ସେ ଫେରୁଥିବାରୁ ପ୍ରଶଂସକ ଉତ୍ସାହିତ।

୦୮

୧୪

**ଶ୍ରେଷ୍ଠ ପ୍ରଦର୍ଶନ ଲକ୍ଷ୍ୟରେ ଅନ୍ନୁ**

କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆଶା ରଖିଛନ୍ତି ଭାରତୀୟ ମହିଳା ଜାଭେଲିନ୍ ଥ୍ରୋ ତାରକା ଅନ୍ନୁ ରାଣୀ।



# ମହିଳାଙ୍କ ପାଇଁ ଆଶାର କିରଣ 'ସୁଭଦ୍ରା' : ମୁଖ୍ୟମନ୍ତ୍ରୀ

ଓଡ଼ିଶାରେ ଭାଜପା ସରକାର ଆସିବା ପରଠୁ ମହିଳାଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଅଣାଯାଇଥିବା 'ସୁଭଦ୍ରା' ଯୋଜନାରେ ଶନିବାର ୧ କୋଟି ହିତାଧିକାରୀଙ୍କୁ ୩ୟ କିସ୍ତି ଟଙ୍କା ପ୍ରଦାନ କରାଯାଇଛି । ରକ୍ଷା ବନ୍ଧନ ଅବସରରେ କୋରାପୁଟର ଜୟପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚେକ୍ ମାଧ୍ୟମରେ ଅର୍ଥ ପ୍ରଦାନ କରି କହିଛନ୍ତି ଯେ, 'ସୁଭଦ୍ରା' ମହିଳାଙ୍କ ପାଇଁ ଆଶାର କିରଣ ସାଜିଛି । ୩ୟ କିସ୍ତିରେ ରାଜ୍ୟର ୧ କୋଟି ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୫,୦୦୦ ଟଙ୍କା ଲେଖାଏ ପଡ଼ିଛି। ତାଙ୍କ ସରକାର ୧ ବର୍ଷ ମଧ୍ୟରେ ମହିଳା ସଶକ୍ତୀକରଣକୁ ଏକ ନୂତନ ଦିଗନ୍ତ ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ କୋଟିଆର ୧,୭୮୩ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ପଠାଯାଇଥିବା ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସେ କୋରାପୁଟ ଜିଲାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଜୟପୁରରୁ ଭୁବନେଶ୍ୱରକୁ 'ବନ୍ଦେ ଭାରତ ଏକ୍ସପ୍ରେସ' ଚଳାଚଳ କରିବା ବିଷୟ ମଧ୍ୟ ଅବତାରଣା କରିଛନ୍ତି ।

## ୧ କୋଟି ହିତାଧିକାରୀଙ୍କୁ ମିଳିଲା ୩ୟ କିସ୍ତି




ଜୟପୁରରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୨ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂଦେଓ ଜଣେ ସୁଭଦ୍ରା ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ଜୟପୁର/ କୋରାପୁଟ,୯।୮ (ପବନ ପାଣିଗ୍ରାହୀ/ ଅମିତାଭ ବେହେରା)

ସୁଭଦ୍ରା ଯୋଜନା ଅନେକ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣି ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ଆର୍ଥିକ ଅଭାବରୁ ସ୍ୱପ୍ନ ଛାଡ଼ିବାକୁ ବାଧ ହୋଇଥିବା ମହିଳାଙ୍କ ପାଇଁ ଆଶାର କିରଣ ସାଜିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର କୋରାପୁଟ ଜିଲା ଜୟପୁରସ୍ଥିତ ବାଙ୍କା ବିଜା ପଡ଼ିଆରେ ସୁଭଦ୍ରାର ୩ୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳାମାନଙ୍କୁ ଚେକ୍ ପ୍ରଦାନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟମନ୍ତ୍ରୀଙ୍କ ହାତରେ ସୁଭଦ୍ରା ରାଖୀ ବାନ୍ଧିବା ପରେ ପାରମ୍ପରିକ ଭାବେ ସମାରୋହ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନା ଅନେକ ମହିଳାଙ୍କ ଜୀବନରେ ପ୍ରଗତି ଆଣିଛି ବୋଲି କହିଥିଲେ। ଜିଲାରେ ୪୫୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ୪୩୬ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୩୦୯.୪୨ କୋଟି ଟଙ୍କା ମୂଲ୍ୟର ୧୨୬ ନୂତନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିସହିତ ଜିଲାରେ ୭୬୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ସେତୁ, ସଡ଼କ ଓ ପର୍ଯ୍ୟଟନ ଆଦି ☞ପୃଷ୍ଠା-୪

- **ଜୟପୁରରୁ ଭୁବନେଶ୍ୱରକୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିବା ନେଇ ସୂଚନା**
- **କୋରାପୁଟ ଜିଲାରେ ୭୬୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ**

**ଆଜିର ସମ୍ପାଦକୀୟ**
ତିନି ଚୁକ୍ତି

# ୬ ପାକ୍ ଯୁଦ୍ଧବିମାନ ଖସାଇଥିଲା ଭାରତ: ବାୟୁସେନା ମୁଖ୍ୟ

## 'ଅପରେଶନ ସିନ୍ଦୂର' କାହିଁକି ବନ୍ଦକଲେ ମୋଦି: କଂଗ୍ରେସ

ଅପରେଶନ ସିନ୍ଦୂର ବେଳେ ଭାରତୀୟ ବାୟୁସେନା (ଆଇଏଏଫ୍) ୬ ପାକିସ୍ତାନୀ ଯୁଦ୍ଧବିମାନ ଖସାଇଥିବା ଶନିବାର ସ୍ପଷ୍ଟ କରିଛି। ମେ' ୭ରୁ ୧୦ ଯାଏ ଚାଲିଥିବା ଉକ୍ତ ବୃହତ୍ ସାମରିକ ସଂଘର୍ଷ ସମୟରେ ପାକ୍ ଭାରତର ୬ଟି ଯୁଦ୍ଧବିମାନ ଖସାଇଥିବା ପୂର୍ବରୁ ଦାବି କରିଆସିଥିବାବେଳେ ଆଇଏଏଫ୍ ପକ୍ଷରୁ କରାଯାଇଥିବା ଏହି ବିଳମ୍ବିତ ଦାବି ନୂଆ ବିତର୍କକୁ ଜନ୍ମ ଦେଇଛି। କାରଣ ଏହା ପୂର୍ବରୁ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏବଂ ସଶସ୍ତ୍ର ବଳର ଅନ୍ୟ କେତେଜଣ ଅଧିକାରୀ ଭାରତୀୟ ସେନାର ଏୟାରକ୍ରାଫ୍ଟ ଖସିଥିବା ବିଷୟ ସ୍ୱୀକାର କରିସାରିଛନ୍ତି।

ନୂଆଦିଲ୍ଲୀ,୯।୮

ପାକିସ୍ତାନ ବିରୋଧରେ 'ଅପରେଶନ ସିନ୍ଦୂର' ବେଳେ ଭାରତ ଅନ୍ୟୂନ ୫ ଯୁଦ୍ଧବିମାନ ଏବଂ ଗୋଟିଏ ବଡ଼ ଏୟାରକ୍ରାଫ୍ଟକୁ ଖସାଇଥିବା ନେଇ ଶନିବାର ବାୟୁସେନା ମୁଖ୍ୟ ମାର୍ଶଲ ଅମରପ୍ରୀତ ସିଂ ଦାବି କରିଛନ୍ତି। ବେଙ୍ଗାଲୁରୁରେ ☞ପୃଷ୍ଠା-୪










ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୫ର ଗ୍ରାଣ୍ଡ ଫାଇନାଲକୁ ଯାଇଥିବା ୮ ସିନିୟର ଗ୍ରୁପ୍‌ର ପ୍ରତିଯୋଗୀମାନଙ୍କ ସହ ଓଡ଼ିଶାପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ କୁଇଜ୍ ମାଷ୍ଟର ଅଜୟ୍ ପୁନିଆ।

# ଫାଇନାଲ୍ସରେ ୮ ଜୁନିୟର-୮ ସିନିୟର ଟିମ୍

**ଭୁବନେଶ୍ୱର,୯।୮(ବନ୍ଦନା ସେଠୀ/ସୁଚିସ୍ମିତା ସାହୁ)**

ଦୈନିକ ଇଂଲିଶ ଖବରକାଗଜ ‘ଓଡ଼ିଶା ପୋଷ୍ଟ’ ପକ୍ଷରୁ ଶନିବାର ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାର ସପ୍ତମ ସଂସ୍କରଣ ‘ମେଟଲ୍ ମିଟ୍-୨୦୨୫’ ଆରମ୍ଭ ହୋଇଛି। ସ୍ୱସ୍ତି ପ୍ରିମିୟମ୍ ହୋଟେଲ୍‌ଠାରେ ଆୟୋଜିତ କୁଇଜ୍‌ର ଏହି ମହାକୁମ୍ଭରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟରୁ ମୋଟ୍ ୮୧ଟି ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରିଲିମ୍ସ ରାଉଣ୍ଡ୍‌ର ଜୁନିୟର ବର୍ଗରେ ୩୯ ଓ ସିନିୟର ବର୍ଗରେ ୪୨ ଟିମ୍ ଭାଗ ନେଇଥିଲେ। ସେଥିମଧ୍ୟରୁ ଗ୍ରାଣ୍ଡ୍ ଫାଇନାଲ୍ସ ପାଇଁ ଉଭୟ ବର୍ଗରୁ ୮ଟି ଲେଖାଏ ଟିମ୍ ମନୋନୀତ ହୋଇଛନ୍ତି। ରବିବାର ସେମାନଙ୍କ ମଧ୍ୟରେ କଡ଼ା ଟକ୍କର ହେବା ସହିତ ବିଜେତା ଚୟନ କରାଯିବ।

କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇ ‘ଓଡ଼ିଶା ପୋଷ୍ଟ’ ଏବଂ ‘ଧରିତ୍ରୀ’ର ସମ୍ପାଦକ ତଥାଗତ ସତପଥୀ ପ୍ରତିଯୋଗିତା ଆୟୋଜନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାରେ ପୂର୍ବରୁ ହେଉଥିବା କୁଇଜ୍ ପ୍ରତିଯୋଗିତା ବନ୍ଦ ହୋଇଯାଉଥିବା ସମୟରେ ଓଡ଼ିଶା ପୋଷ୍ଟ ଆନୁକୂଲ୍ୟରେ ‘ମେଟଲ୍ ମିଟ୍’ ଆରମ୍ଭ ହୋଇଛି। ଏହା କ୍ୱିଜିଂକୁ ଏକ ନୂଆ ଜୀବନ ଆଣି ଦେଇଛି ଏବଂ ପୂର୍ବ ଭାରତରେ ‘ମେଟଲ୍ ମିଟ୍’ ନିଜର ନାମ ପ୍ରତିପାଦିତ କରିପାରିଛି ବୋଲି କହିବା ସହ ତଥାଗତ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ‘ଓଡ଼ିଶା ପୋଷ୍ଟ’ ଏବଂ ‘ଧରିତ୍ରୀ’ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଲେ, ୨୦୧୬ରେ ଆରମ୍ଭ ହୋଇଥିବା ମେଟଲ୍ ମିଟ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଶାରେ କୁଇଜିଂ କଲ୍‌ଚରକୁ ପ୍ରୋତ୍ସାହିତ କରିବା। ସେ ସମୟରେ ନୃତ୍ୟ, ସଙ୍ଗୀତ, ଅଭିନୟ ଏବଂ ଅନ୍ୟାନ୍ୟ ଟ୍ୟାଲେଣ୍ଟକୁ ନେଇ ବିଭିନ୍ନ ପ୍ରତିଯୋଗିତା ହେଉଥିବାବେଳେ, କୁଇଜ୍‌କୁ ନେଇ ସେଭଳି କିଛି ପ୍ରତିଯୋଗିତା ହେଉ ନ ଥିଲା। ତେଣୁ ଇଣ୍ଟେଲେକ୍ଚୁଆଲ୍ ପିଲାମାନଙ୍କ ପାଇଁ ଏକ ପ୍ଲାଟଫର୍ମ ସଦୃଶ ମେଟଲ୍ ମିଟ୍ ଆରମ୍ଭ ହୋଇଥିଲା। ମେଟଲ୍ ମିଟ୍ ଧୀରେ ଧୀରେ ବ୍ୟାପକ ହେବା ସହିତ ରାଜ୍ୟ ତଥା ବାହାରର ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିବା ନେଇ ଆଗ୍ରହ ପ୍ରକାଶ କରୁଥିବା ଆଦ୍ୟାଶା କହିଥିଲେ। କୁଇଜ୍‌ର ଏହି ମହାକୁମ୍ଭକୁ ଲୋକପ୍ରିୟ କୁଇଜ୍ ମାଷ୍ଟର ଅଜୟ୍ ପୁନିଆ ପରିଚାଳନା କରିଥିଲେ। ସେହିପରି




ପ୍ରତିଯୋଗୀଙ୍କୁ ପ୍ରଶ୍ନ ପଚାରୁଛନ୍ତି କୁଇଜ୍ ମାଷ୍ଟର ଅଜୟ୍ ପୁନିଆ

କାର୍ଯ୍ୟକ୍ରମକୁ ମାନସୀ ମିଶ୍ର ସଂଯୋଜନା କରିଥିଲେ। ମେଟଲ୍ ମିଟ୍ ଜୁନିୟର ବର୍ଗରେ ପୁରୀ, କଟକ, ଭୁବନେଶ୍ୱର, ଢେଙ୍କାନାଳ, ସମ୍ବଲପୁର, ରାଉରକେଲା ଓ ଅନୁଗୋଳ ଆଦି ଜିଲାର ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେହିପରି ସିନିୟର ଗ୍ରୁପ୍‌ରେ ଭୁବନେଶ୍ୱର, ରାୟଗଡ଼ା, ପୁରୀ, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ବୁର୍ଲା ସମେତ ଖଡଗପୁର, ରାୟପୁର, ଝାଡ଼ଖଣ୍ଡ, କୋଲ୍‌କାତା ଆଦି ରାଜ୍ୟ ବାହାରର ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଥମ ଦିନରେ ଏମାନଙ୍କୁ ନେଇ ପ୍ରିଲିମ୍ସ ରାଉଣ୍ଡ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ଜୁନିୟର ଏବଂ ପରେ ସିନିୟର ବର୍ଗର ପିଲାଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗୀମାନଙ୍କୁ ମୋଟ୍ ୩୫ଟି ଲେଖାଏ ପ୍ରଶ୍ନର ସାମ୍ନା କରିବାକୁ ପଡ଼ିଥିଲା। ଏଥିରେ ସାଧାରଣ ଜ୍ଞାନ ସହିତ ଅଡିଓ ଭିଜୁଆଲ୍ ପ୍ରଶ୍ନ ରହିଥିଲା।

## ଆଜି ଗ୍ରାଣ୍ଡ୍ ଫାଇନାଲ୍ସ

ଚଳିତବର୍ଷ ‘ମେଟଲ୍ ମିଟ୍’ ଜୁନିୟର ଗ୍ରୁପର ୮ ଟିମ୍ ଏବଂ ସିନିୟର ଗ୍ରୁପର ୮ ଟିମ୍ ଫାଇନାଲକୁ ଯାଇଛନ୍ତି। ଏହି ଟିମ୍‌କୁ ନେଇ ରବିବାର ସ୍ୱସ୍ତି ପ୍ରିମିୟମ ହୋଟେଲ୍‌ଠାରେ ଗ୍ରାଣ୍ଡ ଫାଇନାଲ୍ସ ଅନୁଷ୍ଠିତ ହେବ। ପୁରସ୍କାର ବାବଦକୁ ମୋଟ୍ ୩.୫ ଲକ୍ଷ ଟଙ୍କା ରହିଛି। ଉଭୟ ବର୍ଗର ବିଜେତା ଟିମ୍‌କୁ ୧ଲକ୍ଷ, ପ୍ରଥମ ରନର ଅପ୍‌କୁ ୫୦ହଜାର ଏବଂ ଦ୍ୱିତୀୟ ରନର ଅପ୍‌କୁ ୨୫ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯିବ।

## ଜୁନିୟର ଫାଇନାଲିଷ୍ଟସ୍

- କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର
- ସେଣ୍ଟ ପଲ୍ସ ସ୍କୁଲ, ରାଉରକେଲା
- ଲୟୋଲା ସ୍କୁଲ, ଭୁବନେଶ୍ୱର
- ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ
- ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର
- ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର
- ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର
- ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

## ସିନିୟର ଫାଇନାଲିଷ୍ଟସ୍

- ଆଇଆଇଏମ୍, କୋଲ୍‌କାତା
- ଏମ୍‌ସ, ଭୁବନେଶ୍ୱର
- ଆଇଆଇଟି, ଖଡ଼ଗପୁର
- କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
- ନାଇଜର, ଜଟଣୀ, ଖୋର୍ଦ୍ଧା
- ଏକ୍ସଏଲ୍‌ଆର୍‌ଆଇ, ଜାମସେଦ୍‌ପୁର, ଝାଡ଼ଖଣ୍ଡ
- ନ୍ୟାଶନାଲ ଲ’ ୟୁନିଭରସିଟି, କଟକ
- ଭିମ୍‌ସାର, ବୁର୍ଲା, ସମ୍ବଲପୁର




‘ମେଟଲ୍ ମିଟ୍ ୨୦୨୫’ର ଗ୍ରାଣ୍ଡ ଫାଇନାଲକୁ ଯାଇଥିବା ଜୁନିୟର ବର୍ଗର ୮ ଟିମ୍।











‘ମେଟଲ୍ ମିଟ୍ ୨୦୨୫’ ପ୍ରିଲିମ୍ସର ପ୍ରାରମ୍ଭରେ ପ୍ରତିଯୋଗୀମାନଙ୍କୁ ସ୍ୱାଗତ ଜଣାଇ ଉଦ୍‌ବୋଧନ ଦେଉଛନ୍ତି ଓଡ଼ିଶାପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ







ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ହୋଟେଲରେ ଶନିବାର ଆୟୋଜିତ ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍-୨୦୨୫ ପ୍ରିଲିମ୍ସରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିଯୋଗୀମାନେ। **(ଫଟୋ: ବିକାଶ ନାୟକ/ମନୋରଞ୍ଜନ ମିଶ୍ର/ଜ୍ୟୋତିରଞ୍ଜନ ସାହୁ)**




# ଉଚ୍ଚ ଶିକ୍ଷାନୁଷ୍ଠାନରେ ହେବ 'ଶକ୍ତିଶ୍ରୀ' ସଶକ୍ତୀକରଣ କେନ୍ଦ୍ର

## ୨୫ ସୁଦ୍ଧା ସେଲ୍ ଗଠନ ନିର୍ଦ୍ଦେଶ

ଭୁବନେଶ୍ୱର,୯।୮ (ସୁଚିସ୍ମିତା ସାହୁ)

ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' ସ୍ଥାପନ ହେବ। ଏଥିସହ 'ଶକ୍ତିଶ୍ରୀ ସାଥୀ' ନିଯୁକ୍ତ ହେବେ। ସେହିପରି ଛାତ୍ରୀ ଓ ମହିଳା କର୍ମଚାରୀ ସୁରକ୍ଷା ପାଇଁ ଆସନ୍ତା ୨୫ ତାରିଖ ସୁଦ୍ଧା 'ସକ୍ତିଶ୍ରୀ ସେଲ୍' ପ୍ରସ୍ତୁତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଶନିବାର ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ସମସ୍ତ ମହାବିଦ୍ୟାଳୟ ଅଧକ୍ଷ ଓ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ପ୍ରଚେଷ୍ଟା କରିବ। କେନ୍ଦ୍ରର ସଂଯୋଜିକା ଭାବେ ଜଣେ ଅଧ୍ୟାପିକା ଓ 'ଶକ୍ତିଶ୍ରୀ ସାଥୀ' ଭାବେ ଜଣେ ଛାତ୍ରୀ କାର୍ଯ୍ୟ କରିବେ। କେନ୍ଦ୍ରର ଅଧକ୍ଷ ଦାୟିତ୍ୱରେ କଲେଜ ପ୍ରିନ୍ସିପାଲ ଓ ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ଡିନ୍ ରହିବେ। ସେମାନେ ଶକ୍ତିଶ୍ରୀ ସାଥୀ ଓ ସଂଯୋଜିକାଙ୍କ ସହ ସମନ୍ୱୟ ରଖି ମାସିକ କ୍ୟାଲେଣ୍ଡର ମୁତାବକ ଅଧିବେଶନ ଆୟୋଜନ କରିବେ। ଚଳିତ ମାସ ୧୪ ତାରିଖ ସୁଦ୍ଧା ପ୍ରତି ଶ୍ରେଣୀରେ ଜଣେ ଲେଖାଏ ମହିଳା ପ୍ରତିନିଧି ଚୟନ କରାଯିବ। ୨୦ ତାରିଖ ସୁଦ୍ଧା 'ଶକ୍ତିଶ୍ରୀ ସାଥୀ' ବାଛିବା ପାଇଁ ପଦକ୍ଷେପ ନିଆଯିବ। ମନୋନୟନରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ କୁହାଯାଇଛି। ସ୍ୱେଚ୍ଛାସେବୀ, ନେତୃତ୍ୱ ନେବାର ଦକ୍ଷତା, କମ୍ୟୁନିକେସନ ସ୍କିଲ, ଦାୟିତ୍ୱ, ଉତ୍ତରଦାୟୀ, ସମସ୍ୟାର ସମାଧାନ କରିବାର କ୍ଷମତା ଥିବା ଛାତ୍ରୀଙ୍କୁ 'ଶକ୍ତିଶ୍ରୀ ସାଥୀ' ଭାବେ ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସ୍ନାତକ (ୟୁଜି) ଓ ସ୍ନାତକୋତ୍ତର (ପିଜି) ଶେଷ ବର୍ଷର ପ୍ରତି ଶ୍ରେଣୀର ଜଣେ ଲେଖାଏ ଛାତ୍ରୀ ଶ୍ରେଣୀ ପ୍ରତିନିଧି ଭାବେ କାମ କରିବେ। ଛାତ୍ରୀମାନଙ୍କୁ ୬ ଦିନିଆ ଆତ୍ମରକ୍ଷା କୌଶଳ ତାଲିମ ଦିଆଯିବ। ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ମଧ୍ୟ ଅନୁଷ୍ଠିତ ହେବ। ଏଥିସହ ଶିକ୍ଷାନୁଷ୍ଠାନରେ ସାପ୍ତାହିକ ଯୋଗ, ପ୍ରାଣାୟମ, ବ୍ୟାୟାମ ଆଦି କରାଯିବା ସହିତ ସେମିନାର, ଆଲୋଚନାଚକ୍ର ଆଦି ଆୟୋଜନ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

# ୧୫ କି ୨୦ ପରେ ନିଗମ, ବୋର୍ଡ, କମିଟି ନେଇ ହୋଇପାରେ ଘୋଷଣା: ମନମୋହନ

ଭୁବନେଶ୍ୱର, ୯।୮ (ସୁନିତ୍ ମିଶ୍ର)

ରାଜ୍ୟରେ ଖାଲି ପଡ଼ିଥିବା ନିଗମ ଓ ବୋର୍ଡ ପଦବୀ ପୂରଣ ହେବାକୁ ନେଇ ଦୀର୍ଘଦିନ ହେଲା ଚର୍ଚ୍ଚା ଲାଗି ରହିଛି। ରାଜ୍ୟରେ ଭାଜପା ଶାସନକୁ ଆସିବାର ପ୍ରାୟ ୧୪ ମାସ ପୂରଣ ହୋଇସାରିଥିବା ବେଳେ ବହୁ ନେତା ନିଜକୁ ଥଇଥାନ କରିବାକୁ ଅପେକ୍ଷାକରି ରହିଛନ୍ତି। ଦୀର୍ଘଦିନ ପରେ ଯେହେତୁ ଭାଜପା କ୍ଷମତାକୁ ଆସିଛି ସେମାନଙ୍କ ଦଳରେ କାର୍ଯ୍ୟ କରିଥିବା ଆଗ ଧାଡ଼ିର ନେତାମାନେ ଅପେକ୍ଷା କରିବା ମଧ୍ୟ ସ୍ୱାଭାବିକ। ଏହା ମଧ୍ୟରେ ଆସନ୍ତା ୧୫ କିମ୍ବା ୨୦ ତାରିଖ ପରେ ନିଗମ, ବୋର୍ଡ ଏବଂ କମିଟି ଘୋଷଣା ହୋଇପାରେ ବୋଲି ଜଣାପଡ଼ିଛି। ତେବେ ବର୍ତ୍ତମାନ ସମୟରେ ନିର୍ଦ୍ଦିଷ୍ଟ ତାରିଖ କହିହେବ ନାହିଁ ବୋଲି ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏଭଳି ପ୍ରତିକ୍ରିୟା ରଖିଛନ୍ତି।

ମନମୋହନ କହିଛନ୍ତି, ଭାଜପାର ନିଗମ, ବୋର୍ଡ ଏବଂ କମିଟି ତାଲିକା ଦିଲ୍ଲୀରେ ହୁଏନାହିଁ, ଓଡ଼ିଶାରେ ହୁଏ। ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଏମ୍‌ପିମାନଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କ ସହ ବୈଠକ ହୋଇଛି। ଦଳୀୟ ନେତାଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ। ବର୍ତ୍ତମାନ ସମୟରେ ନିର୍ଦ୍ଦିଷ୍ଟ ତାରିଖ କହିହେବ ନାହିଁ ବୋଲି ସେ କହିଛନ୍ତି। ଏଣେ ସୁଭଦ୍ରା ଟଙ୍କାରେ ଲକ୍ଷପତି ଦିଦି ସୃଷ୍ଟି ସମ୍ପର୍କରେ ବିଜେଡିର ପ୍ରତିକ୍ରିୟା ଉପରେ ଜବାବ ରଖି ମନମୋହନ କହିଛନ୍ତି, ବିଜେଡି ୫ ବର୍ଷ ଅପେକ୍ଷା କରୁ। ଅଧର୍ଯ୍ୟ ହେବା ଉଚିତ ନୁହେଁ। ଓଡ଼ିଶା ଲକ୍ଷପତି ଦିଦିରେ ୧ ନମ୍ବର ରାଜ୍ୟ ହୋଇପାରିଛି, ଏହା ସୌଭାଗ୍ୟର ବିଷୟ। ଓଡ଼ିଶାର ମହିଳାମାନେ କଠିନ ପରିଶ୍ରମ କରୁଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାର ମହିଳାମାନଙ୍କୁ ବିନା ସୁଧରେ ଋଣ ଦେଉଛନ୍ତି, ଯାହାଦ୍ୱାରା ଲକ୍ଷପତି ଦିଦି ହେବା ସମ୍ଭାବନା ବଢ଼ିଛି। ସୁଭଦ୍ରା ମହିଳାଙ୍କୁ ସ୍ୱାବଲମ୍ବୀ ହେବାର ସୁଯୋଗ ଦେଇଛି, ମନରେ ଆତ୍ମବିଶ୍ୱାସ ବଢ଼ାଇଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଚଳିତ ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଥିଲେ। ଏହି ଅବସରରେ ମନମୋହନ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ। ୨ନେତା ଏକାସାଙ୍ଗରେ ଦିଲ୍ଲୀ ଗସ୍ତ କରୁଥିବାରୁ ରାଜ୍ୟର ସାଙ୍ଗଠନିକ ବିଷୟ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଥିଲା। ନିଗମ ଓ ବୋର୍ଡରେ ଥଇଥାନ କଥା ମଧ୍ୟ ଚୂଡ଼ାନ୍ତ ହୋଇପାରେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ମୁଖ୍ୟମନ୍ତ୍ରୀ ବହୁ କେନ୍ଦ୍ରମନ୍ତ୍ରୀଙ୍କ ସହ ସାକ୍ଷାତ ନେଇ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଥିଲେ। ରାଜ୍ୟର କେତେଜଣ ଏମ୍‌ପିଙ୍କ ସହ ସାକ୍ଷାତ କରିଥିବା ନେଇ ମଧ୍ୟ ଜଣାପଡ଼ିଥିଲା। ହେଲେ ଏହି ସମୟ ଭିତରେ ମନମୋହନଙ୍କ ରାଜନୈତିକ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ଖବର ବାହାରକୁ ଆସି ନ ଥିଲା। ତେଣୁ ଇତି ମଧ୍ୟରେ ରୁଦ୍ଧଦ୍ୱାର ବୈଠକ ଜରିଆରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି।

# ନଦୀରେ ଭାସିଗଲେ ୨ ଭଉଣୀ

ଜଳେଶ୍ୱର, ୯।୮ (ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ)

ରାଖିପୂର୍ଣ୍ଣମୀରେ ଘଟିଛି ଏକ ଦୁଃଖଦ ଘଟଣା। ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ସୁବର୍ଣ୍ଣରେଖା ନଦୀର ଶିଖରପୁର ଘାଟରେ ପାଣି ଉଠାଉଥିବା ବେଳେ ୨ ଭଉଣୀ ଭାସିଯାଇଛନ୍ତି। ଗ୍ରାମବାସୀ ଜଳେଶ୍ୱର ପୋଲିସ, ଦମକଳ ବାହିନୀ ଏବଂ ଓଡ୍ରାଫ ଟିମ୍‌କୁ ଖବର ଦେଇଥିଲେ। ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା, ଦମକଳ ଏବଂ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦମକଳ ବାହିନୀର ଦୁଇଟି ଟିମ୍, ଓଡ୍ରାଫର ଗୋଟେ ଟିମ୍ ଏବଂ ଗାଁ ଲୋକେ ମିଶି ଦେଶୀଡଙ୍ଗା ସାହାଯ୍ୟରେ ଖୋଜାଖୋଜି କରୁଛନ୍ତି। କିନ୍ତୁ ୨ନାବାଳିକା ଭଉଣୀଙ୍କ ପତ୍ତା ମିଳିପାରିନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ଦୁଇ ନାବାଳିକା ନିଖୋଜ ଅଛନ୍ତି। ଚକହରି ଗ୍ରାମର କାହ୍ନୁଚରଣ ଦାସଙ୍କ ଦୁଇ ଝିଅ ଚାନ୍ଦିନୀ ଦାସ(୧୧), ନନ୍ଦିନୀ ଦାସ (୧୪) ଓ ଅନ୍ୟ ୩ଜଣ ସକାଳ ପ୍ରାୟ ୮ଟା ବେଳେ ନିଜ ଗ୍ରାମରେ ଥିବା ଶିବ ମନ୍ଦିରରେ ଜଳ ଲାଗି କରିବା ପାଇଁ ପାଖରେ ଥିବା ସୁବର୍ଣ୍ଣରେଖା ନଦୀ ଶିଖରପୁର ଘାଟକୁ ଯାଇଥିଲେ। ପାଣି ଉଠାଉଥିବା ବେଳେ ଅସାବଧାନତା କାରଣରୁ ଗୋଡ ଖସିଯିବାରୁ ସୁବର୍ଣ୍ଣରେଖାର ପ୍ରବଳସ୍ରୋତରେ ୫ଜଣ ଭାସିଯାଇଥିଲେ। ଅନ୍ୟ ୩ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଦୁଇ ଭଉଣୀ ନିଖୋଜ ଅଛନ୍ତି।




# ହସ୍ପିଟାଲରେ ଷ୍ଟାଫ୍ ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ

- ମୃତଦେହ ପାଖରୁ ସିରିଞ୍ଜ, ହାତଲେଖା ନୋଟ୍ ଜବତ
- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଭୁବନେଶ୍ୱର, ୯।୮ (ସତ୍ୟଜିତ ରାଉତ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଜଣେ ଷ୍ଟାଫ୍ ନର୍ସଙ୍କ ଶୁକ୍ରବାର ରାତିରେ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଗଞ୍ଜାମ ଜିଲା ସାନଖେମୁଣ୍ଡିର ଶୁଭସ୍ମିତା ରାଉତ ଓରଫ ସୋନାଲି (୨୨)। ମୃତ୍ୟୁର କାରଣକୁ ନେଇ ରହସ୍ୟ ଲାଗିରହିଛି। ଖବର ପାଇ ପରିବାର ଲୋକେ ଶନିବାର ଭୁବନେଶ୍ୱର ଆସି ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ଏମ୍‌ଏଲ୍‌ସି ରିପୋର୍ଟ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଘଟଣସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ଶୁଭସ୍ମିତାଙ୍କ ମୋବାଇଲକୁ ପୋଲିସ ଜବତକରି ଖୋଳତାଡ଼ ଚଳାଇଛି। ଏଥିସହ ପୋଲିସ ସୋନାଲି ରହୁଥିବା ନୀଳାଦ୍ରିବିହାର ଏଟିଏମ୍ ଛକସ୍ଥିତ ଲେଡିଜ୍ ହଷ୍ଟେଲର ଅନ୍ତେବାସୀଙ୍କୁ ମଧ୍ୟ ପଚରାଉଚରା କରିଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ଶୁଭସ୍ମିତାଙ୍କର ରାତି ଡ୍ୟୁଟି ଥିଲା। ସେ ରାତି ପ୍ରାୟ ୨ଟାରେ ହସ୍ପିଟାଲର ବାଥ୍‌ରୁମ୍ ଯାଇ ଆଉ ଫେରି ନ ଥିଲେ। ସହକର୍ମୀମାନେ ସେଠାକୁ ଯାଇ ଦେଖିଲେ ଯେ, ବାଥ୍‌ରୁମ୍ ଭିତର ପଟୁ ବନ୍ଦ ଥିଲା। ଭିତରେ ଶୁଭସ୍ମିତା ଅଚେତ ହୋଇ ପଡିଥିବା ଦେଖି ଉଦ୍ଧାର କରି ବେଡ୍‌କୁ ନେଇଥିଲେ। ପରିବାର ଲୋକେ ପହଞ୍ଚି ହସ୍ପିଟାଲ ବେଡ୍‌ରେ ଶୁଭସ୍ମିତାଙ୍କ ହାତରେ ଇଞ୍ଜେକ୍ସନ ଫୋଡା ଚିହ୍ନ ରହିଥିବାବେଳେ ପାଟିରେ ଏକ ପାଇପ୍ ପଶି ରହିଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, ହସ୍ପିଟାଲର କେତେଜଣ ଅଧିକାରୀ ଶୁଭସ୍ମିତାଙ୍କୁ ନିର୍ଯାତନା ଦେଉଥିଲେ। ନିୟମିତ ରାତି ଡ୍ୟୁଟି ଦିଆଯାଉଥିବାରୁ ସେ ମାନସିକ ଚାପରେ ଥିଲେ। ରାଖୀ ପୂର୍ଣ୍ଣିମା ପାଇଁ ତାଙ୍କୁ ଛୁଟି ମିଳି ନ ଥିବାରୁ ସେ କାନ୍ଦିକାନ୍ଦି ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ଶୁଭସ୍ମିତାଙ୍କୁ ମୃତ୍ୟୁ ଘଟଣାକୁ ନେଇ ଶନିବାର ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା।

# ବିଶ୍ୱ ଆଦିବାସୀ ଦିବସ ପାଳନ କଲେ ସିଜିମାଳି ବାସିନ୍ଦା

ଭୁବନେଶ୍ୱର,୯।୮ (ସୁନିତ ମିଶ୍ର)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସିଜିମାଳି ପାହାଡ଼ ଅଞ୍ଚଳରେ ଶନିବାର ସ୍ଥାନୀୟ ଅଞ୍ଚଳବାସୀ ବିଶ୍ୱ ଆଦିବାସୀ ଦିବସ ପାଳନ କରିଛନ୍ତି। ଏଥିରେ ଶାଗବାରି, କଣ୍ଢାମାଳ, ସୁଙ୍ଗେର, ଅଦାଜୋର ସମେତ କଳାହାଣ୍ଡି ଜିଲା ଥୁଆମୂଳ-ରାମପୁର ଅଞ୍ଚଳର ବହୁସଂଖ୍ୟକ ଆଦିବାସୀ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ବିଭୀଷଣ ମାଝି ଓ ସଂଗ୍ରାମୀ ନେତା ଉପେନ୍ଦ୍ର ମାଝି ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମା' ମାଟି ମାଳି ସୁରକ୍ଷା ମଞ୍ଚ ମାର୍ଗଦର୍ଶକ ଲିଙ୍ଗରାଜ ଆଜାଦ, ଲକ୍ଷ୍ମଣ ମାଝି, ଦୁର୍ଯ୍ୟୋଧନ ନାଏକ ଓ ପାର୍ବତୀ ମାଝି ପ୍ରମୁଖ ସିଜିମାଳି ଖଣି ଖନନକୁ ଦୃଢ଼ ବିରୋଧ କରିଛନ୍ତି । ଏ ଅଞ୍ଚଳରେ ଖଣି ଖନନ ହେଲେ ଏଠାକାର ନିରୀହ ଆଦିବାସୀଙ୍କ ଜୀବିକା ନିର୍ବାହ ପନ୍ଥା ସମ୍ପୂର୍ଣ୍ଣ ଲୋପ ପାଇଯିବ ବୋଲି ଲିଙ୍ଗରାଜ କହିଛନ୍ତି। ଏଠାରେ ବହୁ ଚିରସ୍ରୋତା ଝରଣା, ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷଲତା ରହିଛି, ଯାହା ଖଣି ଖନନ ହେଲେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଏଥିସହିତ ପରିବେଶ ସମ୍ପୂର୍ଣ୍ଣ ଦୂଷିତ ହୋଇଯିବ ବୋଲି ଅଞ୍ଚଳବାସୀ କହିଛନ୍ତି।

# ୩ ଟ୍ରେନ ମାର୍ଗ ଅସ୍ଥାୟୀ ପରିବର୍ତ୍ତନ

ଭୁବନେଶ୍ୱର,୯।୮ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ ଡିଭିଜନ ଅଧୀନ କଟକ ରେଳ ଷ୍ଟେଶନରେ ଏୟାର କନକୋର୍ସ ଗ୍ରୀଡ୍ ନିର୍ମାଣ, ଗ୍ରାନାଇଟ ଫ୍ଲୋରିଂ ଏବଂ ପ୍ରିକାଷ୍ଟ କପିଂ ବ୍ଲକ ସହିତ ପ୍ଲାଟ୍‌ଫର୍ମ ପୃଷ୍ଠର ନବୀକରଣ, ପ୍ଲାଟ୍‌ଫର୍ମ ଆଶ୍ରୟସ୍ଥଳ, ଏୟାର କନକୋର୍ସ ପାଇଁ ପାଇଲ ଫାଉଣ୍ଡେଶନ ଓ ଷ୍ଟିଲ ସ୍ତମ୍ଭ ଏବଂ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ଏହି ପୁର୍ନବିକାଶ କାର୍ଯ୍ୟକୁ ଦୃଷ୍ଟିରେ ରଖି ଅଗଷ୍ଟ ୧୧ର ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ୪୦ ଦିନ ପାଇଁ ତିନୋଟି ଦୂରଗାମୀ ଟ୍ରେନର ମାର୍ଗ ପରିବର୍ତ୍ତନ କରାଯାଇଛି। ଏହି ଟ୍ରେନ୍‌ଗୁଡିକ ହେଲା ୧୨୫୧୫ କୋଏମ୍ବାଟୁର-ସିଲଚର ସାପ୍ତାହିକ ସୁପର-ଫାଷ୍ଟ ଏକ୍ସପ୍ରେସ, ୨୨୬୪୩ ଏର୍ଣ୍ଣାକୁଲମ-ପାଟନା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ ଏବଂ ୧୨୫୦୯ ବେଙ୍ଗାଲୁରୁ-ଗୌହାଟି ତ୍ରି-ସାପ୍ତାହିକ ଏକ୍ସପ୍ରେସ। ଏସବୁ ଟ୍ରେନ୍ ବାରଙ୍ଗ-କଟକ-କପିଳାସ ରୋଡ୍ ପରିବର୍ତ୍ତେ ବାରଙ୍ଗ-ନରାଜ ମାର୍ଥାପୁର-କପିଳାସ ରୋଡ୍ ଦେଇ ୩ ଦୂରଗାମୀ ଟ୍ରେନ ଚଳାଚଳ କରିବ। ଟ୍ରେନ୍‌ଗୁଡିକ ଅଗଷ୍ଟ ୧୧ରୁ ସେପ୍ଟେମ୍ବର ୨୧ ପର୍ଯ୍ୟନ୍ତ କଟକ ରେଳ ଷ୍ଟେଶନ ପରିବର୍ତ୍ତେ ନରାଜ ମାର୍ଥାପୁର ରେଳ ଷ୍ଟେଶନରେ ରହଣି କରିବ।




# ଆଜି ବାୟାବରରୁ ନିମାପଡ଼ା କଂଗ୍ରେସର ପଦଯାତ୍ରା

## ବଳଙ୍ଗା ପୀଡ଼ିତାଙ୍କୁ ପୋଡ଼ି ହତ୍ୟା ଘଟଣା

ଭୁବନେଶ୍ୱର, ୯।୮ (ସୁନିତ୍ ମିଶ୍ର)

ଭାଜପା ଶାସନରେ ନାରୀଙ୍କ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ନାରୀ ସମ୍ପୂର୍ଣ୍ଣ ଅସୁରକ୍ଷିତ ଏବଂ ଅବହେଳିତ। ନାବାଳିକା ସ୍କୁଲ ଛାତ୍ରୀଙ୍କଠାରୁ ବୟସ୍କା ମହିଳା କେହି ମଧ୍ୟ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ମାଲକାନଗିରି, ଗୋପାଳପୁର, ବାଲେଶ୍ୱର, ବଳଙ୍ଗା, ଜଗତ୍‌ସିଂହପୁର ଆଦି ରାଜ୍ୟର ସମସ୍ତ ଅଞ୍ଚଳରେ ଘଟୁଥିବା ନାରୀ ନିର୍ଯାତନା ଏହାର ଜ୍ୱଳନ୍ତ ପ୍ରମାଣ। ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ଦୀର୍ଘଦିନ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଧରିପାରିଲାନାହିଁ। ବଳଙ୍ଗା ପୋଡ଼ି ଘଟଣାର ୩ ଅଭିଯୁକ୍ତଙ୍କୁ ଗିରଫକରି ସ୍ୱର୍ଗତା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ବିରୋଧରେ ଓଡ଼ିଶା କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ରବିବାର ପଦଯାତ୍ରା ଅନୁଷ୍ଠିତ ହେବ। ସକାଳ ୯ଟା ସମୟରେ ବାୟାବର ପୋଡ଼ି ଘଟଣାସ୍ଥଳରୁ ପଦଯାତ୍ରା ଆରମ୍ଭ ହେବ। ପଦଯାତ୍ରା ସେଠାରୁ ଯାଇ ନିମାପଡ଼ାଠାରେ ପହଞ୍ଚିବ। ନିମାପଡ଼ାରେ ପଦଯାତ୍ରା ପହଞ୍ଚିଲା ପରେ ସେଠାରେ ଏକ ସାଧାରଣ ସଭା ହେବ। ଏହି 'ନାରୀ ନ୍ୟାୟ' ପଦଯାତ୍ରାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ରାଜ୍ୟ କଂଗ୍ରେସର ବହୁ ବରିଷ୍ଠ ନେତା ଓ ବହୁ ସଂଖ୍ୟାରେ ପୁରୀ ଜିଲା କଂଗ୍ରେସର କାର୍ଯ୍ୟକର୍ତ୍ତା ସାମିଲହେବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ବଳଙ୍ଗା ଝିଅକୁ ନ୍ୟାୟଦେବା ଏବଂ ନାରୀଙ୍କ ସୁରକ୍ଷା ପାଇଁ କଂଗ୍ରେସର ଏହି ନାରୀ ନ୍ୟାୟ ପଦଯାତ୍ରାରେ ସାମିଲହେବା ସକାଶେ ପିସିସି ସଭାପତି ପୁରୀ ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ନାରୀ ନିର୍ଯାତନାକୁ ନେଇ ସରକାର ତିଳେମାତ୍ର ବିଚଳିତ ନାହାନ୍ତି। ସରକାର ଯଦି ସାମାନ୍ୟ ପଦକ୍ଷେପ ଗ୍ରହଣକରି ପୀଡ଼ିତାମାନଙ୍କ ଦୁଃଖ ଶୁଣିଥାନ୍ତେ ତେବେ ସେମାନଙ୍କୁ ନ୍ୟାୟ ମିଳିଥାନ୍ତା ବୋଲି କଂଗ୍ରେସ କହିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଏମ୍‌ସି ପକ୍ଷରୁ ଗଣସଫେଇ, ସ୍ଥାନ:ଆପିକଲ ଛକ, ବରମୁଣ୍ଡା ଓଭର୍ ବ୍ରିଜ୍ ସର୍ଭିସ୍, ସମୟ:ସକାଳ ୬ଟା ୩୦।
- କେନ୍ଦ୍ରପଡ଼ା ଜିଲା ବିକାଶ ପରିଷଦ ପକ୍ଷରୁ କେନ୍ଦ୍ରାପଡ଼ା ଉତ୍ସବ-୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ଣ ୧୦ଟା।
- କଳିଙ୍ଗ ନାଟ୍ୟ ସଂଘ ଓଡ଼ିଶା ପକ୍ଷରୁ ନାଟ୍ୟ ଆଲୋଚନା ଚକ୍ର 'ଓଡ଼ିଆ ନାଟକରେ ଆମେ କେଉଁଠି ସ୍ଥାନ: ବିଜୁ ନାଟ୍ୟକେନ୍ଦ୍ର, ଶତାବ୍ଦୀର କଳାକାର, ସମୟ: ପୂର୍ବାହ୍ଣ ୧୦ଟା।
- ଗଉଡ଼ିୟା ମିଶନ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ୍ ସ୍ୱସ୍ତି ପ୍ରିମିୟମ,ଡିପ୍ ମହଲ୍ ହଲ୍, ସମୟ: ଅପରାହ୍ଣ ୪ଟା।
- କମ୍ରେଡ଼ ଶିବାଜୀ ପଟ୍ଟନାୟକ ସ୍ମାରକୀ ସଭା, ସ୍ଥାନ: ବୁଦ୍ଧମନ୍ଦିର ଅଡିଟୋରିୟମ୍, ୟୁନିଟ୍ ୩, ସମୟ: ଅପରାହ୍ଣ ୫ଟା।
- ପଦ୍ମଶ୍ରୀ ଗୁରମଣୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ୯୩ତମ ଜନ୍ମୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।

## କଟକ
- ନିବେଦିତା ପ୍ରଧାନ ସ୍ମୃତି ପରିଷଦ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ନିବେଦିତା ପ୍ରଧାନ ପାର୍କ ପରିସର, ସିଡିଏ ସେକ୍ଟର-୯, ସମୟ: ସକାଳ ୯ଟା। ନିବେଦିତା ପ୍ରଧାନ ସ୍ମାରକୀ ବକ୍ତୃତାମାଳା, ସ୍ଥାନ: ସିଡିଏ ସେକ୍ଟର-୬, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ନିମାପଡ଼ା ଓ ଗୋପ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପଦଯାତ୍ରା, ବାଇକ୍ ଶୋଭାଯାତ୍ରା ଓ ସାଧାରଣ ସଭା, ସ୍ଥାନ: ଦୁର୍ଗାମଣ୍ଡପ ପଡ଼ିଆ, ନିମାପଡ଼ା, ସମୟ: ଅପରାହ୍ଣ ୪ଟା।

## ବାଲେଶ୍ୱର
- ଭାଜପା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବାଣେଶ୍ୱର ମନ୍ଦିର ପରିସର, ପୁରୁଣା ବାଲେଶ୍ୱର, ସମୟ: ସକାଳ ୭ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ହୋଟେଲ ରମ୍ୟା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।

## ଭଦ୍ରକ
- ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଇଲେଭେନ ଷ୍ଟାର କ୍ଲବ୍, ଆଗରପଡ଼ା, ସମୟ: ପୂର୍ବାହ୍ଣ ୧୧ଟା।
- ଚିତ୍ରକଳା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ, ସ୍ଥାନ: ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ଣ ୧୧ଟା।
- ସ୍ୱର୍ଗତ ଭାଗୀରଥି ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଗରଦପୁର, ଭଦ୍ରକ, ସମୟ: ଅପରାହ୍ଣ ୪ଟା।

## କେନ୍ଦୁଝର
- ମାସ ଡ୍ରଗ୍ ଆଡମିନଷ୍ଟ୍ରେଶନ, ସ୍ଥାନ: ବାଟା ଛକ, ବଡ଼ବିଲ, ସମୟ: ସକାଳ ୯ ଟା।

## ମୟୂରଭଞ୍ଜ
- ଆମେ ବାରିଦା ପକ୍ଷରୁ ନ୍ୟାଶନାଲ ଥିଏଟର ଫେଷ୍ଟିଭାଲର ପ୍ରସ୍ତୁତି ବୈଠକ, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା, ସମୟ: ପୂର୍ବାହ୍ଣ ୧୦ଟା।
- ସଂକୁଳ ସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଚିତ୍ରଡା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ,ମୋରଡା, ସମୟ: ପୂର୍ବାହ୍ଣ ୧୦ଟା।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ, ସ୍ଥାନ:ଛଉ ପଡିଆ ବାରିପଦା, ସମୟ:ପୂର୍ବାହ୍ଣ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ: କଲେଜ ପଡିଆ ବାରିପଦା, ସମୟ: ପୂର୍ବାହ୍ଣ ୧୧ଟା।
- ଉଦଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ଣ ୧୧ଟା।
- ସ୍ୱାଧୀନତା ଦିବସ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କଲ୍ୟାଣୀ ମହିଳା ସମିତି ବାରିପଦା, ସମୟ:ଅପରାହ୍ଣ ୨ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଚିତ୍ରଡା ଶୀର୍ଷାପାଳ ଛକ, ମୋରଡା, ସମୟ: ଅପରାହ୍ଣ ୩ଟା।

## ଗଞ୍ଜାମ
- ସମୁଦ୍ର ପାଣିରୁ ମଧୁର ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ଆଇଆର୍‌ଇଏଲ୍ ପ୍ଲାଣ୍ଟ ମାଟିଖାଲ, ସମୟ: ସକାଳ ୯ ଟା।
- ଗରୀବ କଲ୍ୟାଣ ବିକାଶ ସମାବେଶ, ସ୍ଥାନ : ଅନଣ୍ଲୋ ଖେଳ ପଡ଼ିଆ, ସମୟ: ପୂର୍ବାହ୍ଣ ୧୦ ଟା।

## କନ୍ଧମାଳ
- ସ୍ୱାଧୀନତା ଦିବସ ଉପଲକ୍ଷେ ଦ୍ୱିତୀୟ ସେମି ଫାଇନାଲ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ବାଲିଗୁଡ଼ା, ସମୟ: ଅପରାହ୍ଣ ୩ ଟା।

## ଗଜପତି
- ପଦ୍ମଶ୍ରୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ୯୪ତମ ଜୟନ୍ତୀ, ସ୍ଥାନ: ନଗର ଭବନ ପାରଳାଖେମୁଣ୍ଡି, ସମୟ: ସନ୍ଧ୍ୟା ୬ଟା ୩୦।

## ଢେଙ୍କାନାଳ
- ସାମୂହିକ ଔଷଧ ସେବନ ଶୁଭାରମ୍ଭ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ପୂର୍ବାହ୍ଣ ୧୦ଟା।

## ଜଗତ୍‌ସିଂହପୁର
- ଓଡ଼ିଶା କଷ୍ଟମ୍ସ ବ୍ରୋକର ଆସୋସିଏଶନର କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ, ସ୍ଥାନ: ଟ୍ରେଡ୍ ସେଣ୍ଟର, ହନୁମାନ ମନ୍ଦିର ପାଖ, ପାରାଦୀପ, ସମୟ: ପୂର୍ବାହ୍ଣ ୧୦ଟା।
- ଆସ ଆମେ ଭଲ ମଣିଷ ହେବା ସଙ୍ଗଠନ ତରଫରୁ ଆଲୋଚନା ଚକ୍ର ଓ ପ୍ରତିଭା ସମ୍ମାନ ଉତ୍ସବ, ସ୍ଥାନ: ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମ ପରିସର, ତିର୍ତ୍ତୋଲ, ସମୟ: ପୂର୍ବାହ୍ଣ ୧୧ଟା।
- ସାଇ ସଂଗଠନ ପକ୍ଷରୁ ବାଲ ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ପାଇକସାହି, ଏରସମା, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ପରମହଂସ ପ୍ରଜ୍ଞାନନ୍ଦଜୀଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ହରିହରାନନ୍ଦ ଧ୍ୟାନ ମନ୍ଦିର, ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ପାଳନ, ସ୍ଥାନ: ତୁଳସୀ ମହିଳା ମହାବିଦ୍ୟାଳୟ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ଣ ୧୦ଟା।

## ଯାଜପୁର
- ବ୍ୟାସନଗର ନୂଆଖାଇ ପରିବାର ପକ୍ଷରୁ ନୂଆଖାଇ ଭେଟଘାଟ ପ୍ରସ୍ତୁତି ବୈଠକ, ସ୍ଥାନ: ଯାଜପୁରରୋଡ୍ କାଳିମେଳଣ ପଡ଼ିଆ,ସମୟ: ପୂର୍ବାହ୍ଣ ୧୦ଟା।

## ନୟାଗଡ଼
- କବି ସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ବର୍ଷାକାଳୀନ କବିତା ଆସର, ସ୍ଥାନ: ନୟାଗଡ଼ କେ.ସି. କ୍ଲବ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୦ଟା।
- ଖଣ୍ଡପଡ଼ା ରାଜା, ପୂର୍ବତନ ଉପ ବାଚସ୍ପତି, ମନ୍ତ୍ରୀ ତଥା ଖଣ୍ଡପଡ଼ାର ବିଧାୟକ ବିଭୂତି ଭୂଷଣ ମର୍ଦ୍ଦରାଜଙ୍କ ସ୍ମୃତି ଉଦ୍ଦେଶ୍ୟରେ ସର୍ବ ଧର୍ମ ପ୍ରାର୍ଥନା ଓ ସ୍ମୃତି ଚାରଣ ସଭା, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ମଣ୍ଡପ, ସମୟ: ଅପରାହ୍ଣ ୫ଟା ।

## ନବରଙ୍ଗପୁର
- ତହସିଲ ୧୧ ଏବଂ ଓକିଲ ସଂଘ ୧୧ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ, ସ୍ଥାନ: ଉମରକୋଟସ୍ଥିତ ଯୁଭି ୩ ଖେଳ ପଡ଼ିଆ, ସମୟ: ପୂର୍ବାହ୍ଣ ୧୦ଟା।

## କୋରାପୁଟ
- ବାର୍ଷିକ ନବାନ୍ନ ମହୋତ୍ସବ, ସ୍ଥାନ: ଭୀମଭୋଇ ମହିମା ଧର୍ମ ଗବେଷଣା ପରିଷଦ,ମସୁରୀ ବାଡେଲ, ନନ୍ଦପୁର, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି
- ଜିଲା ଯୁବ କଂଗ୍ରେସ କମିଟିର ଯୁବ ଅଧିକାର ସମାବେଶ,ସ୍ଥାନ: ବାଲିମେଳା ଟାଉନ ହଲ ସମୟ: ପୂର୍ବାହ୍ଣ ୧୦ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା ।
- ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ : ଦାନୀବନ୍ଧ ସ୍ଥିତ ବ୍ରହ୍ମାକୁମାରୀ ଆଶ୍ରମ, ସମୟ : ପୂର୍ବାହ୍ଣ ୧୦ଟା ।
- କଲମ ପରିବାର ଆୟୋଜନରେ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ ସମୟ : ପୂର୍ବାହ୍ଣ ୧୦ଟା ।
- ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦ ପକ୍ଷରୁ ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ଅପରାହ୍ଣ ୫ଟା ।
- ସ୍ୱୀକାର ଆୟୋଜିତ ଗଙ୍ଗାଧର ସାହିତ୍ୟ ଓ ସଙ୍ଗୀତ ଉତ୍ସବ, ସ୍ଥାନ : ଫାର୍ମରୋଡ ସ୍ଥିତ ଡ. ରାଧାନାଥ ରଥ କମ୍ୟୁନିଟି ସେଣ୍ଟର, ସମୟ : ପୂର୍ବାହ୍ଣ ୧୦ଟା ।
- ଝୁଲଣ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର
- 'ବଲାଙ୍ଗୀରର ବିକାଶ ପରିପ୍ରେକ୍ଷୀରେ କିଶନ ପଟ୍ଟନାୟକ ଦୃଷ୍ଟିଭଙ୍ଗୀ' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାର, ତେଲିଗୋଠପଡା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ।

## ରାଉରକେଲା
- ଡେଙ୍ଗୁ ସଚେତନତା କର୍ମଶାଳା, ସ୍ଥାନ: ସେକ୍ଟର-୨୦ ବୈକୁଣ୍ଠ ଘାଟ, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋଏଲନଗର, ସମୟ: ସକାଳ ୯ଟା।
- ମଧୁମୟ ବିଶ୍ୱ ଗଠନରେ ଗଙ୍ଗାଧର ସାହିତ୍ୟର ଭୂମିକା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ମ୍ୟୁନିସିପାଲ କଲେଜ, ସମୟ: ପୂର୍ବାହ୍ଣ ୧୦ଟା।
- ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ ପାଳନ, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା।
- ଇପିଏସ୍-୯୫କୁ ନେଇ ବିଏମ୍‌ଏସ୍‌ର ପାଠଶାଳା, ସ୍ଥାନ: ସେକ୍ଟର-୪ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଗଙ୍ଗାଧର ମେହେର ଜୟନ୍ତୀ,ସ୍ଥାନ:ନାକଡିହି, ସମୟ:ସକାଳ ୯ଟା।
- ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଫାଇଲେରିଆ ନିରାକରଣ ଅଭିଯାନ,ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ,ଭବାନୀପୁର,ସମୟ:ପୂର୍ବାହ୍ଣ୧୦ଟା୩୦।

## ବରଗଡ଼
- ରାସ୍ତାପାର୍ଶ୍ୱରେ ଚାରାରୋପଣ,ସ୍ଥାନ:ସୋଢା, ପାଇକମାଳ,ସମୟ:ପୂର୍ବାହ୍ଣ ୧୦ଟା।
- ରାଜ୍ୟସ୍ତରୀୟ ଗଙ୍ଗାଧର ଜୟନ୍ତୀ ସମାରୋହ, ସ୍ଥାନ: ଗଙ୍ଗାଧର କଲ୍ୟାଣ ମଣ୍ଡପ, ବରପାଲି, ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ପୂର୍ବାହ୍ଣ ୧୦ଟା।
- କଳାହାଣ୍ଡିର କୃଷି ଓ କୃଷକଙ୍କ ଉପରେ ଆଲୋଚନାଚକ୍ର, ସ୍ଥାନ: ଭବାନୀପାଟଣା ଏସ୍‌ଏନ୍ ସଭାଗୃହ, ସମୟ: ପୂର୍ବାହ୍ଣ ୧୧ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ସହର ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଗଙ୍ଗାଧର ମେହେର ଜୟନ୍ତୀ ପାଳନ ସଭା, ସ୍ଥାନ: ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା।
- ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ବୀରମହାରାଜପୁର ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା।

## ନୂଆପଡ଼ା
- ନୂଆପଡ଼ା ବାନରସେନା ମଞ୍ଚ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଦର୍ଲିପଡ଼ା ପଞ୍ଚାୟତ ସିଲେଟପାଣି ଗାଁ, ସମୟ: ସକାଳ ୯ଟା।
- ୧୬ ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଖେଳପଡିଆ ଖଡ଼ିଆଳ, ସମୟ: ଅପରାହ୍ଣ ୪ଟା।
- ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଯୋଗଦାନ, ସ୍ଥାନ: ନୂଆପଡ଼ା ସର୍କିଟ ହାଉସ, ସମୟ: ଅପରାହ୍ଣ ୪ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭ ସକାଶେ ମନ ବଳାଇବେ। ଗୁରୁଜନଙ୍କ ପରାମର୍ଶକ୍ରମେ କାମ କଲେ ସମସ୍ୟାର ସମାଧାନ ହେବା ସମ୍ଭାବନା ରହିଛି। ପାରିବାରିକ ଅଶାନ୍ତି ଲାଗି ରହିଥିଲେ ମଧ୍ୟ ମନକୁ ବୁଝାଇ ରହିବାକୁ ବାଧ୍ୟ ହେବେ।

**ବୃଷ**
କର୍ମକ୍ଷେତ୍ରର ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ, କିନ୍ତୁ ଅନ୍ୟମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିବେ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ ପ୍ରଭୃତିରେ ପ୍ରଶଂସିତ ହୋଇପାରନ୍ତି। ଆର୍ଥିକ ସ୍ଥିତି କମ୍‌ଜୋର୍ ରହିବା ଫଳରେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିବ।

**ମିଥୁନ**
ଭଲ ସମ୍ପର୍କ ନଥିବା ବ୍ୟକ୍ତି ସମସ୍ୟାକୁ ବଢ଼ାଇ ଦେବେ। ସମସ୍ୟା ଆସିଲେ ମଧ୍ୟ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି, ଯାହାକି କଳହର କାରଣ ହୋଇପାରେ। ପୁରାତନ ରୋଗର ପୀଡ଼ା ସାମୟିକ ମନକୁ ବିଷାଦିତ କରିବାର ଆଶଙ୍କା ରହିଛି।

**କର୍କଟ**
ଆଜି ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ତଥା ବନ୍ଧୁଙ୍କ ମଧ୍ୟରେ ପ୍ରଶଂସିତ ହେବେ। ସମ୍ପର୍କୀୟଙ୍କ ସହାୟତାରେ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ଆଶଙ୍କା ରହିଛି।

**ସିଂହ**
ଆଜି ଆପଣ ଯାହା ପାଇବାକୁ ଇଚ୍ଛା କରୁଛନ୍ତି, ତାହା ନିଶ୍ଚିତ ପାଇପାରିବେ। ଇଚ୍ଛା ନ ଥାଇ ମଧ୍ୟ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବାର ସୌଭାଗ୍ୟ ଅର୍ଜନ କରିବେ। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କନ୍ୟା**
କାମଗୁଡ଼ିକ ଝାମେଲା ଭିତରେ ସମ୍ପନ୍ନ ହେବାରୁ ମନରେ ସରସତା ରହିବ ନାହିଁ। ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ ପ୍ରତିଶ୍ରୁତି ଦେଇ ପାଖ ମାଡ଼ିବ ନାହିଁ। ବ୍ୟବସାୟରେ କ୍ଷତି ଅଧିକ ହେବାର ଆଶଙ୍କା ରହିଛି। ପରିବାରର ସହମତି ନେଇ ଯାନ୍ତ୍ରିକ ଜିନିଷ କ୍ରୟ ବିକ୍ରୟ କରିବାକୁ ମନସ୍ଥ କରିପାରନ୍ତି।

**ତୁଳା**
ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅଭିଳାଷ ପୂରଣ ଦିଗରେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ମନ ଭଲ ନ ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେଇପାରନ୍ତି। ପଡ଼ୋଶୀମାନେ ସ୍ୱାର୍ଥ ସାଧନ ମାନସରେ ମନ ବୁଝିଲା ଭଳି କଥା କହି କାର୍ଯ୍ୟ ହାସଲ କରିବେ।

**ବିଛା**
କର୍ମକ୍ଷେତ୍ରରେ ଅନ୍ୟମନସ୍କ କାରଣରୁ ଟଙ୍କା ପଇସା ହଜିଯାଇପାରେ। ସାମାଜିକ ସ୍ତରରେ ସାହସିକତା ପ୍ରଦର୍ଶନ କରି ବନ୍ଧୁଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେବେ। କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବାର ସୌଭାଗ୍ୟ ପ୍ରାପ୍ତ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ସମାଧାନ ପୂର୍ବକ ଆଶ୍ୱସ୍ତି ଲାଭ କରିବେ।

**ଧନୁ**
ସାମାଜିକ କ୍ଷେତ୍ରରେ ଭଲ ବ୍ୟବହାର ପ୍ରଦର୍ଶନ କରି ସମସ୍ତଙ୍କର ପ୍ରିୟପାତ୍ର ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ପାଖ ପଡ଼ୋଶୀଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସ୍ୱାସ୍ଥ୍ୟହାନି କାରଣରୁ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ।

**ମକର**
ଆଜି ସକାଳୁ ସକାଳୁ କୌଣସି ବନ୍ଧୁଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। କଳା, ସାହିତ୍ୟରେ, ପରିବାର ଭିତରେ, ପରିବହନରେ ରହିଥିବା ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସ୍ଥଗିତ ରହିଥିବା ନିର୍ମାଣ କାର୍ଯ୍ୟରେ ଉନ୍ନତି ପରିଲକ୍ଷିତ ହେବାର ଆଶା ରହିଛି।

**କୁମ୍ଭ**
ଅନ୍ୟମାନଙ୍କ ସହ ନିଜକୁ ତୁଳନା କରି କେତେକ କ୍ଷେତ୍ରରେ ନିଜକୁ ନ୍ୟୁନ ମନେ କରିପାରନ୍ତି। କାମଗୁଡ଼ିକ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇପାରୁଛି ଆପଣଙ୍କ ପାଇଁ ତାହା ନ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ବିଜାତୀୟ ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ବାହାରକୁ ଯିବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ବିଷୟରେ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ।

ଆଜି ଅଗଷ୍ଟ ୧୦ ତାରିଖ, ଡେଙ୍ଗୁ ନିରୋଧକ ଦିବସ, ଭାଦ୍ରବ କୃଷ୍ଣ ପ୍ରତିପଦାଯୁକ୍ତ ଦ୍ୱିତୀୟା ରବିବାର, ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଶେଷ, ଖୁଦୁରୁକୁଣୀ ଓଷା ପ୍ରଥମ ପାଳି, ରାଶିନକ୍ଷତ୍ର-ଦିବା ଘ.୦୧।୫୨ ପର୍ଯ୍ୟନ୍ତ ଧନିଷ୍ଠା/କୁମ୍ଭ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୯ ଗତେ ଘ.୦୭।୪୪ ମଧ୍ୟେ, ଘ.୦୧।୨୭ ଗତେ ଘ.୦୧।୫୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୪।୩୯ ଗତେ ଘ.୦୬।୧୪ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମାଘର ଜାଡ଼,**
**ଭାଙ୍ଗେ ହାଡ଼।**

ବରଷକ ଛ' ଋତୁ। ଋତୁ ଅନୁସାରେ ଖରା, ବର୍ଷା ଓ ଶୀତକାକର ଆଦି ଆସିଥାଏ ଏବଂ ଯାଇଥାଏ। ତେବେ ମାଘମାସରେ ଶୀତର ପ୍ରକୋପ ଅଧିକ ହୋଇଥାଏ। ଏପରିକି ହାଡ଼ ଥରିଉଠେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ମାଛ ମାରିଗଲି ମୀନ,**
**ଝିଅଟି ସୁନ୍ଦର ଜୋଇଁଟି ହୀନ,**
**କେମନ୍ତେ ସାରିବ ଦିନ ।**

ଝିଅର ସୁଖଦ ଭବିଷ୍ୟତ ପାଇଁ ପ୍ରତ୍ୟେକ ପିତାମାତା ଝିଅ ଲାଗି ଉଚିତ୍ ପାତ୍ର ଚୟନ କରିଥାନ୍ତି। ତେବେ ଯୋଡ଼ି ଚୟନ କରିବାରେ ଯଦି କିଛି ଭୁଲ୍ ହୋଇଯାଏ ବା ଜୋଇଁଟି ପଛରେ ଅଯୋଗ୍ୟ ବୋଲି ଜଣାପଡ଼ିଯାଏ, ସେତେବେଳେ ସାରା ଜୀବନ ଦୁଃଖକଷ୍ଟ ପାଇବା ଝିଅ କପାଳରେ ଲେଖା ହୋଇ ରହିଯାଏ। ଭାଗ୍ୟ ମନ୍ଦ ଘଟିବା ଭଳି ଝିଅର ସଂସାର ଉଚ୍ଛନ୍ନ ହୋଇଯାଏ। ଏ ପରିସ୍ଥିତିରେ ଝିଅଘର ଲୋକେ ଝିଅର ଭବିଷ୍ୟତ କଥା ଭାବି ବ୍ୟତିବ୍ୟସ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ୬ ପାକ୍ ଯୁଦ୍ଧବିମାନ ...

ଶନିବାର ଆୟୋଜିତ ଷୋଡ଼ଶ ଏୟାର ଚିଫ୍ ମାର୍ଶଲ ଏଲ୍.ଏମ୍. କାତ୍ରେ ବକ୍ତୃତାମାଳାରେ ଆଇଏଏଫ୍ ମୁଖ୍ୟ କହିଛନ୍ତି, ୩୦୦ କି.ମି.



ଅମରପ୍ରୀତ ସିଂ

ଦୂରରୁ ଖସାଯାଇଥିବା ବୃହତ୍ ଏୟାରକ୍ରାଫ୍ଟଟି ଏକ ସର୍ଭିଲାନ୍ସ ପ୍ଲେନ୍ (ଇଏଲ୍‌ଆଇଏନ୍‌ଟି କିମ୍ବା ଏଇଡବ୍ଲ୍ୟୁଆଣ୍ଡ୍‌ସି) ହୋଇଥାଇପାରେ। ବାସ୍ତବରେ ଏହା ଭୂପୃଷ୍ଠରୁ ଆକାଶମାର୍ଗରେ ଖସାଯାଇଥିବା ସବୁଠୁ ବଡ଼ ଯୁଦ୍ଧବିମାନ। ରୁଷିଆ ନିର୍ମିତ ଏସ୍‌୪୦୦ ଆମ ପାଇଁ ଏକ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା। ଏହି ସିଷ୍ଟମ୍‌ର ରେଞ୍ଜ ଯୋଗୁ ପାକିସ୍ତାନର ସବୁ ଅପଚେଷ୍ଟାକୁ ପ୍ରତିହତ କରାଯାଇପାରିଥିଲା। ଏଭଳି ସ୍ଥିତିରେ ସଂଘର୍ଷ ଅଧିକ ସମୟ ଜାରି ରହିଲେ କ୍ଷତି ବଢ଼ିବା ଆଶଙ୍କା କରି ପାକିସ୍ତାନୀ ପକ୍ଷ ଅସ୍ତ୍ରବିରତି ପାଇଁ ପ୍ରସ୍ତାବ ଦେଇଥିଲା। ଭାରତୀୟ ସଶସ୍ତ୍ର ବଳକୁ ଯୋଜନା ଓ ଆକ୍ରମଣ କରିବାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିବାରୁ ଦେଶର ନେତୃତ୍ୱକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ବାୟୁସେନା ମୁଖ୍ୟଙ୍କ ମୁହଁରୁ ଏହା ଶୁଣିବା ପରେ କାର୍ଯ୍ୟକ୍ରମରେ ଉପସ୍ଥିତ ଏୟାରଫୋର୍ସ ଅଧିକାରୀ, ଭେଟେରାନ୍‌ଙ୍କ ସହ ସରକାରୀ ଅଧିକାରୀମାନେ ଉଲ୍ଲସିତ ହୋଇଯାଇଥିଲେ। ଅନ୍ୟପକ୍ଷେ ଭାରତ ପାକିସ୍ତାନର କେଉଁ ଧରଣର ଯୁଦ୍ଧବିମାନଗୁଡ଼ିକୁ ଖସାଇଥିଲା, ବାୟୁସେନା ମୁଖ୍ୟ ସେନେଇ କିଛି ସ୍ପଷ୍ଟ କରିନାହାନ୍ତି। କିନ୍ତୁ ସେ କହିଛନ୍ତି, ଏୟାରଷ୍ଟ୍ରାଇକ୍ ବେଳେ ଦକ୍ଷିଣପୂର୍ବ ପାକିସ୍ତାନର ଦୁଇଟି ବାୟୁସେନା ଘାଟିରେ ଥିବା ଆଉ ଏକ ସର୍ଭିଲାନ୍ସ ପ୍ଲେନ୍ ସହ କିଛି ଏଫ୍‌୧୬ ଫାଇଟର୍ସକୁ ମଧ୍ୟ ଟାର୍ଗେଟ କରାଯାଇଥିଲା ବୋଲି ବାୟୁସେନା ମୁଖ୍ୟ କହିଛନ୍ତି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହାକୁ ଖଣ୍ଡନ କରି କହିଛନ୍ତି, ଭାରତ ଆମର କୌଣସି ଗୋଟିଏ ବି ସାମରିକ ବିମାନକୁ ଖସାଇ ନାହିଁ। ଆଇଏଏଫ୍ ମୁଖ୍ୟ ଭୁଲ୍ ସମୟରେ ଏହି ବିଳମ୍ବିତ ଦାବି କରିଛନ୍ତି। ଉଭୟ ପକ୍ଷ ନିରପେକ୍ଷ ଯାଞ୍ଚ ପାଇଁ ନିଜ ନିଜ ଏୟାରକ୍ରାଫ୍ଟ ଇନ୍‌ଭେଣ୍ଟୋରିଗୁଡ଼ିକୁ ଛାଡ଼ି ଦିଅନ୍ତୁ। ସତ ପଦାକୁ ଆସିବ।

ମୁଖ୍ୟତଃ ଚାଇନା ନିର୍ମିତ ଜେଟ୍ ଏବଂ ୟୁଏସ୍ ଏଫ୍-୧୬ଗୁଡ଼ିକୁ ନେଇ ପରିଚାଳିତ ପାକିସ୍ତାନୀ ବାୟୁସେନା ମେ' ୭-୧୦ରେ ଦୁଇ ଆଣବିକ ଅସ୍ତ୍ର ସମ୍ପନ୍ନ ପଡ଼ୋଶୀଙ୍କ ମଧ୍ୟରେ ସଂଘର୍ଷ ବେଳେ ଭାରତ ପଟୁ ଗୋଟିଏ ହେଲେ ଯୁଦ୍ଧବିମାନ ଖସାଯାଇ ନ ଥିବା ବିଷୟ ଏହା ପୂର୍ବରୁ କହିସାରିଛି। ଏଥିସହ ଫ୍ରାନ୍ସ ନିର୍ମିତ ଏକ ରାଫାଲ ଫାଇଟର ସମେତ ଭାରତର ୬ ଯୁଦ୍ଧବିମାନ ଖସିଇଥିବା ଦାବି କରିଥିଲା। ଫ୍ରାନ୍ସ ବାୟୁସେନା ମୁଖ୍ୟ ଜେରୋମି ବେଲ୍ଲାଙ୍ଗର ପୂର୍ବରୁ କହିଥିଲେ, ଗୋଟିଏ ରାଫାଲ ସମେତ ୩ ଭାରତୀୟ ଫାଇଟର୍ସ ଖସିଥିବା ନେଇ ସେ ପ୍ରମାଣ ପାଇଛନ୍ତି। କିନ୍ତୁ ଏହା ଉପରେ ଭାରତୀୟ ବାୟୁସେନା ଅଦ୍ୟାବଧି କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ। ତେବେ ବାୟୁସେନା ମୁଖ୍ୟଙ୍କ ସଦ୍ୟ ପ୍ରଘଟକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ' ୧୦ ସନ୍ଧ୍ୟାରେ ହଠାତ୍ କାହିଁକି ଅପରେଶନ ସିନ୍ଦୂରକୁ ବନ୍ଦ କରିଦେଲେ ? ପ୍ରଧାନମନ୍ତ୍ରୀଙ୍କ ଉପରେ କେଉଁଠୁ ଚାପ ପଡ଼ିଥିଲା ଏବଂ ସେ ଏତେ ଶୀଘ୍ର କାହିଁକି ମୁଣ୍ଡ ନୁଆଇ ହାର ମାନିଯାଇଥିଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ 'X' ରେ ପ୍ରଶ୍ନ କରିଛନ୍ତି।

## ମହିଳାଙ୍କ ପାଇଁ ଆଶାର ...

ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଜିଲାର ବିକାଶ ଆହୁରି ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶୀଘ୍ର ଜୟପୁରରୁ ଭୁବନେଶ୍ୱରକୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଜୟପୁର ପେପର ମିଲ୍ ପୁନର୍ବାର ଚାଲୁ ହେବ ଓ ଏକ ନୂତନ କଲେଜ ସ୍ଥାପନ ହେବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସମସ୍ତ ମହିଳାଙ୍କୁ ସଶକ୍ତକରି ଆତ୍ମନିର୍ଭର ଭାରତ ଗଢ଼ିବାରେ ସାମିଲହେବା ସରକାରଙ୍କ ଲକ୍ଷ୍ୟ ଥିବା ସେ କହିଛନ୍ତି। ସରକାର କୋଟିଆ ପଞ୍ଚାୟତର ମହିଳାମାନଙ୍କୁ ସଫଳ ଭାବେ 'ସୁଭଦ୍ରା' ଯୋଜନା ସହ ଯୋଡ଼ିପାରିଛନ୍ତି। କୋଟିଆ ପଞ୍ଚାୟତରେ ମୋଟ ୨,୦୭୮ ଆବେଦନକାରୀଙ୍କ ମଧ୍ୟରୁ ୧,୭୯୭ଜଣ ପ୍ରଥମ କିସ୍ତି ଓ ୧,୭୯୫ଜଣ ଦ୍ୱିତୀୟ କିସ୍ତି ପାଇଛନ୍ତି। ତୃତୀୟ କିସ୍ତି ବାବଦରେ କୋଟିଆର ୧,୭୮୩ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ପଠାଯାଇଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆମ ସରକାର ୧ ବର୍ଷ ମଧ୍ୟରେ ମହିଳା ସଶକ୍ତୀକରଣକୁ ଏକ ନୂତନ ଦିଗନ୍ତ ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପରିକଳ୍ପିତ ଏହି ସଶକ୍ତୀକରଣ କାର୍ଯ୍ୟକ୍ରମରେ ଏଯାଏ ଓଡ଼ିଶାରେ ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି। ସୁଭଦ୍ରା ଯୋଜନା ଅଧୀନରେ ଆମର ମା'ମାନଙ୍କୁ ସଶକ୍ତ କରିବା ନେଇ ସୁଭଦ୍ରା ପ୍ଲସ୍, ଉଦ୍ୟୋଗୀ କରିବା ପାଇଁ ସୁଭଦ୍ରା ଶକ୍ତିମେଳା କାର୍ଯ୍ୟକାରୀ କରାଯାଇଛି। କିଶୋରୀମାନଙ୍କ ପାଇଁ ସୁଭଦ୍ରା କିଶୋରୀ, ସଞ୍ଚୟ ପାଇଁ ସୁଭଦ୍ରା ସଞ୍ଚୟ, ସୁରକ୍ଷା ପାଇଁ ସୁଭଦ୍ରା ସୁରକ୍ଷା ଏବଂ ସାମୂହିକ ନେତୃତ୍ୱର ବିକାଶ ପାଇଁ ସୁଭଦ୍ରା ସଖୀ ଯୋଜନା କାର୍ଯ୍ୟକାରୀ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଥିଲେ, ସୁଭଦ୍ରା ଯୋଜନା ଟଙ୍କାକୁ ବ୍ୟବହାରକରି ରାଜ୍ୟର ଲକ୍ଷାଧିକ ମହିଳା ଛୋଟ ବଡ଼ ବ୍ୟବସାୟ ଆରମ୍ଭକରି ସେମାନଙ୍କ ଆର୍ଥିକ ସ୍ଥିତି ବଦଳାଇପାରିଛନ୍ତି। ଅନୁରୂପ ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ସୁଭ୍ରଦା ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନରେ ଉନ୍ନତି ଆଣିପାରିଛନ୍ତି। ଏହା ସେମାନଙ୍କ ସାମାଜିକ ସ୍ଥିତିକୁ ମଜଭୁତ କରି ସଫଳତା ପାଇଁ ସାଧନ ଓ ସୁଯୋଗ ଆଣିପାରିଛି ବୋଲି ସେ କହିଥିଲେ।

ଏହି ପରିପ୍ରେକ୍ଷୀରେ ୧ କୋଟି ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ପଠାଯାଇଥିଲା। ଏହି ଯୋଜନାରୁ ସଫଳତା ପାଇଥିବା ମହିଳାଙ୍କୁ ଓ ଏହାକୁ ସଫଳ କରାଉଥିବା ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣି ଓ ଷ୍ଟିଲ ମନ୍ତ୍ରୀ ବିଭୂତି ଭୂଷଣ ନାୟକ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, କୋରାପୁଟ ବିଧାୟକ ରଘୁରାମ ମାଛ, ନରସିଂହ ମାଡକାମୀ, ଗୌରୀ ଶଙ୍କର ମାଝୀ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ଜିଲାପାଳ ମନୋଜ ସତ୍ୟବାନ ମହାଜନ ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସ୍ୱାଗତ ଭାଷଣ ଦେଇଥିଲେ।

# ଟଙ୍କା ଫେରସ୍ତ ମାଗିବାରୁ ଭଡ଼ାଟିଆଙ୍କୁ ହତ୍ୟା

## ବ୍ରହ୍ମପୁରରେ ଚାଞ୍ଚଲ୍ୟ

### ଘର ସିଲ୍, ଭିତରେ ପଡ଼ିଛି ରକ୍ତଭିଜା ଖଣ୍ଡା

ବ୍ରହ୍ମପୁର, ୯।୮ (ସୁବାସ ଚନ୍ଦ୍ର ପାତ୍ରୀ)

ବନ୍ଧକ ରଖିଥିବା ଘରର ଟଙ୍କା ଫେରାଇବାକୁ ନେଇ ଦୁଇ ବନ୍ଧୁଙ୍କ ମଧ୍ୟରେ ଶତ୍ରୁତା ଉପୁଜି ଏହା ହତ୍ୟାକାଣ୍ଡରେ ପରିଣତ ହୋଇଛି। ବାରମ୍ବାର ଟଙ୍କା ମାଗି ନ ପାଇବାରୁ ଘର ମାଲିକ ଭଡ଼ା ସୂତ୍ରରେ ରହୁଥିବା ବ୍ୟକ୍ତିଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ବ୍ରହ୍ମପୁରରେ ଘଟିଥିବା ଏହି ହତ୍ୟାକାଣ୍ଡ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ମୃତକ ହେଲେ ରାଉତପେଣ୍ଠ ମୂଳନିବାସୀ ଶିବ ଶଙ୍କର ଓରଫ ଶଙ୍କର ମାଝୀ (୪୮)। ସେ ଜଣେ ଭିନ୍ନକ୍ଷମ ବୋଲି ଜଣାପଡିଛି। ପୋଲିସ ଉକ୍ତ ଘରକୁ ସିଲ୍ କରିଛି। ତେବେ ହତ୍ୟାରେ ବ୍ୟବହୃତ ରକ୍ତଭିଜା ଖଣ୍ଡା ଘର ଭିତରେ ପଡ଼ିଥିବା ଦେଖିବାକୁ ମିଳିଛି। ମୃତକଙ୍କ ଭାଇ ଚକାଡୋଳା ମାଝୀ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ନଂ. ୩୬୭/୨୫ରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଘଟଣାରୁ ପ୍ରକାଶ, ଶଙ୍କର ମାଝୀଙ୍କ ସ୍ତ୍ରୀ ବିଏମ୍‌ସିର ପୂର୍ବତନ କର୍ପୋରେଟର ଥିଲେ। କୌଣସି କାରଣରୁ ସେ ତାଙ୍କ ସ୍ତ୍ରୀ'ଙ୍କଠାରୁ ଅଲଗା ହୋଇ ତାଙ୍କ ବନ୍ଧୁ ଗୌରା ବେହେରାଙ୍କ ହରିଡାଖଣ୍ଡିସ୍ଥିତ ଗୌଡ଼ସାହିରେ ଥିବା ଘରକୁ ଭଡା ନେଇ ରହୁଥିଲେ। ଘର ମାଲିକ ଗୌରା ମଧ୍ୟ କିଛି କାରଣରୁ ନିଜ ସ୍ତ୍ରୀଙ୍କଠାରୁ ଅଲଗା ହୋଇ ଏହି ଘରେ ଆସି ରହୁଥିଲେ। ଗୌରା ଏହି ଘରଟିକୁ ବନ୍ଧା ସୂତ୍ରରେ ଶଙ୍କରଙ୍କୁ ଦେଇ ତାଙ୍କଠାରୁ ଅଢେଇ ଲକ୍ଷ ଟଙ୍କା ନେଇଥିଲେ। ଏହା ସତ୍ତ୍ୱେ ଉଭୟେ ଉକ୍ତ ଘରେ ରହି ଆସୁଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡା ହେଉଥିଲା। ତାଙ୍କ ଟଙ୍କା ଫେରସ୍ତ କରିଦେଲେ ସେ ଘର ଛାଡ଼ି ଚାଲିଯିବେ ବୋଲି ଶଙ୍କର ଗୌରାଙ୍କୁ କହୁଥିଲେ। ଗୌରା ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିଲେ।

ଶୁକ୍ରବାର ରାତିରେ ଗୌରା ଘରକୁ ଆସି ତାଙ୍କ ସହ ଝଗଡ଼ା କରିଥିଲେ। ପରେ ସେ ଏକ ଖଣ୍ଡାରେ ଶଙ୍କରଙ୍କୁ ହାଣି ଦେଇଥିଲେ। ଘର ଭିତରେ ରକ୍ତାକ୍ତ ଅବସ୍ଥାରେ ଶଙ୍କର ପଡିଥିବା ବେଳେ ଘରର ବାହାର ପଟୁ ତାଲା ପକାଇ ଗୌରା ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକ ୧୧୨କୁ ଫୋନ କରି ଜଣାଇଥିଲେ। ଘର ବାହାର ପଟୁ କବାଟ ବନ୍ଦ ଥିବାରୁ ବଡବଜାର ଥାନାକୁ ଖବର ଦିଆଯାଇଥିଲା। ପୋଲିସ ସେଠାରେ ପହଞ୍ଚି ତାଲା ଭାଙ୍ଗି ଶଙ୍କରଙ୍କୁ ଉଦ୍ଧାର କରି ଏମ୍‌କେସିଜିରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ଗୌରା ଘଟଣା ଘଟାଇ ଫେରାର ହୋଇଯାଇଛନ୍ତି। ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବାରୁ ତାଙ୍କୁ ଟ୍ରାକିଂ କରି ଧରିବାରେ କିଛିଟା ସମସ୍ୟା ହେଉଥିବା ପୋଲିସ କହିଛି।

# ସାନଭାଇକୁ ହତ୍ୟା ପରେ ପୋତିଥିଲେ ନାବାଳକ ବଡ଼ଭାଇ

- ଜୁନ୍ ୨୮ରୁ ସାନପୁଅ ନିଖୋଜ ନେଇ ଅଭିଯୋଗ କରିଥିଲେ ମା'
- ମା'ବାପା ସାନଭାଇକୁ ଅଧିକ ଭଲ ପାଉଥିଲେ: ବଡ଼ପୁଅ

ବଲାଙ୍ଗୀର/ ଟିଟିଲାଗଡ଼, ୯।୮ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)



ବଲାଙ୍ଗୀର ଏସ୍‌ପି ଅଭିଳାଷ ଜି ଟିଟିଲାଗଡ ଥାନାରେ ହତ୍ୟାକାଣ୍ଡ ସମ୍ପର୍କରେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

ସାମାନ୍ୟ ବଚସାରୁ ହିଂସ୍ର ହୋଇ ଯାଉଛନ୍ତି କିଶୋର। ଏପରି କି ରକ୍ତ ସମ୍ପର୍କକୁ ମଧ୍ୟ ଭୁଲି ଯାଉଛନ୍ତି। ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ସାମାନ୍ୟ କଳହରୁ ଜଣେ ନାବାଳକ ବଡ଼ଭାଇ (୧୭) ସାନଭାଇ(୧୨)କୁ ଛୁରିରେ ହତ୍ୟା କରିଛନ୍ତି। ଏପରି କି ଘଟଣା ସମ୍ପର୍କରେ କେହି ଯେପରି କିଛି ଜାଣି ନ ପାରିବେ, ସେଥିପାଇଁ ମୃତଦେହକୁ ପୋତି ଦେଇଥିଲେ। ଅପରକ୍ଷରେ ସାନପୁଅ ନିଖୋଜ ନେଇ ମା' ଗତ ଜୁନ୍ ୨୮ରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୧୬/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରାୟ ଦେଢ଼ମାସ ପରେ ଏବେ ଘଟଣାର ପର୍ଦ୍ଦାଫାଶ ହୋଇଛି। ଅଭିଯୁକ୍ତ ନାବାଳକ ଭାଇଙ୍କୁ ନେଇ ସିନ୍ ରିଏକ୍ରିଶନ କରିବା ସହ ହତ୍ୟାକାଣ୍ଡ ସମ୍ପର୍କରେ ଶନିବାର ବଲାଙ୍ଗୀର ଏସ୍‌ପି ଅଭିଳାଷ ଜି. ଟିଟିଲାଗଡ ଥାନାରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଟିଟିଲାଗଡ଼ ସହର ହାଟପଦାପଡ଼ା (ଗୋରୁବଜାରପଡ଼ା)ର ମାନସୀ ପୋଡ଼ ଏବଂ ତାଙ୍କ ସ୍ୱାମୀ ଚେରୁ ପୋଡ଼ ଦିନ ମଜୁରିଆ ଭାବେ କାମ କରନ୍ତି। ତାଙ୍କ ବଡ଼ପୁଅ ମାଟ୍ରିକ୍ ପଢ଼ିବା ପରେ ପାଠ ଛାଡ଼ି ଦେଇଥିଲେ। ସାନପୁଅ ସପ୍ତମ ଶ୍ରେଣୀରେ ପଢୁଥିଲା। ମାନସୀ ଓ ଚେରୁ କାମ କରି ଜୁନ ୨୮ ତାରିଖ ସନ୍ଧ୍ୟାରେ ଘରକୁ ଫେରିବା ପରେ ସାନପୁଅ ନିଖୋଜ ହୋଇ ଯାଇଥିବା ଜାଣିବାକୁ ପାଇଥିଲେ। ସେଦିନ ସନ୍ଧ୍ୟାରେ ବଡ଼ପୁଅ ଫିନାଇଲ ପକାଇ ଘର ଚଟାଣ ସଫା କରୁଥିବା ମାନସୀ ଦେଖିଥିଲେ। କାହିଁକି ସଫା କରୁଛୁ ବୋଲି ପଚାରିବାରୁ ମାଟି ଲାଗି ଯାଇଥିବାରୁ ସଫା କରୁଥିଲି ବୋଲି ବଡ଼ପୁଅ କହିଥିବା ପୋଲିସକୁ ମାନସୀ ଜଣାଇଥିଲେ। ଏଭଳି ସୂଚନା ପାଇବା ପରେ ପୋଲିସ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବଡପୁଅଙ୍କୁ ଡାକି ପଚାରିବାରୁ ସେ ନିଜେ ସାନଭାଇକୁ ହତ୍ୟାକରି ପୋତି ଦେଇଥିବା ସ୍ୱୀକାର କରିଥିଲେ। ଘଟଣା ଦିନ ରୋଷେଇଘର ଛୁରିରେ ସାନଭାଇଙ୍କୁ ହତ୍ୟା କରିବା ପରେ ଘର ପଛପଟ ସ୍ଥାନରେ ମାଟି ଖୋଳି ପ୍ରଥମେ ମୃତଦେହକୁ ପୋତିଦେଇଥିଲେ। ପରେ ମା'ବାପା ଶୋଇଯିବା ପରେ ବିଳମ୍ବିତ ରାତିରେ ପୋତିଥିବା ମୃତଦେହକୁ କାଢ଼ି କାନ୍ଧରେ ଟେକି ନେଇ ନାଳପାଖରେ ଆଉ ଥରେ ପୋତି ଦେଇଥିବା ପୋଲିସକୁ ଅଭିଯୁକ୍ତ ବଡ଼ପୁଅ ଶନିବାର ସିନ୍ ରିକ୍ରିଏଶନ୍ କରି ସୂଚନା ଦେଇଥିଲେ। ସାନପୁଅଙ୍କୁ ମା'ବାପା ଅଧିକ ସ୍ନେହ କରୁଥିବା ଏବଂ ପିଜୁଳି ଖାଇବାବେଳେ ଦୁଇ ଭାଇଙ୍କ କଳିରୁ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ବଡ଼ପୁଅଙ୍କ ସୂଚନାକୁ ଆଧାର କରି ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର, ପୋଲିସ ଟିମ୍ ଖୋଳତାଡ଼ କରିବା ପରେ ମାନସୀଙ୍କ ଘରଠାରୁ ପ୍ରାୟ ୩ ଶହ ମିଟର ଦୂର ଏକ ନାଳ ପାଖରେ ପୋତାଯାଇଥିବା ସ୍ଥାନରୁ ଶନିବାର ଗଳିତ ମୃତଦେହ ଏବଂ କଙ୍କାଳକୁ ଉଦ୍ଧାର କରାଯାଇଛି। ବ୍ୟବଚ୍ଛେଦ ଓ ପରୀକ୍ଷା ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଛି। ଏହି ହତ୍ୟାକାଣ୍ଡକୁ ଲୋକେ ସହଜରେ ବିଶ୍ୱାସ କରୁ ନ ଥିବା ଏବଂ ଏହା ଶିଶୁବଳି ହୋଇଥାଇପାରେ ବୋଲି ମଧ୍ୟ ଚର୍ଚ୍ଚା ହୋଇଛି। ତେବେ ଏନେଇ ଏସ୍‌ପି ଅଭିଳାଷଙ୍କୁ ପଚାରିବାରୁ ଶିଶୁବଳି ସନ୍ଦେହକୁ ମନା କରି ଦେଇଛନ୍ତି।

# ୧୪୬ ଗ୍ରାମ୍ ବ୍ରାଉନସୁଗାର ଜବତ, ୮ ଗିରଫ

### କାର୍, ୬ ମୋବାଇଲ, ବାଇକ୍ ଓ ନଗଦ ଟଙ୍କା ଜବତ

କେନ୍ଦୁଝର, ୯।୮ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ସଦର ପୋଲିସ ୧୪୬ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିଛି। ବେଆଇନ ନିଶା କାରବାରରେ ଜଡିତ ୮ଜଣଙ୍କୁ ଗିରଫ କରିଛି। ସେମାନେହେଲେ ସଦର ଥାନା ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମର ଅମିତ କୁମାର ସାହୁ(୩୬), ସୁଧିର ଚନ୍ଦ୍ର ବେହେରା(୩୭), ବନାଯୋଡ଼ି ଗ୍ରାମର ଶାନ୍ତନୁ ବ୍ରହ୍ମ(୪୫), ଟାଉନ ଥାନା ଅନ୍ତର୍ଗତ ମାଇନିଂ ରୋଡ୍‌ର ବିଶ୍ୱଜିତ୍ ତ୍ରିପାଠୀ(୨୬), ଭାଲୁକିପତଳା ଗ୍ରାମର ସରବନ ସାହୁ(୩୦), ବୁଲାଦୁଆର ସାହିର ସାହାରୁଖ ଖାନ(୨୫), ବାବୁଲାଲା କଲୋନୀର ସାହିଲ ଖାନ(୨୯), ଡୁରୁମୁଙ୍ଗା ଥାନା ଅଞ୍ଚଳର ଡୁରୁମୁଙ୍ଗା ସାହିର ଅନିଲ କୁମାର ସାହୁ(୩୬)। ଏ ନେଇ ସଦର ଥାନା ଅଧିକାରୀ ଅମିତ କୁମାର ଭୂୟାଁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ଚୋରା ବ୍ରାଉନସୁଗାରର ଅବୈଧ ପରିବହନ ସମ୍ପର୍କରେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। କେନ୍ଦୁଝର ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶ କ୍ରମେ ସଦର ପୋଲିସ ଏବଂ ସ୍ୱତନ୍ତ୍ର ସ୍କାଡ ଦ୍ୱାରା ଏକ ଦଳ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସଦର ଅଞ୍ଚଳରେ ବ୍ରାଉନସୁଗାର କାରବାର ସମୟରେ ଅମିତ, ସୁଧୀରଙ୍କୁ କାବୁ କରି ସେମାନଙ୍କ ନିକଟରୁ ୧୪୬ ଗ୍ରାମ ବ୍ରାଉନସୁଗାର ସହିତ ହିରୋ ଏଚ୍‌ଏଫ ଡିଲକ୍ସ ବାଇକ୍ ଜବତ କରିଥିଲେ। ପଚରାଉଚୁରା ସମୟରେ ଅଭିଯୁକ୍ତମାନେ ଅନୁଗୋଳ ପାର୍ଶ୍ୱରୁ ବ୍ରାଉନସୁଗାର ଆଣି ସଦର, ଟାଉନ, ଡୁରୁମୁଙ୍ଗା ଥାନା ଅଞ୍ଚଳରେ ବେଆଇନ ନିଶା ବ୍ୟବସାୟୀଙ୍କୁ ଯୋଗାଣ କରୁଥିବା କହିଥିଲେ। ଅଭିଯୁକ୍ତଙ୍କ ବୟାନ ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଟିମ୍ ଅନ୍ୟ ୬ ଜଣଙ୍କୁ ଗିରଫ କରିବା ସହ ଏକ କାର, ୨ ବାଇକ୍, ୬ ମୋବାଇଲ ଓ ନଗଦ ୪ ହଜାର ୯୦୦ଟଙ୍କା ଜବତ କରିଛି। ଏନେଇ ମାମଲା(ନଂ.୪୩୭/୨୫) ରୁଜୁ ହୋଇ ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବ୍ରାଉନ୍‌ସୁଗାର ଜବତ, ୨ କୋର୍ଟ ଚାଲାଣ

ପବିତ୍ରନଗର, ୯।୮ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ଥାନା ଦଣ୍ଡସିଂହା ଗ୍ରାମରେ ଜିଲା ପୋଲିସର ସ୍ପେଶାଲ ସ୍କାଡ୍ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇ ୫୪ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି କଣିହାଁ ଥାନା ଦଣ୍ଡସଂହା ଗ୍ରାମର ଗଣେଶ୍ୱର ମହାନ୍ତି ଓ କମରେଇ ଗ୍ରାମର ଜ୍ଞାନରଞ୍ଜନ ସାହୁ। ପୋଲିସର ସ୍ୱତନ୍ତ୍ର ସ୍କାଡ୍ ଦଣ୍ଡସିଂହା ଗ୍ରାମର ଗଣେଶ୍ୱର ମହାନ୍ତିଙ୍କ ଘରେ ଚଢ଼ାଉ କରି ବ୍ରାଉନସୁଗାର ଜବତ କରିବା ସହିତ ୪୮ହଜାର ୭ଶହ ଟଙ୍କା, ଏକ କାର୍, ଗୋଟିଏ ବୁଲେଟ, ସୁନା ଅଳଙ୍କାର, ମୋବାଇଲ ଓ ବ୍ୟାଙ୍କ କାଗଜପତ୍ର ଜବତ କରିଥିଲା।


DSPL - 199

**World Athletics Continental Tour Bronze**
**Parking Plan 10-08-2025**




| TYPE OF ENTRY | WALKING/ VEHICLE | STADIUM ENTRY | PLACE OF PARKING |
|---|---|---|---|
| Spectators | Walking | Gates 3 | ———— |
| Spectators | 2 Wheelers | Gates 4 | P1 |
| Spectators | 4 Wheelers | Gates 8B | P4 |
| Dignitaries | 4 Wheelers | Gates 1 | P7 & P8 |
| Officials | 4 Wheelers | Gates 4 | P6 & P5 |
| Media | 2 Wheelers 4 Wheelers | Gates 1 | P10 : Two Wheelers P8 : Four Wheelers |
| DSYS | 2 & 4 Wheelers | Gates 4, 8A | P5 : Four Wheelers P1 : Two Wheelers |
| SSPD Bus Entry | 4 Wheelers | Gates 4 | P9 |
| Bus Entry | 4 Wheelers | Gates 8 | P2 & P3 |
| Fire Tender & Ambulance | 4 Wheelers | Gate 4 | As per Plan |

Kalinga Stadium, Bhubaneswar

OIPR-29001/13/0102/2526



**BIJU PATTANAIK FILM & TELEVISION INSTITUTE OF ORISSA**
BOSE Campus, Cuttack-753 007
e-mail : bpftio123@gmail.com

**SPOT ADMISSION NOTICE FOR OJEE(BCAT) / JEE MAIN RANK HOLDERS**

Spot Counselling for the remaining vacant seats in 4 years degree course in **Sound Recording & Sound Design, Cinematography and Film Editing** shall be conducted for the Session 2025-26. **Candidates willing to join the institute in 1st semester can visit the Institute between 11th August to 14th August,2025 from 10.00 AM to 5.00 PM** with supporting documents i.e JEE main /OJEE (BCAT) rank card, Original mark sheet of CHSE or equivalent exam, HSC Certificate for date of birth, Passport size photograph & Aadhar card.

**Eligibility Criteria as per State Government guidelines:**

1. Candidates who have not participated in earlier rounds of OJEE counselling / who have withdrawn from the OJEE counselling process.
2. Candidates who have participated in earlier rounds of OJEE counselling but have not got allotment of seats/ allotted a seat but not confirmed / considered further due to any reason.
3. The candidate who have been issued Final Allotment letter after final round of OJEE counselling but have not reported at their allotted institution.

The candidates who get allotment in the spot round process, shall have to immediately make payment of Rs.26,000/- (for all category) as part admission fees, failing which his/her allotment will be cancelled.

**For any Queries Contact:**
8249889162, 9437069564, 9439978071

sd/- Director



DSPL-194



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ ଅଭିଯାନ**

**୧୦ - ୧୯ ଅଗଷ୍ଟ ୨୦୨୫**

ଏଥର ଅନୁଗୁଳ, ବାଲେଶ୍ୱର, ବରଗଡ଼, ଢ଼େଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାର ୧୧୫ଟି ନିର୍ଦ୍ଧାରିତ ୟୁନିଟ୍‌ରେ ଏହି କାର୍ଯ୍ୟକ୍ରମ ହେବ

- ଫାଇଲେରିଆ ନିରୋଧକ ଏବଂ କୃମିନାଶକ ଔଷଧ ସେବନ ବ୍ୟକ୍ତିର ସୁସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ସହ ସମାଜରୁ ଫାଇଲେରିଆ ରୋଗ ଦୂର କରିବା ପାଇଁ ଗୋଟିଏ ପାଦ ଆଗକୁ ବଢ଼ାଏ।
- ଫାଇଲେରିଆ ନିରୋଧକ ଔଷଧ ସହ କୃମିନାଶକ ଔଷଧ ମଧ୍ୟ ଏକସଙ୍ଗେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଆଯିବ।
- ଆଶାକର୍ମୀ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘର, ସ୍କୁଲ, କଲେଜ ଓ ଅଫିସ୍‌କୁ ଆସି ଏହି ଔଷଧ ଖୁଆଇବେ।
- ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ ଏବଂ ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଏ ଔଷଧ ଖାଇବା ମନା।

**ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା**

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

http://www.health.odisha.gov.in/ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର | facebook.com/HFWOdisha @HFWOdisha

OIPR-10003/13/0242/2526

ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ ମୁକ୍ତ ନୁହନ୍ତି। କେହି ମଧ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। -ଶ୍ରୀଅରବିନ୍ଦ



# ତିନି ଚୁକ୍ତି



ଆକାର ପଟେଲ

ଫେବୃଆରୀ ୨୦୧୮ରେ ଟ୍ରମ୍ପ ପ୍ରଶାସନ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଆମେରିକାର ରଣନୀତିକ ରୂପରେଖ ପ୍ରସ୍ତୁତ କରିଥିଲା। ଜାନୁଆରୀ ୨୦୨୧ରେ ସର୍ବସାଧାରଣରେ ପ୍ରକାଶ ପାଇଥିବା ଏ ସଂକ୍ରାନ୍ତୀୟ ରିପୋର୍ଟରେ କୁହାଯାଇଥିଲା ଯେ, ଚାଇନାର ଗୁପ୍ତ ତଥା ଉଦାରବାଦୀ ପ୍ରଭୁତ୍ୱକୁ ରୋକିବା ଲାଗି ରଣନୀତିକ ପ୍ରାଥମିକତା ବଜାୟ ରଖିବା ଆମେରିକାର ଉଦ୍ଦେଶ୍ୟ। ଚାଇନାର ଉତ୍ଥାନ ଆଞ୍ଚଳିକ ସ୍ତରରେ ପରିବର୍ତ୍ତନ ଆଣିବ ଏବଂ ବିଶ୍ୱସ୍ତରରେ ଆମେରିକାର ପ୍ରଭାବ ପ୍ରତି ଆହ୍ୱାନ ସୃଷ୍ଟି କରିବ। ଶେଷରେ କୁହାଯାଇଛି, ଏକ ଦୃଢ଼ ଭାରତ ତା'ଭଳି ଦେଶଗୁଡ଼ିକର ସହଯୋଗରେ ଚାଇନାକୁ ମୁକାବିଲା କରିବ। ଏଥିପାଇଁ ଆମେରିକା ସୁରକ୍ଷା ପ୍ରସଙ୍ଗରେ ଭାରତକୁ ଭାଗୀଦାରି କରିବାକୁ ଲକ୍ଷ୍ୟ ରଖିଥିଲା ଏବଂ ଚାଇନାର ପ୍ରଭାବକୁ ପ୍ରତିହତ କରି ସାମୁଦ୍ରିକ ସୁରକ୍ଷା ବଜାୟ ରଖିବାକୁ ଚାହୁଁଥିଲା। ଆମେରିକାର ଲକ୍ଷ୍ୟ ଥିଲା ଚାଇନା ବିରୋଧରେ ଭାରତ, ଜାପାନ, ଅଷ୍ଟ୍ରେଲିଆ ଓ ଆମେରିକାକୁ ନେଇ ଚତୁଃରାଷ୍ଟ୍ରୀୟ ସାମରିକ ମେଣ୍ଟ କ୍ୱାଡ ଗଠନ କରିବା। ଏହି ଯୋଜନା ଭାରତକୁ ଏକ ପ୍ରମୁଖ ପ୍ରତିରକ୍ଷା ଭାଗୀଦାରି କରିବ ଏବଂ ଶକ୍ତିଶାଳୀ ଭାରତୀୟ ସେନା ଆମେରିକା ସହଯୋଗରେ ଚାଇନାର ମିଲିଟାରି କ୍ଷମତାକୁ ରୋକିବ ବୋଲି ମନେକରିଥିଲା। ତେବେ କାହିଁକି ଏଥିରେ ସ୍ୱାକ୍ଷର କରୁଥିଲା ତାହା ସ୍ପଷ୍ଟ ହେଉନାହିଁ। ପାର୍ଲାମେଣ୍ଟରେ କୌଣସି ଆଲୋଚନା ନ କରି, ମିଡିଆକୁ କୌଣସି ବିବୃତି ନ ଦେଇ କିମ୍ୱା କୌଣସି ସାମ୍ବାଦିକ ସମ୍ମିଳନୀ କିମ୍ୱା ଇସ୍ତାହାରରେ ଏ ବିଷୟରେ କିଛି ଉଲ୍ଲେଖ ନ କରି ମୋଦି ଆମେରିକା ସହ ଏହି ରଣନୀତିକ ଭାଗୀଦାରି ଏବଂ ସାମରିକ ମେଣ୍ଟ ଭିତରକୁ ଧୀରେ ଧୀରେ ପ୍ରବେଶ କରିବା ଆରମ୍ଭ କଲେ। ଫେବୃଆରୀ ୨୦୨୦ରେ ଟ୍ରମ୍ପଙ୍କ ଭାରତ ଗସ୍ତ ସମୟରେ ଏବଂ ଲଦାଖ ସଙ୍କଟ ଆରମ୍ଭ ହେବାର କିଛିଦିନ ପୂର୍ବରୁ ଚାଇନା ବିରୋଧରେ ବୁଝାମଣା କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ ପାଇଥିଲା। ୨୭ ଅକ୍ଟୋବର ୨୦୨୦ରେ ଆମେରିକାର ପରରାଷ୍ଟ୍ର ସଚିବ ମାଇକ ପୋମ୍ପେଓଙ୍କ ଭାରତ ଗସ୍ତବେଳେ ବେସିକ ଏକ୍ସଚେଞ୍ଜ ଆଣ୍ଡ କୋଅପରେଶନ ଏଗ୍ରିମେଣ୍ଟ (ବିଇସିଏ)ରେ ଭାରତ ସ୍ୱାକ୍ଷର କରିଥିଲା। ଭାରତୀୟ ସେନାର କ୍ଷେପଣାସ୍ତ୍ର ଓ ସଶସ୍ତ୍ର ଡ୍ରୋନ୍‌ର ଲକ୍ଷ୍ୟଭେଦ କ୍ଷମତାରେ ଉନ୍ନତି ଆଣିବା ଲାଗି ଆମେରିକାର ଜ୍ଞାନକୌଶଳ ପାଇବା ପାଇଁ ଏହି ଚୁକ୍ତି ହୋଇଥିଲା। ୨୦୧୬ରେ କରାଯାଇଥିବା ଲଜିଷ୍ଟିକ୍ସ ଏକ୍ସଚେଞ୍ଜ ମେମୋରାଣ୍ଡମ୍ ଅଫ୍ ଏଗ୍ରିମେଣ୍ଟ (ଏଲ୍‌ଇଏମ୍‌ଓଏ) ଚୁକ୍ତି ଦୁଇ ଦେଶ ପରସ୍ପରର ଘାଟିଗୁଡ଼ିକର ଉନ୍ନତି ସହ ବିମାନ ଘାଟି, ବନ୍ଦରକୁ ଯୋଗାଣ ପାର୍ଟ୍ସ ଓ ସେବା ଯୋଗାଇଦେବାକୁ ଅନୁମତି ଦିଏ। ଦିଲ୍ଲୀରେ ବିଇସିଏ ଚୁକ୍ତି ସ୍ୱାକ୍ଷର କରି ପୋମ୍ପେଓ ସିଧାସଳଖ ଚାଇନାକୁ ଆକ୍ରମଣ କରିଥିଲେ। କେବଳ ଚାଇନା ସୃଷ୍ଟି କରୁଥିବା ବିପଦ ନୁହେଁ, ବରଂ ସବୁ ପ୍ରକାର ସଙ୍କଟର ମୁକାବିଲା କରିବା ସକାଶେ ସହଯୋଗକୁ ଦୃଢ଼ କରିବା ଲାଗି ଆମେରିକା ଓ ଭାରତ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ। ଆମେରିକାର ପରରାଷ୍ଟ୍ର ସଚିବ ମାଇକ ଏସ୍ପର କହିଥିଲେ, ଚାଇନା ଦ୍ୱାରା ବଢ଼ୁଥିବା ଉତ୍ତେଜନା ଓ ଅସ୍ଥିରତା ସୃଷ୍ଟି କରିବା ଭଳି କାର୍ଯ୍ୟକଳାପକୁ ଲକ୍ଷ୍ୟ କରି ସମସ୍ତଙ୍କ ପାଇଁ ଏକ ମୁକ୍ତ ଓ ଅବାଧ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ନିଶ୍ଚିତ କରିବା ଦିଗରେ ଆମେ କାନ୍ଧକୁ କାନ୍ଧ ମିଳାଇ ଛିଡ଼ା। କିନ୍ତୁ ପୋମ୍ପେଓ ଓ ଏସ୍ପରଙ୍କ କଡ଼କୁ ଠିଆ ହୋଇଥିବା ରାଜନାଥ ସିଂ ଓ ଏସ୍ ଜୟଶଙ୍କର ଚାଇନା ନାଁ ଧରି ନ ଥିଲେ। ଆମେରିକୀୟମାନେ ଚୁକ୍ତିକୁ ପ୍ରକାଶ କରିଦେବା ପରେ ଚାଇନା କହିଲା, "ଆମେରିକା ସବୁବେଳେ ଅନ୍ୟକୁ ଅସୁବିଧାରେ ପକାଇବା ଲାଗି ଗୋଷ୍ଠୀ ଗଢ଼ିବା ଏବଂ ଶୀତଳ ଯୁଦ୍ଧ ମାନସିକତାକୁ ଭାଙ୍ଗିଦେବା ଭଳି ପ୍ରସ୍ତାବ ଦେଇ ଏଭଳି କାର୍ଯ୍ୟ ତାହାକୁ ଏକ ସମସ୍ୟା ସୃଷ୍ଟିକାରୀ ଦେଶ ଭାବେ ପ୍ରତିପାଦିତ କରିଛି, ଯିଏ ଆଞ୍ଚଳିକ ଶାନ୍ତି, ସ୍ଥିରତା, ଏକତା ଓ ସହଯୋଗକୁ ଦୁର୍ବଳ କରିଚାଲିଛି।" ଆମେରିକା ଚୁକ୍ତିକୁ ପ୍ରକାଶ କରିବା ପରେ ଭାରତ ସାର୍ବଜନୀନ ସ୍ତରରେ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ନ ଥିଲା।

ତୃତୀୟ ଚୁକ୍ତି ଭାବେ କମ୍ୟୁନିକେସନ୍ସ କମ୍ପାଟିବିଲିଟି ଆଣ୍ଡ ସିକ୍ୟୁରିଟି ଏଗ୍ରିମେଣ୍ଟ (ସିଓଏମ୍‌ସିଏସ୍‌ଏ) କରାଯାଇଥିଲା। ଏଥିରେ ଭାରତ ସୁରକ୍ଷିତ ସଂଚାର ଉପକରଣ ଏବଂ ତା' ସହିତ ଜଡ଼ିତ ବ୍ୟବସ୍ଥା ପାଇବାର ପ୍ରାବଧାନ ରହିଥିଲା, ଯେଉଁଥିରେ ଭାରତ ଓ ଆମେରିକାର ମିଲିଟାରି କମାଣ୍ଡରମାନେ ଏବଂ ଦୁଇ ଦେଶର ବିମାନ ଓ ଜାହାଜ ସୁରକ୍ଷିତ ନେଟୱର୍କ ମାଧ୍ୟମରେ ଯୋଗାଯୋଗ କରିପାରିବେ। ସିଓଏମ୍‌ସିଏସ୍‌ଏ ସେପ୍ଟେମ୍ବର ୨୦୧୮ରେ ସ୍ୱାକ୍ଷରିତ ହୋଇଥିଲା ଏବଂ ଏହାର ୫ ମାସ ପରେ ମୋଦି ଶି ଜିନ୍‌ପିଙ୍ଗଙ୍କ ସାକ୍ଷାତ କରିବା ପାଇଁ ଉହାନ ଯାଇଥିଲେ। ୨୮ ଏପ୍ରିଲ ୨୦୧୮ରେ ମୋଦି ଓ ଜିନ୍‌ପିଙ୍ଗଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଚାଇନା ଓ ଭାରତ ପରସ୍ପରର ଶତ୍ରୁ ନ ହୋଇ ସହଯୋଗ କରିବେ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶକୁ ଆଗକୁ ବଢ଼ାଇବେ ବୋଲି ଉଭୟ ଦେଶ ଦ୍ୱାରା ସ୍ୱୀକୃତି କରାଯାଇଥିଲା। ଜିନ୍‌ପିଙ୍ଗଙ୍କ ସହ ହାତ ମିଳାଇବା ବେଳେ ମୋଦି ମଧ୍ୟ ଟ୍ରମ୍ପଙ୍କ ଭାରତ- ପ୍ରଶାନ୍ତ ମହାସାଗରୀୟ ରଣନୀତିକୁ ସମର୍ଥନ କରୁଥିଲେ। ପରେ ଚାଇନା ଲଦାଖ ସୀମାରେ ତାହାର ସକ୍ରିୟତା ପ୍ରକାଶ କରିଥିଲା, ଯେପରିକି ଭାରତର ସେନା ସମୁଦ୍ରରେ ଧ୍ୟାନ ନ ଦେଇ ସ୍ଥଳ ଭାଗରେ ଅଧିକ ଧ୍ୟାନ ଦେବ ଓ ତାହାର ସମ୍ବଳକୁ ଖଟାଇବ। ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା ଏମ୍. କେ. ନାରାୟଣନ ଲଦାଖରେ ସୈନିକଙ୍କ ମୃତ୍ୟୁ ହେବାରୁ ସେହି ଦିନ ଲେଖିଥିଲେ ଏବଂ ସତର୍କ କରି କହିଥିଲେ, ଚାଇନାକୁ ରୋକିବା ଲାଗି ଗଢ଼ାଯାଉଥିବା ଏକ ସାମରିକ ମେଣ୍ଟର ଆଗରେ ରହିବା ଏବେ ଭାରତ ପାଇଁ ଉପଯୁକ୍ତ ସମୟ ନୁହେଁ। ସେ ମଧ୍ୟ କହିଥିଲେ, ପ୍ରାୟ ସବୁ ଭାରତ- ଚାଇନା ସୀମା ସମ୍ପର୍କିତ ଚୁକ୍ତି ଉଭୟ ଦେଶର ନିଷ୍ପତ୍ତି ଉପରେ ଆଧାରିତ। ଚାଇନା ଓ ଭାରତ ମଧ୍ୟରେ ସୀମାକୁ ନେଇ ୨୦୦୫ରେ ହୋଇଥିବା ଚୁକ୍ତି ନିଷ୍ପତ୍ତିର ବାସ୍ତବତାକୁ ପ୍ରକାଶ କରେ। ଅତୀତରେ କାହିଁକି ପ୍ରଧାନମନ୍ତ୍ରୀମାନେ ଏହି ବିଷୟକୁ ଉପସ୍ଥାପନ କରିଆସୁଛନ୍ତି? କାରଣ, ଚଳିତ ମାସର ଘଟଣାଗୁଡ଼ିକରୁ ଜଣାପଡୁଛି ସେମାନେ କେବଳ ଠିକ୍ କହୁ ନାହାନ୍ତି ବରଂ ଏବେ ଭାରତ କାହିଁକି ଦ୍ୱନ୍ଦ୍ୱ ଓ ଏକୁଟିଆ ସ୍ଥିତିରେ ନିଜକୁ ଦେଖୁଛି ତାହାର ଗୁରୁତ୍ୱକୁ ସେମାନେ ଭଲ ଭାବେ ବୁଝିଛନ୍ତି। ବିଶେଷକରି ଏହି ସରକାରରେ ଭାରତର ସବୁ ପଦକ୍ଷେପ ୧୯୯୩ର ଚୁକ୍ତିକୁ ବିଗାଡ଼ି ଦେଇଛି ଏବଂ ଚାଇନାକୁ ବିକଳ୍ପ ପନ୍ଥା ଗ୍ରହଣ କରିବା ଲାଗି ସୁଯୋଗ ଦେଇଛି। ସ୍ୱାକ୍ଷର କରାଯାଇଥିବା ଚୁକ୍ତିଗୁଡ଼ିକର ପବିତ୍ରତା ଓ ମହତ୍ତ୍ୱ, ଔପଚାରିକତା ଓ ଅନୌପଚାରିକତା ବିଷୟରେ ଏହି ସରକାର ବୁଝିଥିବା ଭଳି ମନେହେଉ ନାହିଁ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 6 | | | | | |
| 5 | | | | 1 | | | 8 | 9 |
| | | | | | 7 | | 1 | 5 |
| 3 | | | 7 | | 5 | | | |
| | 4 | | | 3 | | 8 | 9 | |
| | | | | | | | | |
| | | | | | 9 | 1 | 7 | |
| 7 | 6 | | | | | | | 4 |
| | | 3 | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 5 | 2 | 1 | 8 | 9 | 7 | 3 |
| 9 | 3 | 8 | 4 | 7 | 5 | 2 | 1 | 6 |
| 7 | 2 | 1 | 6 | 9 | 3 | 8 | 4 | 5 |
| 8 | 7 | 2 | 5 | 3 | 6 | 4 | 9 | 1 |
| 4 | 5 | 9 | 1 | 8 | 2 | 3 | 6 | 7 |
| 3 | 1 | 6 | 9 | 4 | 7 | 5 | 2 | 8 |
| 2 | 9 | 3 | 7 | 5 | 1 | 6 | 8 | 4 |
| 5 | 6 | 7 | 8 | 2 | 4 | 1 | 3 | 9 |
| 1 | 8 | 4 | 3 | 6 | 9 | 7 | 5 | 2 |

ଗତକାଲିର ଉତ୍ତର

# ସମ୍ପର୍କର ବେପାର



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ବ୍ୟାଙ୍କରେ ସଞ୍ଚିତ ସମସ୍ତ ଅର୍ଥର ବିପୁଳ ଭାଗ ଉଠାଇ ଆଣି ରାଜଧାନୀର ଏକ ଘରୋଇ ମେଡିକାଲ କଲେଜରେ ନିଜ ପୁଅର ନାମ ଲେଖାଇଥିବା ଜଣେ ମଧ୍ୟବର୍ଗୀୟ ପିତା ତାଙ୍କ ବନ୍ଧୁଙ୍କୁ କହୁଥିଲେ, "ୟେ ବି ଗୋଟିଏ ପ୍ରକାର ବେପାରରେ ଇନ୍‌ଭେଷ୍ଟମେଣ୍ଟ। ପୁଅଟି ଡାକ୍ତର ହୋଇ ବାହାରିଲା ପରେ ବ୍ୟାଙ୍କର ସୁଧଠାରୁ ଅଧିକ ଲାଭପ୍ରଦ ହେବନି!" ସତ କଥା। ଆଜିକାଲି ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ନିଜ ସନ୍ତାନଙ୍କୁ ବ୍ୟୟବହୁଳ ବୃତ୍ତିଗତ ଶିକ୍ଷା ଦେଉଥିବା ମା'ବାପାମାନେ ସେମାନଙ୍କ ଏହି କାର୍ଯ୍ୟକୁ ନିଜର ମୌଳିକ କର୍ତ୍ତବ୍ୟ ବୋଲି ଯେତିକି ବିବେଚନା କରୁନାହାନ୍ତି, ତାହାଠୁ ଅଧିକ ବିଚାରୁଛନ୍ତି ଏକ ଇନ୍‌ଭେଷ୍ଟମେଣ୍ଟ ବା ଅର୍ଥଲଗାଣ ବେପାର ଭାବରେ। ପାଠ ପଢ଼ିସାରି ପିଲାମାନେ ଉପାର୍ଜନ ଆରମ୍ଭ କଲେ ସୁଧ ସହ ମୂଳ ପୁଣି ଫେରି ଆସିବନି! କେଜାଣି!

କେତେକ ବିରଳ ବ୍ୟତିକ୍ରମକୁ ବାଦ୍ ଦେଲେ ସଚରାଚର ମା'ବାପାଙ୍କ ଦାୟିତ୍ୱ ନିର୍ବାହର ଏଇ ବିଚିତ୍ର ଗଣିତ ପ୍ରାୟତଃ ଅଚଳ ମୁଦ୍ରା ପରି ମୂଲ୍ୟହୀନ। ବିନିଯୁକ୍ତ ଅର୍ଥ ଫେରି ମିଳିବା ଦୂରେ ଥାଉ, ବିନିଯୋଗକାରୀ ମା'ବାପାଙ୍କ ପାଇଁ ସେମାନଙ୍କ ସନ୍ତାନମାନେ ମଧ ଦୁଷ୍ପ୍ରାପ୍ୟ ହୋଇ ଉଠନ୍ତି। କିଏ ନିଜ ସହପାଠୀ ବା ସ୍ଥଳବିଶେଷରେ ସହକର୍ମୀଙ୍କୁ ବିବାହ କରି ଭିନ୍ନ ସ୍ଥାନରେ ନିଜ ସଂସାର ବାନ୍ଧିବା ମଧ୍ୟରେ ମା'ବାପାଙ୍କ ପାଇଁ ସହଜଲଭ୍ୟ ହୋଇପାରନ୍ତି ନାହିଁ ତ ଆଉ କିଏ ମୋଟା ଅଙ୍କର ଅର୍ଥ ଉପାର୍ଜନ କରିବାକୁ ବିଦେଶ ଯାଆନ୍ତି ଯେ ସେଠାରୁ ଆଉ ଫେରି ଆସନ୍ତି ନାହିଁ।

ପ୍ରାୟ ଦଶବର୍ଷ ପୂର୍ବରୁ ଶିକ୍ଷକତା ବୃତ୍ତିରୁ ଅବସର ନେଇଥିବା ଜଣେ ବୃଦ୍ଧଙ୍କ କଥା। ତାଙ୍କ ଦୁଇ ପୁଅଙ୍କୁ ନିଜ କଷ୍ଟଲବ୍ଧ ଉପାର୍ଜନରେ ପାଠ ପଢ଼ାଇ ଜଣଙ୍କୁ ଇଞ୍ଜିନିୟର ଓ ଅନ୍ୟ ଜଣଙ୍କୁ ଡାକ୍ତର କରିପାରିଥିଲେ ବୋଲି ଏ ଶିକ୍ଷକଙ୍କ ସଫଳ ପିତୃତ୍ୱକୁ ସାବାସି ଦେବାର ବେଶ୍ କାରଣ ଥିଲା। ମାତ୍ର ସେଦିନ ତାଙ୍କର ମୋହଭଙ୍ଗ ହେଲା, ଯେଉଁଦିନ ତାଙ୍କ ପତ୍ନୀ ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହେଲେ। ବୃତ୍ତି ଦାୟରେ ଇଞ୍ଜିନିୟର ପୁଅ ସୁଦୂର ଆମେରିକାରେ ଓ ଡାକ୍ତର ପୁଅ ବେଙ୍ଗାଲୁରୁର ଏକ ପ୍ରସିଦ୍ଧ ହସ୍ପିଟାଲରେ ନିୟୋଜିତ ଥାଇ ନିଜ ଅସୁସ୍ଥା ମାଆଙ୍କ ପାଖରେ ପହଞ୍ଚିବାକୁ ସମୟ ପାଇ ନ ଥିଲେ। ଦୀର୍ଘ ପନ୍ଦରଦିନ କାଳ ପତ୍ନୀଙ୍କୁ ଡାକ୍ତରଖାନାରେ ଜଗି ରହୁଥିବା ବୃଦ୍ଧ ମହୋଦୟ ଅସୁସ୍ଥା ମାଆଙ୍କ ଖବର ବୁଝିବାକୁ ଘନ ଘନ ଫୋନ କରୁଥିବା ପୁଅ ଦୁହିଁଙ୍କ ଆଚରଣରେ ଏମିତି ବିବ୍ରତ ବୋଧ କଲେ ଯେ ଫୋନ ସୁଇଚ୍ ଅଫ୍ କରି ରଖିଦେଲେ ଓ ନିଜକୁ ନିଜେ କହୁଥିଲେ- "ବେଶି ପାଠ ପଢ଼ିଥିବା ପୁଅ ବଡ଼ ଚାକିରି କରେ, ବଡ଼ ସହର ବା ବିଦେଶରେ ରହେ ଓ ମା'ବାପାଙ୍କ ପ୍ରତି ନିଜ କର୍ତ୍ତବ୍ୟ ଭୁଲିଯାଏ। ମାତ୍ର କମ୍ ପାଠ ପଢ଼ିଥିବା ପୁଅ ମା'ବାପାଙ୍କ ପାଖରେ ରହେ, ରୋଗବ୍ୟାଧି ବେଳେ କାମରେ ଆସେ।"

ବୃଦ୍ଧଙ୍କ ଅନ୍ତରର ଅସନ୍ତୋଷକୁ ବୁଝି ହେଉଥିଲେ ବି ବୁଝି ହେଉ ନ ଥିଲା ତାଙ୍କର ଯୁକ୍ତି। ପୁଅର ଭବିଷ୍ୟତ ଗଢ଼ିବା ପ୍ରତ୍ୟେକ ପିତାର ସଂସ୍କାରସିଦ୍ଧ ଦାୟିତ୍ୱ। ନିଜ ଭବିଷ୍ୟତକୁ ସୁରକ୍ଷିତ କରି ରଖିବାକୁ ସେ ପୁଣି ନିଜ ପୁଅ ଭବିଷ୍ୟତର ତଣ୍ଟି ମୋଡ଼ି ହତ୍ୟା କରିପାରିବ କେମିତି? ପାଠ ନ ପଢ଼ି ମା'ବାପାଙ୍କ ଉପରେ ବୋଝ ହୋଇ ରହୁଥିବା ପୁଅର ଜଞ୍ଜାଳ ଯେ ପାଠପଢ଼ି ବାହାରେ ବସାବାନ୍ଧି ମା'ବାପାଙ୍କୁ ଅବହେଳା କରୁଥିବା ପୁଅର ସ୍ୱାର୍ଥପରତାଠାରୁ ଅଧିକ ଯନ୍ତ୍ରଣାଦାୟୀ,ଏକଥା ସେ ସିନା ବୁଝିପାରୁ ନ ଥିଲେ, ସଂସାରର ଅନ୍ୟ ବହୁ ମା'ବାପାମାନେ ନିଶ୍ଚୟ ବୁଝିଥିବେ। ଏ ପ୍ରସଙ୍ଗରେ ଏହି ଲେଖକର ସ୍ୱକୀୟ ଅନୁଭୂତିର ଏକ ରୋଚକ ଦୃଷ୍ଟାନ୍ତ ବେଶ୍ ପ୍ରଣିଧାନଯୋଗ୍ୟ। ପିଲାଙ୍କ ପାଳନ ପାଇଁ ନିଜ ମୂଳଧନ ଖଟାଇଥିବା ପିତାର ପ୍ରତ୍ୟାଶା ଓ ମା'ବାପାଙ୍କ ପାଇଁ ନିଜ ବୃତ୍ତି ବେଉସା ସହ ପତ୍ନୀ ପିଲାଙ୍କୁ ପଛକୁ ଠେଲିଦେଇ ପାରୁ ନ ଥିବା ପୁଅର ବିବଶତା; ଏ ଦୁଇଟି ବାହାରେ କ'ଣ କିଛି ମଧ୍ୟମ ପନ୍ଥା ନାହିଁ?

ସେଇ ରୋଚକ ଅନୁଭୂତିର କଥା। ପ୍ରାୟ ତିରିଶ ବର୍ଷ ତଳେ ଏ ଲେଖକ ଗାଁକୁ ଯାଇଥିବା ବେଳେ ତା' ବାପାଙ୍କ ବୟସର ଜଣେ ପଡ଼ୋଶୀ କହିଲେ- ପୁଅ ତା' ବେପାର ଓ ତା' ପିଲା ପରିବାରକୁ ନେଇ ସବୁବେଳେ ବ୍ୟସ୍ତ ରହୁଛି। ତାକୁ ସେ ପାଠଶାଠ ପଢ଼ାଇ ମଣିଷ କରିଥିଲେ, ଅର୍ଥାତ୍ ତାଙ୍କର ଏହି ବୁଢ଼ା କାଳରେ ବାପାର ହାଲ୍ ହରକତ ବୁଝିବାକୁ ପୁଅ ହାତରେ ସମୟ ନାହିଁ। କହିରଖିବା ଉଚିତ ହେବ ଯେ ବୃଦ୍ଧ ଜଣକ ଥିଲେ ବିପତ୍ନୀକ ଓ ପୁଅଟି ମାଟ୍ରିକ ପାସ୍ କରି ଗାଁରେ ଏକ ଗ୍ରୋସେରି ଦୋକାନ ଦେଇ ବେଶ୍ ସ୍ୱଚ୍ଛଳରେ ଚଳୁଥିଲା। ସେଦିନ ସନ୍ଧ୍ୟାରେ ତା' ଦୋକାନକୁ ଯାଇଥିବା ବେଳେ ଏକଦା ତା'ର ସ୍କୁଲ ସହପାଠୀ ଥିବା ଦୋକାନୀ ସାଙ୍ଗକୁ ତା' ବାପାଙ୍କ ଅଭିଯୋଗ ସମ୍ପର୍କରେ ତା'ର ଦୃଷ୍ଟି ଆକର୍ଷଣ କରିବାରେ ତା'ର ପ୍ରତିକ୍ରିୟା ଥିଲା ଅତ୍ୟନ୍ତ ଅଭିନବ। କହିଥିଲା- "ତୋତେ ସିନା ତୋ ବାପା ଏତେ ପାଠ ପଢ଼ାଇଥିଲେ ବୋଲି ତୁ ଅଧ୍ୟାପକ ହୋଇ ବାହାରେ ବୁଲିଲୁ। ମୋତେ ମୋ ବାପା ଯେତିକି ପଢ଼ାଇଥିଲେ ସେତିକିରେ ତ ମୁଁ ଡାଲି ଚାଉଳ ବିକୁଛି। ମୋଠୁ ସେ ଅଧିକ ଆଶା କରୁଛନ୍ତି କାହିଁକି?"

ଗାଁରୁ ଫେରି ଆସୁଥିବା ବେଳେ ଏଇ ଅକିଞ୍ଚନ ଭାବୁ ଥିଲା ବାପା ପୁଅର ସଂସାରସିଦ୍ଧ ସମ୍ପର୍କ କ'ଣ ଏକ ବେପାର? କିଏ କେତେ ଖଟାଇଲା,



କେତେ ଫେରିପାଇଲା, ତାହାର ଏକ ବ୍ୟବସାୟିକ ହିସାବନିକାଶ? ତିରିଶ ବର୍ଷ ତଳର ଏହି ତିକ୍ତ ବିଚାରର ବୋଝ ବୋହି ଓ ଏହା ବିରୋଧରେ ଏକ ବିକଳ୍ପ ବିଚାର ଗଢ଼ି ତୋଳିବାର ଅସାମର୍ଥ୍ୟ ନେଇ ସେ ବଞ୍ଚି ଆସୁଥିବା ବେଳେ ଏବେ ସୁଇଜରଲାଣ୍ଡରେ ପ୍ରଚଳିତ ଭିନ୍ନ ଏକ ସମ୍ପର୍କର ବେପାର ସମ୍ବନ୍ଧରେ ଜାଣି ସେ ବେଶ୍ ପ୍ରଭାବିତ ହୋଇଥିଲା ଓ ମଥାନତ କରିଥିଲା ଏହି ଭିନ୍ନ ଦର୍ଶନର ପ୍ରଣେତାଙ୍କ ଉଦ୍ଦେଶ୍ୟରେ। କେଇ ବର୍ଷ ତଳେ ସୁଇଜରଲାଣ୍ଡରୁ ପାଠ ପଢ଼ି ଫେରିଥିବା ଜଣେ ପ୍ରଫେସରଙ୍କଠୁଁ ଶୁଣିଥିବା କଥାଟି ଥିଲା ଏହିପରି।

ପ୍ରଫେସର ଯେଉଁ ଘରେ ଭଡ଼ା ରହୁଥିଲେ ସେ ଘରର ମାଲିକାଣୀ ଥିଲେ ଜଣେ ପଞ୍ଚଷଠି ବର୍ଷୀୟା ମହିଳା। ଯିଏ ପାଞ୍ଚବର୍ଷ ପୂର୍ବରୁ ଶିକ୍ଷୟିତ୍ରୀ ବୃତ୍ତିରୁ ଅବସର ନେଇ ସାରିଥିଲେ। କିଛିବର୍ଷ ପୂର୍ବରୁ ସ୍ୱାମୀ ଚାଲିଯାଇଥିଲେ ଓ ଏକମାତ୍ର ପୁଅଟି ସେଠାରୁ ପ୍ରାୟ ହଜାରେ ମାଇଲ ଦୂରରେ ନିଜ ବୃତ୍ତିକ୍ଷେତ୍ରରେ ପରିବାର ସହ ରହୁଥିଲେ। ପ୍ରଫେସର ଆଶ୍ଚର୍ଯ୍ୟ ହେଲେ ଯେତେବେଳେ ଦେଖିଲେ ମହିଳା ଜଣକ ସେହି ପଣିଶତ ବୟସରେ ବି ସେଠାରୁ କିଛି ଦୂର ଅନ୍ୟ ଏକ ଘରକୁ ଯାଇ ସେଠାରେ ଜଣେ ପଞ୍ଚାଅଶୀ ବର୍ଷୀୟା ବୃଦ୍ଧାଙ୍କର ସେବା କରିବାକୁ ଦୁଇଘଣ୍ଟା ସମୟ ଦେଉଛନ୍ତି। ମାଡାମ୍ ବେଶ୍ ସ୍ୱଚ୍ଛଳ ଥିଲେ ବି ଅନ୍ୟ କାହା ଘରେ କାମ କରୁଥିବା ଦେଖି ତାଙ୍କ ଆଖି ଖୋସି ହୋଇଗଲା। ସେ ଏହାର କାରଣ ଜାଣିବାକୁ ଉତ୍ସୁକ ହୋଇ ମାଡାମ୍‌ଙ୍କୁ ପଚାରି ଯାହା ବୁଝିଲେ ତାହା ଜଣେ ଭାରତୀୟଙ୍କ ପାଇଁ ଥିଲା ଅତ୍ୟନ୍ତ ଅଭିନବ।

ମାଡାମ୍ କହିଥିଲେ, "ମୁଁ ସମୟ ବ୍ୟାଙ୍କରେ ମୋ ସେବାର ସମୟ ଜମା ରଖୁଛି। ମୁଁ ଯେତେ ସମୟ ସେଇ ବୃଦ୍ଧାଙ୍କ ସେବାରେ ଆସୁଚି, ସେତିକି ସମୟ ମୋ ଜମାଖାତାରେ ସଞ୍ଚିତ ରହୁଛି। କେବଳ ସେଇ ବୃଦ୍ଧା ନୁହନ୍ତି, ଯାହାଙ୍କର କିଛି ସେବା ଲୋଡ଼ା ପଡ଼ିବ, ସେଠାକୁ ଯାଇ ମୁଁ ସେବା ଯୋଗାଇଲେ ତାହା ମୋ ସମୟ ସଂଚୟ ଖାତାରେ ଜମା ରହିବ। କାଲି ଯଦି ମୁଁ ଅସୁସ୍ଥ ହୋଇପଡ଼େ, ତେବେ ମୋ ସମୟ ବ୍ୟାଙ୍କରୁ ମୁଁ ଆବଶ୍ୟକ ମୁତାବକ ସେବା ପାଇପାରିବି। ଅସୁସ୍ଥ ବୃଦ୍ଧାଙ୍କର ସେବା ଏବେ ମୁଁ କରୁଥିବା ପରି ସେତେବେଳେ ସେଇ ବ୍ୟାଙ୍କରେ ସମୟ ଜମା କରୁଥିବା କେହି ଜଣେ ଆସି ମୋ ସେବା କରିପାରିବେ।" ମାଡାମ୍‌ଙ୍କର ଶେଷକଥା ଥିଲା "ପୁଅ ମୋର ତା' ପିଲା ପରିବାରକୁ ନେଇ ବ୍ୟସ୍ତ ରହୁଥିବା ବେଳେ ମୋ ସେବା କରିବାକୁ ସେ ସମୟ ପାଇବ କେଉଁଠୁ? ସୁତରାଂ ମୋ ପାଇଁ ସେବାର ସମୟ ମୋତେ ହିଁ ସୃଷ୍ଟି କରିବାକୁ ପଡୁଚି। ଆଜି ଦେଉଥିବାରୁ କାଲି ପାଇବାର ଅଧିକାର ରଖୁଛି।"

କେଡ଼େ କଥା ନ କହିଲେ ସେଇ ମାଡାମ୍। ଆମ ଭାରତରେ ସେମିତି ହୁଅନ୍ତା ନାହିଁ! ନିଜ ଅସୁବିଧା ବେଳେ ଆତ୍ମୀୟଙ୍କର ସେବା ଲୋଡ଼ିଥିବା ବୃଦ୍ଧାବୃଦ୍ଧମାନେ ଆଉ ନିଜ ସନ୍ତାନମାନଙ୍କୁ ମଣିଷ କରିବାରେ ଖଟାଇଥିବା ଅର୍ଥ ବା ଶ୍ରମର ହିସାବ ମାଗି ସେମାନଙ୍କୁ ଅଭିଶାପ ଦିଅନ୍ତେ ନାହିଁ କି ବାଧ୍ୟ ବିବଶତାରେ ନିଜ ମା'ବାପାଙ୍କୁ ଅବହେଳା କରୁଥିବା ସନ୍ତାନମାନେ ସେଥିପାଇଁ ନିନ୍ଦିତ ହୁଅନ୍ତେ ନାହିଁ। ଏସବୁ ବାହାରେ ସବୁଠୁ ବଡ଼ ଉପଲବ୍ଧି ହୁଅନ୍ତା, ନିଜ ସଂସାର ବାହାରେ ଅନ୍ୟ କାହାର ସେବାରେ ଆସିବାର ଯେଉଁ ମୁଗ୍ଧ ଅନୁଭବ ତହିଁରେ ଅତିରିକ୍ତ ବସ୍ତୁବାଦର ବିଷାକ୍ତ ପଞ୍ଝା ମଧ୍ୟରେ କବଳିତ ସାଂପ୍ରତିକ ମଣିଷ ଜୀବନ ତାହାର ସ୍ୱାଦ ହରାଇ ବସନ୍ତା ନାହିଁ। ପରାର୍ଥପ୍ରାଣତାର ଦିବ୍ୟ ଅନୁଭବରେ ଜୀବନ ହୋଇଉଠନ୍ତା ଅଧିକ ଅମୃତମୟ।

ପ୍ରଜ୍ଞା ନିଳୟ, ଭୁବନେଶ୍ୱର-୧୦
ମୋ: ୮୮୯୫୬୭୨୪୧୦୫


# ଏକ ତୁଳନାତ୍ମକ ଦ୍ୱନ୍ଦ୍ୱ



ଅଭିଜିତ୍ ଜୟପ୍ରକାଶ ପ୍ରଧାନ

ରବିବାର ସନ୍ଧ୍ୟାରେ ଅଫିସ୍‌ରୁ ଘରକୁ ଫେରିବା ବେଳେ ହାଇଟେକ୍ ଛକରୁ ଗାଡ଼ି ବାଁକୁ ମୋଡ଼ିଲି। ସହର ଭିତରର ଟ୍ରାଫିକ୍‌ରୁ ବଞ୍ଚିବା ପାଇଁ ପୁରୀ ବାଇପାସ୍ ରାସ୍ତାଦେଇ କଳ୍ପନା ଛକ ସ୍ଥିତ ଘରକୁ ଜଲଦି ଫେରିବା ଥିଲା ମୋ ଲକ୍ଷ୍ୟ। ହେଲେ ରାସ୍ତା ଆଜି ବହୁତ ଭିଡ଼। ଜାଣିଲି ପରଦିନ ଶ୍ରାବଣ ମାସର ପ୍ରଥମ ସୋମବାର । ଶିବଙ୍କ ମୁଣ୍ଡରେ ପାଣି ଢାଳିବାକୁ କାଉଡ଼ିଆଙ୍କ ଲମ୍ବା ସୁଅ। ରାସ୍ତା ଜାମ୍ ପାଇଁ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଯେତିକି ବିଳମ୍ବ ହେଉଥାଏ, ସେତିକି ଅଧିକ ଚିଡ଼ା ଲାଗୁଥାଏ। ଭାବୁଥାଏ, ସତରେ ଏ ଲୋକଗୁଡ଼ା କେତେ ନିର୍ବୋଧ ଯେ! ବିଚରା ମଣିଷଟି ନ ଖାଇ ନ ପିଇ ଦୁଇ ଦିନ ହେଲା ଖରା ବର୍ଷାରେ ପାଣି ଭାର ଧରି ଚାଲୁଛି ତା' ଭଗବାନ୍‌ଙ୍କ ମୁଣ୍ଡରେ ଢାଳିବ ବୋଲି, କିନ୍ତୁ ସତରେ କ'ଣ ଭଗବାନ୍ ଦେଖୁଛନ୍ତି ଏ ମଣିଷର କଷ୍ଟକୁ? ଦେଖିବା କଥା ଛାଡ଼, ଭଗବାନ୍ ସତରେ ଅଛନ୍ତି ତ? ଫୁଲି ଯାଇଥିବା ପାଦରେ ଅତି କଷ୍ଟରେ ପାଣି ଭାର ନେଇ ଚାଲୁଥିବା ସେଇ ମଣିଷଟି ଉପରେ ଆଉ ଗୋଟିଏ ଉପହାସର ହସ ହସି ମୁଁ ଘରକୁ ଆଗେଇଲି।

ଟ୍ରାଫିକ୍ ଭିଡ଼ରେ ଗାଡ଼ି ସିନା ଆଗକୁ ଚାଲୁଥାଏ, ହେଲେ ଚଞ୍ଚଳ ମନଟା ଭଗବାନ୍‌ଙ୍କ ଅସ୍ତିତ୍ୱ ଖୋଜୁଖୋଜୁ ୩୫ ବର୍ଷ ପଛକୁ ଫେରି ସାରିଥାଏ। ବ୍ରାହ୍ମଣ ପରିବାରରେ ଜନ୍ମ, ଛୋଟବେଳୁ ପୂଜାପାଠ ରୀତିନୀତି ସହିତ ଭଲ ଭାବରେ ଅଭ୍ୟସ୍ତ ଏଇ ଲୋକଟା ଯେ କେବେଠୁ ବୁଦ୍ଧିବାଦ, ନିରୀଶ୍ୱରବାଦ ପଛରେ ପଡ଼ି ଈଶ୍ୱରଙ୍କ ଅସ୍ତିତ୍ୱ ଖୋଜିବା ଆରମ୍ଭ କରିସାରିଲାଣି। କେବେଠୁ ମୋଷ୍ଟ ଡିବେଟେବଲ୍ 'ଦ ଗଡ୍ ଡିଲୁଜନ', 'ଦ ପୋର୍ଟେବଲ ଆଥେଇଷ୍ଟ' ପରି ବହି ଗୁଡ଼ିକରେ ଭରିବା ଆରମ୍ଭ କଲାଣି। ତେବେ ମୋର ଆଜିର ଦ୍ୱନ୍ଦ୍ୱ ଈଶ୍ୱରଙ୍କ ଅସ୍ତିତ୍ୱ ନ ଥିଲା, ଏହା ତ ମୋର ସବୁଦିନିଆ ଗବେଷଣା ହୋଇସାରିଲାଣି ଓ ସମାଜ ବି ମୋତେ ହେତୁବାଦୀ, ବିଧର୍ମୀ ଇତ୍ୟାଦି ଟ୍ୟାଗ୍ ଲଗେଇ ସାରିଲାଣି। ମୋର ଆଜିର ଦ୍ୱନ୍ଦ୍ୱ ଥିଲା ଏସବୁ ରୀତିନୀତି, ଯେମିତି ଏଇ ପାଣିଭାର ବୋହିକି ନେବା ପଛର ଲଜିକ୍। ଯଦିବି ସମସ୍ତଙ୍କ କହିବା ପରି ମାନିନେବି ଯେ, ହଁ, ଈଶ୍ୱର ଅଛନ୍ତି, ସେଇ ଈଶ୍ୱର ଯେ କି ସର୍ବତ୍ର ବିଦ୍ୟମାନ, ସେଇ ଈଶ୍ୱର ଯାହାଙ୍କ ଜଟାରୁ ସ୍ୱୟଂ ଗଙ୍ଗା ପ୍ରବାହମାନ, ତେବେ ସେ କ'ଣ ଅନେଇକି ବସିଛନ୍ତି ଯେ ତାଙ୍କର କେହି ଭକ୍ତ ଗଡ଼ଗଡ଼ିଆ ଘାଟରୁ କାଠଯୋଡ଼ି ପାଣି ଆଣି ତାଙ୍କୁ ଅଭିଷେକ କରିବ, ଆଉ ଈଶ୍ୱର ସେଥିରେ ପ୍ରସନ୍ନ ହେବେ? ରେସନାଲିଜମ୍, ଏଥେଇଜମ୍ ଉପରେ ପଢ଼ିଥିବା ଅସଂଖ୍ୟ ବହିର ଜ୍ଞାନ ମୋତେ ପ୍ରଚଣ୍ଡ ଜ୍ଞାନୀ କରିଥିଲା କି ଅହଂକାରରେ ଅନ୍ଧ କରିଥିଲା କେଜାଣି, ଉପହାସର ହସ ହସୁ ହସୁ କେତେବେଳେ ଯାଇ ଘର ବାରଣ୍ଡାରେ ମୋର ଗାଡ଼ି ଲାଗିସାରିଥାଏ।



ନୂଆ କରି ସ୍କୁଲ ଯିବା ଆରମ୍ଭ କରିଥିବା ମୋର ୫ ବର୍ଷର ପୁଅ ପାଇଁ ନୂଆ ଦାମିକିଆ ସ୍କୁଲ ବ୍ୟାଗ୍ ଖଣ୍ଡେ ଆଣିଥିଲି। ଗାଡ଼ିର ପଛ ସିଟ୍‌ରୁ ବ୍ୟାଗ୍‌ଟା ଖୋଲୁଖୋଲୁ ପୁଅ ଆସି ଜାବୁଡ଼ି ଧରିଲା ଓ ଗାଇବାକୁ ଲାଗିଲା, 'ହାପି ବାର୍ଥଡେ ପାପା'। ଓହୋ। ଏଇ ସଂସାର ଅଫିସ ଜଞ୍ଜାଳ ଭିତେର ଭୁଲି ଯାଇଥିଲି କି ଆଜି ମୋର ଛତିଶ ତମ ଜନ୍ମଦିନ ବୋଲି। ଛୋଟ ବେଳେ ମୋ ଜନ୍ମଦିନରେ ବୋଉ କରୁଥିବା ପୁରି ତରକାରି ଏବେ ବଦଳି ଯାଇଛି ଘରଣୀ ତିଆରି କରିଥିବା ବ୍ଲାକ୍ ଫରେଷ୍ଟକେକ୍ ଆଉ ପୁଅ ଆଣିଥିବା ଚିକିମିକି ଜରିରେ ସଜ୍ଜିତ ମୋ ବାର୍ଥଡେ ଗିଫ୍ଟରେ। ଗିଫ୍ଟର ପ୍ୟାକେଟ୍ ଖୋଲି ଦେଖିଲି ତା' ଭିତରେ ଥିଲା ମୋ ପାଇଁ ଗୋଟେ ନୂଆ ଲେଦର ବ୍ୟାଗ୍। ଆରେ ହଁ ତ, କେବେଠୁ ପୁରୁଣା ଅଫିସ୍ ବ୍ୟାଗ୍‌ଟା ଖରାପ ହେଲାଣି, ନୂଆଟେ କିଣିବି ବୋଲି ଭାବୁଛି ଯେ ସମୟ ମିଳୁ ନ ଥିଲା, ଯା ହଉ କାମ ତ ହୋଇଗଲା ଗୋଟେ। ଦିନରେ ଯେବେ ମୋ ଫୋନ୍‌କୁ ମେସେଜ୍ ଆସିଥିଲା କି ମୋ କ୍ରେଡିଟ୍ କାର୍ଡଟା ୟୁଜ୍ ହୋଇଛି ବୋଲି, ଭାବିଲି ଘରଣୀ ବୋଧେ କିଛି କିଣାକିଣି କରୁଥିବେ, କିନ୍ତୁ ସେଥିରେ ଯେ ମୋ ପାଇଁ ଗିଫ୍ଟ କିଣାଯାଉଥିବ, ସେଟା ଅନୁମାନ କରି ନ ଥିଲି। ନୂଆ ବ୍ୟାଗ୍‌ଟିକୁ ଯେତେବେଳେ ପରଖୁଥିଲି, ପୁଅର ଖୁସି କହିଲେ ନ ସରେ, କାହିଁକି ନା ସେ ଦେଇଥିବା ଗିଫ୍ଟ ତା'ର ବାପାଙ୍କୁ ପସନ୍ଦ ଆସିଛି। ଯେଉଁ ଟଙ୍କାରେ ବାପାଙ୍କ ପାଇଁ ଗିଫ୍ଟ କିଣାଯାଇଛି, ସେ ଟଙ୍କା ସେ ବାପା ହିଁ ରୋଜଗାର କରି ଆଣିଛନ୍ତି ବୋଲି ବୁଝିବାକୁ ମୋ ପୁଅକୁ ସିନା ତା' ବୟସ ଅନୁମତି ଦେଇ ନ ଥିଲା, କିନ୍ତୁ ପୁଅ ହିସାବରେ ସେ ଗିଫ୍ଟ ଦେଇ ଖୁସି ଆଉ ବାପା ହିସାବରେ ମୁଁ ବି ଗିଫ୍ଟ ପାଇ ଖୁସି। ଏଇ ବ୍ୟାଗ୍‌ଟା ବାଛିବାକୁ ପୁଅ ଆଜି ଦିନବେଳା ମଲ୍‌ରେ ଦୁଇଘଣ୍ଟା ଖୋଜିଛି ବୋଲି ସ୍ତ୍ରୀଙ୍କଠୁ ଶୁଣିକି ଯେତିକି ଖୁସିହେଲି ସେତିକି ଭାବପ୍ରବଣ ବି। ଭାବିଲି ସତରେ ମଣିଷଟା କେତେ ସ୍ନେହ କାଙ୍ଗାଳ ଯେ! ସବୁବେଳେ ଲଜିକ୍, ରେସନଲ୍ ହେଉଥିବା ଲୋକଟି ଭଲ ପାଇବା ଆଗରେ ଅନ୍ଧ ହୋଇଯାଏ।

ରାତିରେ ଖାଇସାରି ଶାନ୍ତିର ଶୋଇବାକୁ ଯାଉଥିଲି। ପୁଣି ସନ୍ଧ୍ୟାରେ ଛାଡ଼ି ଆସିଥିବା ଦ୍ୱନ୍ଦ୍ୱ ମନକୁ ପଶି ଆସିଲା। ଏଥିରେ କିନ୍ତୁ ଥିଲା ଏକ ତୁଳନାତ୍ମକ ଦ୍ୱନ୍ଦ୍ୱ। ପୁଅ ମୋ ପାଇଁ ମୋରି ଟଙ୍କାରେ ଗିଫ୍ଟ ଆଣିଦେବା ପଛରେ ଥିଲା ତା' ଭଲ ପାଇବା, କିନ୍ତୁ ଜଣେ ଲୋକ ସେ ମାନୁଥିବା ତା' ଭଗବାନ୍‌ଙ୍କ ଉପରେ ପାଣି ଢାଳିବାକୁ ଯିବାଟା ଅନ୍ଧବିଶ୍ୱାସ? ଦୁଇ ଘଣ୍ଟା ଏସି ମଲ୍‌ରେ ପୁଅ ଗିଫ୍ଟ ଖୋଜିବାଟା ଥିଲା ତା' ବାପା ପାଇଁ ତା'ର ସ୍ନେହ, ଆଉ ଦୁଇ ଦିନ ପାଣି ଢାଳ ଧରି ଚାଲିବାଟା ଲଜିକ୍ ବିହୀନ ଲୋକ ଦେଖାଣିଆ ଡ୍ରାମା? ଭାବିଲି ସବୁବେଳେ ଲଜିକ୍ ଖୋଜିଖୋଜି ନିଜ ବେଳକୁ ସାମାନ୍ୟ ସୁବିଧାବାଦୀ ହୋଇଯାଉନି ତ? ସେ ଦ୍ୱନ୍ଦ୍ୱ ସେତିକିରେ ଥାଉ।

ବିଜେବି ନଗର, ଭୁବନେଶ୍ୱର
ମୋ: ୮୯୧୭୩୭୨୯୭୯

## ଏଇ ଭାରତରେ

ଭାରତରେ ଅନେକ କୋଟି ଲୋକ ଦିନକୁ ବେଳାଏ ଖାଇ ରହୁଛନ୍ତି। ସେମାନେ ଠିକ୍ ସମୟରେ ଖାଦ୍ୟ ପାଇପାରୁ ନ ଥିବାବେଳେ ଦେଶରେ ବର୍ଷକୁ ୭୮ ମିଲିୟନ ଟନ ଖାଦ୍ୟ ନଷ୍ଟ ହେଉଛି। ଏପରି କି ବର୍ଷକୁ ଜଣେ ବ୍ୟକ୍ତି ୫୫ କେଜି ଖାଦ୍ୟ ନଷ୍ଟ କରୁଛନ୍ତି। ତେବେ ତାମିଲନାଡୁର ତିନି ବନ୍ଧୁ ପଦ୍ମନାଭନ ଗୋପାଳନ, ଦିନେଶ ମାନିକମ୍ ଏବଂ ସୁଧାକର ମାରିମୁଥ ଖାଦ୍ୟ ନଷ୍ଟକୁ ରୋକିବାକୁ ପଦକ୍ଷେପ ନେଇଛନ୍ତି। ଏଥିରେ ସେମାନେ ଅନେକାଂଶରେ ସଫଳ ହୋଇଛନ୍ତି, ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଏଥିପାଇଁ ସେମାନେ ୨୦୧୪ରେ 'ନୋ ଫୁଡ୍ ୱେଷ୍ଟ' ସଂସ୍ଥା ଗଠନକରି ତା' ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଏହି ତିନି ବନ୍ଧୁ କୋଏମ୍ବାଟୁରରେ ଜନ୍ମ ହୋଇଛନ୍ତି ଏବଂ ପ୍ରଡକ୍ଶନ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ, କର୍ପୋରେଟ୍ କାର୍ଯ୍ୟକ୍ରମ, ବିବାହ ଉତ୍ସବରୁ ବଳୁଥିବା ଖାଦ୍ୟ ସଂଗ୍ରହକରି ଅସହାୟ ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ପ୍ରଥମେ ସେମାନେ ଜଣେ ସ୍ୱେଚ୍ଛାସେବୀଙ୍କୁ ନେଇ ଦୁଇଟି ବ୍ୟାଗ୍‌ରେ କୋଏମ୍ବାଟୁରରୁ ଖାଦ୍ୟ ସଂଗ୍ରହ କରି ବସ୍‌ରେ ଯାଇ ଗୃହହୀନଙ୍କୁ ଦେଉଥିଲେ। ସେମାନଙ୍କ କାର୍ଯ୍ୟରେ ଅନୁପ୍ରାଣୀତ ହୋଇ ଏଭଳି ଅଭିଯାନରେ ଅଧିକ ଲୋକ ସାମିଲ ହେବାରେ ଲାଗିଲେ। ଏବେ ୩୦ ଜଣ ସ୍ୱେଚ୍ଛାସେବୀ ସେମାନଙ୍କ ସହ ସାମିଲ ହୋଇ କାମ କରୁଛନ୍ତି। ଖାଦ୍ୟ ସଂଗ୍ରହ ଓ ଯୋଗାଣ ପାଇଁ ଗାଡ଼ି ବ୍ୟବସ୍ଥା କରାଯାଇଛି। ଲୋକମାନଙ୍କୁ ସହରର ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବାକୁ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ଚାଲୁରହିଛି।

## ଚିରନ୍ତନୀ

ବହୁ ଦିବସର ବିସ୍ମୃତ ମୋର ବିବାହ ନବ ସ୍ୱପନ ।
ପଉଷ ବାଆରେ ପଠାଇଛି ତା'ର ମଙ୍ଗଳ ନିମନ୍ତ୍ରଣ
ଦୂର ଦିଗନ୍ତୁ କାନ୍ଦେ ମହୁରୀ
ବାଜି ଉଠେ ଢକା ବାଜି ଉଠେ ତୂରୀ
ଶୁଭ୍ର ତୁଷାର ଶ୍ୟାମଳ ଧରାରେ କରେ ପଦ ଅରପଣ
ଆଣିଛି ସେ ମୋର ବିବାହର ନିମନ୍ତ୍ରଣ ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ହନ୍ତସନ୍ତ ହେଉଛନ୍ତି ନିମ୍ନ ମଧ୍ୟବିତ୍ତ ପରିବାର

ମହାଶୟ,

ଆମ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଘଟିଲେ ସମସ୍ତ ଜିନିଷର ଦାମ୍ ରାତି ପାହିଲାବେଳକୁ ଆପେ ଆପେ ବଢ଼ିଯାଇଥାଏ। ବସ୍ ମାଲିକ ଓ ସରକାରଙ୍କ ମଧ୍ୟରେ ଝଗଡ଼ା ଦେଖାଦିଏ। ଖାଉଟି ଅସନ୍ତୋଷ ତେଜିବା ସଙ୍ଗେ ସଙ୍ଗେ ରାଜନୈତିକ ଦଳ ବନ୍ଦ ଡକରା ଦିଅନ୍ତି, ଯାହାକୁ ଜନସମର୍ଥନ ମିଳିଥାଏ। ଏହି ଧାରା ଦେଶରେ ନବେ ଦଶକ ଆରମ୍ଭ କାଳରୁ ହିରୋ ହୋଣ୍ଡା ମୋଟରସାଇକେଲ ଭାରତୀୟ ସଡ଼କରେ ଗଡ଼ିବା ପରେ ପରେ ଦେଖାଦେବା ଆରମ୍ଭ ହୋଇଥିଲା। କିନ୍ତୁ ଏବେ ତୈଳଦର ବୃଦ୍ଧିକୁ ନେଇ ବଡ଼ ଆନ୍ଦୋଳନ ହେଉନାହିଁ। ରୁଷିଆ ଅଦୃଶ୍ୟ ଆତ୍ମା ହୋଇ ଭାରତୀୟଙ୍କୁ ତେଲ ଦେଉଛି। ତେବେ ଦରବୃଦ୍ଧି ଘଟିଲେ ବାସ୍ତବରେ ହନ୍ତସନ୍ତ ହେଉଛନ୍ତି ନିମ୍ନ ମଧ୍ୟବିତ୍ତ ପରିବାର।

- ମନୋଜ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅପରାଧ ରୋକିବାକୁ ଅପରେଶନ 'ଗରୁଡ଼'

## ସପ୍ତାହରେ ୧୨୯ ଅଭିଯୁକ୍ତ ଗିରଫ

- ୩୧୮୯ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ
- ବିପୁଳ ମଦ, ଗଞ୍ଜେଇ, ବ୍ରାଉନସୁଗାର ସହ ୫୧ ବନ୍ଧୁକ, ୯୫ ଗୁଳି ଜବତ

ଭୁବନେଶ୍ୱର,୯।୮ (ସତ୍ୟଜିତ ରାଉତ)

ରାଜ୍ୟରେ ବିଭିନ୍ନ ଅପରାଧ ହ୍ରାସ କରିବାକୁ ଓଡ଼ିଶା ପୋଲିସ ଆରମ୍ଭ କରିଛି ଅପେରଶନ 'ଗରୁଡ଼'। ଏଡିଜି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେଉଛି। ଅପରେଶନ ଗରୁଡ଼ରେ ସପ୍ତାହ ମଧ୍ୟରେ ପୋଲିସ ୧୨୯ ଅପରାଧୀଙ୍କୁ ଗିରଫ କରିଥିବା ବେଳେ ବିପୁଳ ଗଞ୍ଜେଇ, ମଦ ଆଦି ଜବତ କରିଛି। ଏନେଇ ଶନିବାର ଖବରଦାତା ସମ୍ମିଳନୀରେ ଏଡିଜି ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ଅଗଷ୍ଟ ୧ରୁ ରାଜ୍ୟର ସମସ୍ତ ଜିଲାରେ ଏସ୍‌ପିଙ୍କ ନେତୃତ୍ୱରେ ଏହି ଅଭିଯାନ ଆରମ୍ଭ ହୋଇଛି। ଅଗଷ୍ଟ ୧୪ ଯାଏ ଚାଲିବାକୁ ଥିବା ଅଭିଯାନରେ ବିଶେଷକରି ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ)କୁ କାର୍ଯ୍ୟକାରୀ କରିବା, ନିଶାଦ୍ରବ୍ୟ ଚୋରା ଚାଲାଣ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଜବତ ଓ ଅପରାଧୀଙ୍କୁ ଗିରଫ କରିବା, ଜୁଆ ଆଡ୍ଡା ଉପରେ ଚଢ଼ାଉ ଏବଂ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରେଶନର ପ୍ରଥମ ସପ୍ତାହରେ ସମସ୍ତ ଏସ୍‌ପି ଓ ଅନ୍ୟ ଅଧିକାରୀ ସାମିଲ ହୋଇ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ସଫଳ ହୋଇଥିବା ସୂଚନା ଦିଆଯାଇଛି। ରାଜ୍ୟରେ ୩୧୮୯ ଏନବିଡବ୍ଲ୍ୟୁ କାର୍ଯ୍ୟକାରୀ ହୋଇଛି। ଏଥିସହ ୮୯୦ ମାମଲାରେ ୧୭୦୬୯.୫୫ ଲିଟର ମଦ, ୫୧ ବନ୍ଧୁକ, ୯୫ ଗୁଳି ଓ ୧ ଲକ୍ଷ ୪୫ ହଜାର ୫୦୦ ଟଙ୍କା ଜବତ ହୋଇଛି। ନିଶାଦ୍ରବ୍ୟ ମାମଲାରେ ମଧ୍ୟ ପୋଲିସ ସଫଳତା ପାଇଛି। ୧୧ଟି ମାମଲାରେ ୮୮ କେଜି ଗଞ୍ଜେଇ, ୬୮.୫୭ ଗ୍ରାମ୍ ବ୍ରାଉନସୁଗର ସହ ଏଥିରେ ବ୍ୟବହୃତ ଗୋଟିଏ କାର୍ ଓ ୬୩,୭୫୦ ଟଙ୍କା ଜବତ ହୋଇଛି। ସେହିପରି ୧୧ଟି ଜୁଆଆଡ୍ଡା ମାମଲାରେ ୨ ଲକ୍ଷ ୭୯ ହଜାର ୪୮୫ ଟଙ୍କା ଜବତ ହୋଇଛି। ମଦ୍ୟପାନ କରି ଗାଡି ଚଲାଇବା ଘଟଣାରେ ୧୧୫ ମାମଲା ରୁଜୁ କରାଯାଇ ୧୧୫ ଗାଡି ଜବତ ହୋଇଛି। ବିଭିନ୍ନ ମାମଲାରେ ମୋଟ ୧୨୯ ଅପରାଧୀ ଗିରଫ ହୋଇଛନ୍ତି। ତେବେ ବେଆଇନ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ କ୍ଷେତ୍ରରେ ଗଞ୍ଜାମ ପୋଲିସ ଜିଲା ୧୦ଟି ବନ୍ଧୁକ ଜବତ କରିବା ସହ ୧୩ ଜଣଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କ ପାଖରୁ ୧୦ଟି ବନ୍ଧୁକ ଜବତ କରିଛି। କନ୍ଧମାଳ ପୋଲିସ ୫୩୫ କେଜି ଗଞ୍ଜେଇ ଜବତ କରିବା ସହ ୧୫ ଜଣଙ୍କୁ ଗିରଫ କରିଛି। ଅବକାରୀ ମାମଲାରେ କେନ୍ଦୁଝର ପୋଲିସ ଜିଲା ସର୍ବାଧିକ ୧୦୭ଟି ମାମଲା ରୁଜୁ କରିଥିବା ବେଳେ ୧୫୦୯ ଲିଟର ମଦ ଜବତ କରିଛି। ସେହିପରି ଜୁଆଆଡ୍ଡାକୁ ନେଇ ରାଉରକେଲା ଜିଲା ପୋଲିସ ୩ଟି ମାମଲା ରୁଜୁ କରି ୧ ଲକ୍ଷ ୪୮ ହଜାର ୩୩୦ ଟଙ୍କା ଜବତ କରିବା ସହ ୧୭ ଜଣଙ୍କୁ ଗିରଫ କରିଛି ବୋଲି ସୂଚନା ଦିଆଯାଇଛି।



ଅପରେଶନ ଗରୁଡ଼ ସମ୍ପର୍କରେ ଏଡିଜି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ସୂଚନା ଦେଉଛନ୍ତି।

# ବାପାଙ୍କ ମୃତ୍ୟୁର ୮ ଦିନ ପରେ ନିଖୋଜ ପୁଅର ଗଳିତ ମୃତଦେହ ଜବତ

ପୁରୁଷୋତ୍ତମପୁର,୯।୮ (ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି ଅନ୍ତର୍ଗତ କୁମାରୀରେ ଏକ ଦୁଃଖଦ ଘଟଣା ଘଟିଛି। ବାପାଙ୍କ ମୃତ୍ୟୁର ୮ ଦିନ ପରେ ନିଖୋଜ ଥିବା ଦିବ୍ୟାଙ୍ଗ ପୁଅଙ୍କ ଗଳିତ ମୃତଦେହ ଶନିବାର ଉକ୍ତ ଅଞ୍ଚଳରେ ଥିବା ଏକ ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରୁ ମିଳିଛି। ମୃତକ ହେଲେ କବି ମହାରଣା (୨୭)। ଏନେଇ ଲୋକେ ବିଦ୍ୟୁତ୍ ବିଭାଗକୁ ଦୋଷ ଦେଇ ବିଭାଗର ଦାୟିତ୍ୱହୀନତା ଯୋଗୁ ଏଭଳି ଘଟିଥିବା ଅଭିଯୋଗ କରିଛନ୍ତି।

ଖବରରୁ ଜଣାପଡ଼ିଛି, ଗତମାସ ୨୭ ତାରିଖରେ ଦିବ୍ୟାଙ୍ଗ କବି ଘରୁ ବାହାରକୁ ଆସି ଆଉ ଘରକୁ ଫେରି ନ ଥିଲେ। ଫଳରେ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରି ନିରାଶ ହୋଇ ରହିଥିଲେ। ଇତି ମଧ୍ୟରେ ତାଙ୍କ ବାପା ସୁରେନ୍ଦ୍ର ମହାରଣାଙ୍କ ଗତ ୨ ତାରିଖରେ ମୃତ୍ୟୁ ଘଟିଥିଲା। ଶନିବାର ଟ୍ରାନ୍ସଫର୍ମର ନିକଟରୁ ଦୁର୍ଗନ୍ଧ ବାହାରିବାରୁ ଲୋକେ ସେଠାକୁ ଯାଇ କବିଙ୍କ ଗଳିତ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୁରୁଷୋତ୍ତମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ନଂ. ୧୫/୨୫ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଯାଇଥିବା ଏସ୍‌ଆଇ ଆଦିତ୍ୟ ନାରାୟଣ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଆସିକା–ହୁମ୍ମା ମୁଖ୍ୟରାସ୍ତା କଡ଼ରେ କୁମାରୀ ବନ୍ଧପାର୍ଶ୍ୱରେ ମୁକୁଳା ଭାବରେ ଗଛଲତାପୂର୍ଣ୍ଣ ପରିବେଶରେ ବିଦ୍ୟୁତ୍ ବିଭାଗର ଏକ ଟ୍ରାନ୍ସଫର୍ମର ରହିଛି। ଏହା ସଂସ୍ପର୍ଶରେ ଆସି କବିଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

# ଏମ୍‌ପିମାନଙ୍କ ସହ ସିଆଇଆଇର ଆଲୋଚନା

## ଓଡ଼ିଶାର ସାମାଜିକ-ଆର୍ଥିକ ବିକାଶକୁ ତ୍ୱରାନ୍ୱିତ ଲକ୍ଷ୍ୟ




ଏମ୍‌ପିମାନଙ୍କ ସହ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟମାନେ।

ଭୁବନେଶ୍ୱର,୯।୮ (ଅନୁରାଧା ମହାରଣା)

ଭାରତୀୟ ଶିଳ୍ପ ସମ୍ମିଳନୀ (ସିଆଇଆଇ) ଓଡ଼ିଶା ଶାଖା ପକ୍ଷରୁ ନୂଆଦିଲ୍ଲୀରେ ଓଡ଼ିଶାର ଏମ୍‌ପିମାନଙ୍କ ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀର ୧୪ ଜଣ ଏମ୍‌ପି ଏବଂ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଶିଳ୍ପ ଓ ସରକାରୀ ସହଯୋଗ ମାଧ୍ୟମରେ ଓଡ଼ିଶାର ସାମାଜିକ–ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆଲୋଚନାରେ ୪ଟି ମୁଖ୍ୟ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଐତିହ୍ୟ ଓ ପ୍ରାକୃତିକ ସମ୍ପଦକୁ କାମରେ ଲଗାଇ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ, କୃଷି ଆଧାରିତ ଶିଳ୍ପକୁ ଗୁରୁତ୍ୱ ଦେଇ ମୂଲ୍ୟ ସଂଯୋଜନ ଓ ଗ୍ରାମୀଣ ଆୟ ବୃଦ୍ଧି, ଅର୍ଥନୈତିକ ଓ ପ୍ରଯୁକ୍ତିଗତ ସହାୟତା ମାଧ୍ୟମରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକୁ ସଶକ୍ତ କରିବା, ଜିଲାସ୍ତରୀୟ ଶିଳ୍ପ ସମ୍ଭାବନା ଚିହ୍ନଟ କରି ବିନିଯୋଗ ସୁଯୋଗ ସୃଷ୍ଟି ଓ ଆଞ୍ଚଳିକ ବିକାଶ ଉପରେ ଆଲୋଚନା କରାଯାଇଥିଲା। ସରକାର ଏବଂ ଶିଳ୍ପ ଓ ସ୍ଥାନୀୟ ସମୁଦାୟ ମଧ୍ୟରେ ସମନ୍ୱିତ ପ୍ରୟାସ ଜରିଆରେ ଅନ୍ତର୍ଭୁକ୍ତ ଓ ସ୍ଥାୟୀ ବିକାଶ ହାସଲ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ସୁନୀଲ ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶାର ଅର୍ଥନୈତିକ ପ୍ରାଥମିକତାକୁ ତ୍ୱରାନ୍ୱିତ କରିବା ଏବଂ ବିନିଯୋଗ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ସିଆଇଆଇ ନୀତି ନିର୍ମାତାମାନଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ପୁନର୍ବାର ପ୍ରତିଶ୍ରୁତି ଦେଇଛି।

# ଭାଲୁ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ଘଟଗାଁ,୯।୮ (ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ବଣଚକୁଳିଆ ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଗ୍ରାମର ଚାମେଲୀ ମୁଣ୍ଡା(୩୫)। ବନ ବିଭାଗ ପକ୍ଷରୁ ଶେଷକୃତ୍ୟ ପାଇଁ ସମସ୍ତ ଖର୍ଚ୍ଚ ବହନ କରାଯାଇଛି। ୭ ଦିନ ମଧ୍ୟରେ ପରବର୍ତ୍ତୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସୂଚନା ଅନୁଯାୟୀ, ଚାମେଲୀ ଶନିବାର ସକାଳେ ଗାଁ ପାଖ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିଲେ। ସେ ସମୟରେ ଏକ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଜଙ୍ଗଲରେ ପଡ଼ିଥିଲେ। ପରିବାର ଲୋକେ ଜାଣିବା ପରେ ଆମ୍ବୁଲାନ୍ସ ଯୋଗେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ ପହଞ୍ଚି ମୃତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ପୋଲିସ, ବନ ବିଭାଗ କର୍ମଚାରୀ ଡାକ୍ତରଖାନାରେ ପହଞ୍ଚିଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ୱାମପାଟଣା ଡାକ୍ତରଖାନାକୁ ପଠାଇଥିଲା। ଘଟଣାସ୍ଥଳରେ ବନପାଳ ଯତୀନ୍ଦ୍ର ସାହୁ, ବନରକ୍ଷୀ ପୂଜା ବଳ ପହଞ୍ଚି ପରିବାର ଲୋକଙ୍କୁ ୭ ଦିନ ମଧ୍ୟରେ ଏକ ଲକ୍ଷ ଓ ପରବର୍ତ୍ତୀ ସମୟରେ ନିୟମ ଅନୁଯାୟୀ ବାକି ଅନୁକମ୍ପା ରାଶି ମିଳିବା ନେଇ ରିପୋର୍ଟ ଦେଇଥିବା ସୂଚନା ଦେଇଥିଲେ।

# ଯିବା ଆସିବା ରେଳ ଟିକେଟ ଏକାଥରେ କିଣିଲେ ୨୦% ରିହାତି

## ପାର୍ବଣ ଭିଡ଼ ଏଡାଇବାକୁ ପଦକ୍ଷେପ

ଭୁବନେଶ୍ୱର,୯।୮ (ଅନୁରାଧା ମହାରଣା)

ପାର୍ବଣ ଋତୁରେ ଟ୍ରେନରେ ଓ ଟିକେଟ ପାଇଁ କାଉଣ୍ଟରରେ ପ୍ରବଳ ଭିଡ଼ ହୋଇଥାଏ। ଏସବୁ ଭିଡ଼ଜନିତ ସମସ୍ୟା ଏଡାଇବା ପାଇଁ ଭାରତୀୟ ରେଳପଥ ଏକ ନୂତନ ଯୋଜନା 'ରାଉଣ୍ଡ୍ ଟ୍ରିପ୍ ପ୍ୟାକେଜ ଫର୍ ଫେଷ୍ଟିଭାଲ ରଶ୍' ଆରମ୍ଭ କରିଛି। ରେଳଯାତ୍ରୀ ଯିବା ଓ ଆସିବା ପାଇଁ ଏକାଥରେ ରେଳ ଟିକେଟ ବୁକ୍ କଲେ ୨୦ ପ୍ରତିଶତ ରିହାତି ଦିଆଯିବ। ରେଳ ମନ୍ତ୍ରଣାଳୟ ଏହି ରାଉଣ୍ଡ ଟ୍ରିପ୍ ପ୍ୟାକେଜ ସମ୍ପର୍କରେ ଘୋଷଣା କରିଛି। ଏହି ଯୋଜନା ଅନୁସାରେ, ଏହି ରିହାତି କେବଳ ସେହି ଯାତ୍ରୀମାନଙ୍କୁ ଦିଆଯିବ, ଯେଉଁମାନେ ସମାନ ନାମ ଏବଂ ବିବରଣୀ ସହିତ ଆସିବା ଓ ଯିବା ପାଇଁ ଟିକେଟ ବୁକ୍ କରିବେ। ଉଭୟ ଟିକେଟ ସମାନ ଶ୍ରେଣୀ ଏବଂ ସମାନ ଷ୍ଟେଶନ ଯୋଡ଼ା ହେବା ଉଚିତ। ଯିବା ଯାତ୍ରା ଟିକେଟ ଅକ୍ଟୋବର ୧୩ରୁ ୨୬ ମଧ୍ୟରେ ଏବଂ ଫେରିବା ଟିକେଟ ନଭେମ୍ବର ୧୭ରୁ ଡିସେମ୍ବର ୧ ମଧ୍ୟରେ ହେବା ଆବଶ୍ୟକ।



# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମାମୁ ଭଣଜାଙ୍କ ମୃତ୍ୟୁ

ନୂଆପଡ଼ା,୯।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା କ୍ରିଷ୍ଣା ତେତେଲବନ୍ଧ ନିକଟ ଜାତୀୟ ରାଜପଥ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୁରେଶ୍ୱର ପଞ୍ଚାୟତ ଖଇରଭାଡି ଗାଁର ମାମୁ ପଦ୍ମନ ମାଝି (୬୨) ଓ ଭଣଜା ପ୍ରେମାନନ୍ଦ ମାଝି (୩୫)। ସୂଚନା ଅନୁଯାୟୀ ପ୍ରେମାନନ୍ଦ ଭାରତୀୟ ସେନା ବାହିନୀର ଯବାନ ଭାବରେ କାର୍ଯ୍ୟ କରୁଥିବାବେଳେ କିଛିଦିନ ପାଇଁ ଛୁଟିରେ ଗାଁକୁ ଆସିଥିଲେ। ଶୁକ୍ରବାର କୌଣସି କାମରେ ସେ ମାମୁ ପଦ୍ମନଙ୍କ ସହିତ ଓଆର୨୬ଏ–୫୯୨୫ ନଂ. ବିଶିଷ୍ଟ ବାଇକ୍‌ରେ କୋମନା ଯାଇଥିଲେ। ରାତି ପ୍ରାୟ ୧୦ଟା ପରେ ସେମାନେ ଗାଁକୁ ଫେରୁଥିବା ସମୟରେ କ୍ରିଷ୍ଣା ଛକ ତେତେଲବନ୍ଧଠାରେ ୩୫୩ନଂ. ଜାତୀୟ ରାଜପଥ ଉପରେ ଏକ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମାମୁ ଭଣଜାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ କୋମନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କୋମନା ଥାନାରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଜୈବ ବିବିଧତାରେ ସିଂହ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଆଜି ବିଶ୍ୱ ସିଂହ ଦିବସ

ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ସିଂହଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କ ଗୁରୁତ୍ୱ ତଥା ସୁରକ୍ଷା ସମ୍ପର୍କିତ ବିଷୟରେ ସଚେତନତା ଲାଗି ପ୍ରତିବର୍ଷ ଅଗଷ୍ଟ ୧୦ରେ ପାଳନ ହେଉଛି ବିଶ୍ୱ ସିଂହ ଦିବସ । ଏହି ଦିବସ ପରିସଂସ୍ଥାରେ ସିଂହଙ୍କ ଭୂମିକା, ଏହି ପ୍ରାଣୀଙ୍କ ସୁରକ୍ଷା ତଥା ସଂରକ୍ଷଣ କ୍ଷେତ୍ରରେ ବିଶ୍ୱବ୍ୟାପୀ କରାଯାଉଥିବା ପ୍ରୟାସକୁ ଉତ୍ସାହିତ କରିଥାଏ। ତେବେ ୨୦୧୩ ଅଗଷ୍ଟ ୧୦ରେ ପ୍ରଥମ ବିଶ୍ୱ ସିଂହ ଦିବସ ପାଳନ ହୋଇଥିଲା। ଜଙ୍ଗଲରେ ସିଂହମାନେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଡେରେକ୍ ଏବଂ ବେଭର୍ଲି ଜୁବର୍ଟ ଏହି ଦିବସର ଶୁଭାରମ୍ଭ କରିଥିଲେ। ସେବେଠାରୁ ପ୍ରତିବର୍ଷ ଅଗଷ୍ଟ ୧୦କୁ ବିଶ୍ୱ ସିଂହ ଦିବସ ଭାବେ ପାଳନ କରାଯାଉଛି। ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଶନ ଅଫ୍ ନେଚର (ଆଇୟୁସିଏନ୍)ର ଆକଳନ ଅନୁଯାୟୀ, ସମ୍ପ୍ରତି ବିଶ୍ୱବ୍ୟାପୀ ସିଂହ ସଂଖ୍ୟା ୨୩ ହଜାରରୁ ୩୯ ହଜାର ମଧ୍ୟରେ ରହିଛି। ୨୦୨୫ରେ କରାଯାଇଥିବା ସିଂହ ଗଣନା ଅନୁଯାୟୀ, ଭାରତରେ ସିଂହ ସଂଖ୍ୟା ୮୯୧ ରହିଛି। ସେଥିମଧ୍ୟରୁ ସିଂହ ସଂଖ୍ୟା ୧୯୬, ସିଂହୀ ସଂଖ୍ୟା ୩୩୦, ଶାବକ ଏବଂ ମଧ୍ୟ ବୟସ୍କଙ୍କ ସଂଖ୍ୟା ୩୬୫ । ତେବେ ୨୦୨୦ ସିଂହ ଗଣନା ତୁଳନାରେ ଆମ ଦେଶରେ ସିଂହଙ୍କ ସଂଖ୍ୟାରେ ୩୨.୨% ବୃଦ୍ଧି ଘଟିଛି। ଆମ ଦେଶରେ ଏସୀୟ ସିଂହ ଗିର୍ ଜଙ୍ଗଲ ଜାତୀୟ ଉଦ୍ୟାନ ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଦେଖାଯାଆନ୍ତି। ଅପରପକ୍ଷେ ଆଇୟୁସିଏନ୍ ତଥ୍ୟ ଅନୁଯାୟୀ, ପଶ୍ଚିମ, ମଧ୍ୟ ଏବଂ ପୂର୍ବ ଆଫ୍ରିକାରେ ସିଂହଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଛି। ଏହିସବୁ ଦେଶରେ ୨ ଦଶନ୍ଧି ମଧ୍ୟରେ ସିଂହଙ୍କ ସଂଖ୍ୟା ୫୦% ହ୍ରାସ ପାଇଥିବାର ପୂର୍ବାନୁମାନ କରାଯାଇଛି। ତେବେ ବୋତୋସ୍ୱାନା, ନାମିବ୍ୟା, ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେ ଭଳି କେତେକ ଆଫ୍ରିକୀୟ ଦେଶରେ ଏମାନଙ୍କ ସଂଖ୍ୟା ସ୍ଥିର କିମ୍ବା ବୃଦ୍ଧି ପାଉଛି। ସମ୍ପ୍ରତି ବାସସ୍ଥାନ ହ୍ରାସ, ମଣିଷ–ବନ୍ୟପ୍ରାଣୀ ସଂଘର୍ଷ, ଶିକାର, ଜଳବାୟୁ ପରିବର୍ତ୍ତନ ଆଦି ସିଂହଙ୍କ ପାଇଁ ବଡ଼ ବିପଦ ଭାବେ ଉଭାହୋଇଛି।



# ବନ ବିଭାଗ ଦ୍ୱାରା ୧୮ କଇଁଛ ଜବତ, ଜଣେ ଗିରଫ



ଜବତ କଇଁଛ, ଗିରଫ ଅଭିଯୁକ୍ତ ।

ମାଲକାନଗିରି, ୯।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଏମ୍‌ଭି ୭୯ ବନ ବିଭାଗ ଦ୍ୱାରା ଶନିବାର ୧୮ କଇଁଛ ଜବତ ହେବା ସହ ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଏମ୍‌ପିଭି ୮୧ ଗ୍ରାମର ବିପିନ ରାୟ। ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶଯେ, ଆନ୍ଧ୍ରପ୍ରଦେଶ ସିଲେରୁ ନଦୀରେ କଣ୍ଟା ଲଗାଇ କଇଁଛ ଧରି ଚୋରାଚାଲାଣ କରୁଥିବା ଖବର ପାଇ ଏମ୍‌ଭି ୭୯ ଫରେଷ୍ଟର ମୁରଲିଧର ଅନୁଗୁଳିଆ ଓ ରେଭେନ୍ୟୁ ଇନ୍ସପେକ୍ଟର ସୁରେଶ ପୂଜାରୀ ମୋଟୁ ଓ କୋଣ୍ଟାକୁ ସଂଯୋଗ କରୁଥିବା ପୋଲ ନିକଟରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜଗି ରହିଥିଲେ। ସେହି ସମୟରେ ଗୋଟିଏ ବାଇକ୍‌ରେ ଜଣେ ବ୍ୟକ୍ତି ଦ୍ରୁତଗତିରେ ଆସୁଥିବା ଦେଖି ଗାଡି ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ଗୋଟିଏ ବାକ୍ସରେ ଥିବା କଇଁଛ ଏବଂ ଗାଡ଼ି ଜବତ କରିଥିଲେ।

# ବିଶ୍ୱ ଜୈବ ଇନ୍ଧନ ଦିବସ | ଶକ୍ତି ସୁରକ୍ଷା



ଜୀବାଶ୍ମ ଇନ୍ଧନର ଏକ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ବିକଳ୍ପ ଭାବେ ଜୈବ ଇନ୍ଧନ(ବାୟୋ ଫୁଏଲ)କୁ ଗୁରୁତ୍ୱ ଦିଆଯାଉଛି । ଏହାର ପ୍ରସାର ତଥା ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତି ବର୍ଷ ଅଗଷ୍ଟ ୧୦ରେ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରାଯାଇଆସୁଛି। ଏହି ଦିବସର ଲକ୍ଷ୍ୟ ଜୈବ ଇନ୍ଧନ ବିଷୟରେ ସଚେତନତା, ବ୍ୟବହାର ଲାଗି ପ୍ରୋତ୍ସାହନ, ଶକ୍ତି ସୁରକ୍ଷା ତଥା ଏକ ସ୍ୱଚ୍ଛ ଏବଂ ସବୁଜ ବିଶ୍ୱକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିବା। ସୂଚନାଯୋଗ୍ୟ ସାର୍ ରୁଡଲ୍ଫ ଡିଜେଲଙ୍କ ସମ୍ମାନାର୍ଥେ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରାଯାଏ। କାରଣ ରୁଡଲ୍ଫ ଡିଜେଲ ୧୮୯୩ ମସିହା ଅଗଷ୍ଟ ୧୦ରେ ବାଦାମ ତେଲ ବ୍ୟବହାର କରି ପ୍ରଥମ ଇଞ୍ଜିନ ଚଳାଇଥିଲେ। ଏହିଭଳି ସେ ଆଧୁନିକ ଜୈବ ଇନ୍ଧନ ଉତ୍ପାଦନ ଏବଂ ବ୍ୟବହାର ପାଇଁ ପ୍ରଯୁକ୍ତିଗତ ଭିତ୍ତିଭୂମି ସ୍ଥାପନ କରିଥିଲେ। ପ୍ରକୃତପକ୍ଷେ ପାରମ୍ପରିକ ଇନ୍ଧନର ବିକଳ୍ପ ଭାବରେ ଅଣ–ଜୀବାଶ୍ମ ଇନ୍ଧନ ବିଷୟରେ ସଚେତନତା ସୃଷ୍ଟି, ଶକ୍ତି ସୁରକ୍ଷା ଏବଂ ନବୀକରଣୀୟ ଶକ୍ତିର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିବସ ପ୍ରତିଷ୍ଠା କରାଯାଇଛି। ଆମ ଦେଶରେ ୨୦୧୫ ମସିହାରୁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରିଆସୁଛି। ଏହି ଦିବସ ସ୍ଥାୟୀ ଶକ୍ତି ପାଇଁ ଜୈବ ଇନ୍ଧନର ଅପରିହାର୍ଯ୍ୟତା, କାର୍ବନ ନିର୍ଗମନ ହ୍ରାସ ଏବଂ ଶକ୍ତି ସୁରକ୍ଷାକୁ ଉନ୍ନତ କରିବା ଉପରେ ଗୁରୁତ୍ୱାରୋପ କରିଥାଏ। ଏଥିସହ ଆଗାମୀ ପିଢ଼ି ପାଇଁ ସ୍ୱଚ୍ଛ ଇନ୍ଧନର ବିକଳ୍ପ ପ୍ରତି ପ୍ରତିବଦ୍ଧତା ଲାଗି ପ୍ରେରଣା ଦିଏ।



# ଅନିଶ୍ଚିତତାରେ ଟ୍ରମ୍ପଙ୍କ ଶାନ୍ତି ପ୍ରସ୍ତାବ

ୱାଶିଂଟନ୍/କିଭ୍/ମସ୍କୋ,୯।୮

୨୦୨୨ ଫେବୃଆରୀରେ ରୁଷିଆର ଆକ୍ରମଣ ଯୋଗୁ ୟୁକ୍ରେନ୍ ସହ ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଆସନ୍ତା ଶୁକ୍ରବାର ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା କରିବାକୁ ବାହାରିଛନ୍ତି। ଶାନ୍ତି ଚୁକ୍ତିରେ କିଛି ଅଞ୍ଚଳ ଅଦଳବଦଳ କରାଯିବା ପ୍ରସ୍ତାବ ମଧ୍ୟ ସ୍ଥାନ ପାଇବ ବୋଲି ଟ୍ରମ୍ପ୍ କହିଛନ୍ତି। କୌଣସି ପ୍ରକାର ଆଲୋଚନାରେ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌କୁ ସାମିଲ କରିବା ପାଇଁ କିଭ୍ ପକ୍ଷରୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଟ୍ରମ୍ପ୍ ଏହାକୁ ଅଣଦେଖା କରିଛନ୍ତି। କିଭ୍‌କୁ ଏଥିରୁ ବାଦ୍ ଦିଆଯାଇଥିବାରୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କ୍ଷୋଭ ପ୍ରକାଶ କରି କହିଛନ୍ତି, ଜବରଦଖଲକାରୀ ରୁଷିଆକୁ ୟୁକ୍ରେନୀୟମାନେ ନିଜ ଭୂଖଣ୍ଡ ଟେକିଦେବେ ନାହିଁ। ତେବେ ଏଭଳି ସ୍ଥିତିରେ ପୁଟିନ୍‌ଙ୍କ ମତିଗତି ଉପରେ ଅନେକ କିଛି ନିର୍ଭର କରେ ବୋଲି କୁହାଯାଉଛି।

ଆମେରିକାର ରିପବ୍ଲିକାନ୍ ପ୍ରେସିଡେଣ୍ଟ ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପୂର୍ବରୁ ନିର୍ବାଚନ ଜିତିଲେ ୨୪ ଘଣ୍ଟା ଭିତରେ ୟୁକ୍ରେନ୍ ଯୁଦ୍ଧ ବନ୍ଦ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୭ ମାସ ବିତିବାକୁ ବସିଛି, କିନ୍ତୁ ଟ୍ରମ୍ପଙ୍କ ଏ ସଂକ୍ରାନ୍ତ ଉଦ୍ୟମ ସଫଳ ହୋଇପାରି ନାହିଁ। ନିଜ ଟ୍ରୁଥ୍ ସୋସିଆଲ ସାଇଟ୍‌ରେ ଟ୍ରମ୍ପ୍ ଶୁକ୍ରବାର ଘୋଷଣା କରିଛନ୍ତି ଯେ, ଅଗଷ୍ଟ ୧୫ରେ ଆଲାସ୍କାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ତାଙ୍କର ଆଲୋଚନା ହେବ। କ୍ରେମ୍‌ଲିନ ମଧ୍ୟ ଏହି ସମିଟ୍‌କୁ 'ଅତ୍ୟନ୍ତ ଯୁକ୍ତିଯୁକ୍ତ' କହି ନିଶ୍ଚିତ କରିଛି। ଏହା ପରେ ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍ କହିଛନ୍ତି, ଉଭୟ ୟୁକ୍ରେନ୍ ଓ ରୁଷିଆର ମଙ୍ଗଳ ପାଇଁ କିଛି ଭୂଖଣ୍ଡ ଅଦଳବଦଳ ହେବ। କିନ୍ତୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର କହିଛନ୍ତି, କିଭ୍‌କୁ ସାମିଲ ନ କରି ବୈଠକ କରାଗଲେ ସେଥିରୁ ମୃତ ନିଷ୍କର୍ଷ ବାହାରିବ। ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କୋଫ୍ ଏହା ପୂର୍ବରୁ ଏକ ତ୍ରୈପାକ୍ଷିକ ବୈଠକର ପ୍ରସ୍ତାବ ଦେଇଥିଲେ। କିନ୍ତୁ ପୁଟିନ୍ ୟୁକ୍ରେନୀୟ ପ୍ରତିପକ୍ଷ ଜେଲେନ୍‌ସ୍କିଙ୍କ ସହ ମୁହାଁମୁହିଁ ବୈଠକ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ।

ପୁଟିନ୍ ୟୁକ୍ରେନ୍‌ର ଲୁହାନ୍‌ସ୍କ, ଡୋନେସ୍କ, ଜାପୋରିଝିଆ ଓ ଖେରସନ୍ ଅଞ୍ଚଳ ସହ ୨୦୧୪ରେ ଦଖଲ କରିଥିବା କୃଷ୍ଣସାଗରର କ୍ରିମିଆ ଉପଦ୍ୱୀପ ଉପରେ ଦାବି ରଖିଛନ୍ତି। ସେ ଏହି ଅଞ୍ଚଳଗୁଡ଼ିକ ଉପରେ ରୁଷିଆର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଚାହୁଁଛନ୍ତି। ଜେଲେନ୍‌ସ୍କି ଏହି ପ୍ରସ୍ତାବରେ ରାଜି ହେଲେ ଏହା ତାଙ୍କ ସରକାର ପାଇଁ ଏକ ଯନ୍ତ୍ରଣାଦାୟକ ବିଫଳତା ହେବ ବୋଲି ମନେକରାଯାଉଛି। ଏହି କାରଣରୁ ସେ କୌଣସି ଅଞ୍ଚଳ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ସ୍ପଷ୍ଟ କରିବା ପରେ ଶାନ୍ତି ଚୁକ୍ତିକୁ ନେଇ ଅନିଶ୍ଚିତତା ଦେଖାଦେଇଛି।

### ୧୫ରେ ପୁଟିନ୍‌ଙ୍କୁ ଭେଟିବାକୁ ଆଗ୍ରହୀ





ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି

- ➡ଅଗଷ୍ଟ ୧୫ରେ ଆଲାସ୍କାରେ ହେବ ପୁଟିନ୍‌ଙ୍କ ସହ ସାକ୍ଷାତ୍
- ➡ୟୁକ୍ରେନ୍-ରୁଷିଆ ଅସ୍ତ୍ରବିରତି ପାଇଁ ଶାନ୍ତି ଚୁକ୍ତିରେ ସ୍ଥାନ ପାଇବ ଭୂଖଣ୍ଡ ଅଦଳବଦଳ



ଭୋଲୋଡିମିର ଜେଲେନ୍‌ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି

- ➡ଜବରଦଖଲକାରୀ ରୁଷିଆକୁ ନିଜ ଭୂଖଣ୍ଡ ଟେକିଦେବେ ନାହିଁ ୟୁକ୍ରେନୀୟ
- ➡କିଭ୍‌କୁ ବାଦ୍‌ଦେଇ ଆଲୋଚନା ମୃତ ସମାଧାନ

## ସଂକ୍ଷେପରେ

### ଟ୍ରେନ୍‌କୁ ଧକ୍କା ଦେଲା ଲାଇନ୍‌ଚ୍ୟୁତ ୱାଗନ

ରାଞ୍ଚି,୯।୮

ପୁରୁଲିଆ ଅଭିମୁଖେ ଯାଉଥିବା ଏକ ମାଲ୍‌ବାହୀ ଟ୍ରେନ୍ ଶନିବାର ଭୋର ସମୟରେ ଝାଡ଼ଖଣ୍ଡର ପିଟାକି ଗେଟ୍ ନିକଟରେ ଲାଇନ୍‌ଚ୍ୟୁତ ହୋଇଛି। ଏହାର ୨ଟି ୱାଗନ୍ ଅପ୍‌ଲାଇନରେ ଆସୁଥିବା ଅନ୍ୟ ଏକ ମାଲ୍‌ବାହୀ ଟ୍ରେନ୍‌କୁ ଧକ୍କା ଦେଇଥିଲେ ମଧ୍ୟ କେହି ମୃତାହତ ହୋଇନାହାନ୍ତି। ମାଲ୍‌ବାହୀ ଟ୍ରେନ୍‌ର ୨୧ଟି ୱାଗନ ଲାଇନ୍‌ଚ୍ୟୁତ ହୋଇଥିବାବେଳେ ସେଥିରୁ ୨ଟି ୱାଗନ ଅପ୍‌ଲାଇନରେ ପଡ଼ିଥିଲା। ବୈଷୟିକ ତ୍ରୁଟି ଏବଂ ସିଗ୍‌ନାଲରେ ବିଫଳତା ପାଇଁ ଦୁର୍ଘଟଣା ଘଟିଥିବା ପ୍ରାରମ୍ଭିକ ରିପୋର୍ଟରେ କୁହାଯାଇଛି। ରେଲୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଦୁର୍ଘଟଣା ଯୋଗୁ ଚାନ୍ଦିଲ-ଟାଟାନଗର, ଚାନ୍ଦିଲ-ମୁରି ଏବଂ ଚାନ୍ଦିଲ-ପୁରୁଲିଆ-ବୋକାରୋ ରୁଟ୍‌ରେ ରେଳ ସେବା ବାଧାପ୍ରାପ୍ତ ହୋଇଛି।

### ୩୩୪ ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳଙ୍କୁ ତାଲିକାରୁ ବାଦ୍ ଦେଲେ ଇସି

ନୂଆଦିଲ୍ଲୀ,୯।୮(ପି.ଟି.)

୨୦୧୯ରୁ ୬ ବର୍ଷ ମଧ୍ୟରେ ଗୋଟିଏ ବି ନିର୍ବାଚନ ଲଢ଼ି ନ ଥିବା ଓ ଅନ୍ୟାନ୍ୟ ସର୍ତ୍ତ ପୂରଣ କରିବାରେ ବିଫଳ ହୋଇଥିବା ୩୩୪ଟି ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳକୁ ନିର୍ବାଚନ କମିଶନ (ଇସି) ଶନିବାର ତାଲିକାରୁ ବାଦ୍ ଦେଇଛନ୍ତି। ଏହି ଦଳଗୁଡ଼ିକର କୌଣସିଠାରେ କାର୍ଯ୍ୟାଳୟ ମଧ୍ୟ ନାହିଁ। ମୋଟ ୨,୮୫୪ ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳ ମଧ୍ୟରୁ ୩୩୪ ବାଦ୍ ପଡ଼ିବା ପରେ ଏବେ ୨,୫୨୦ ଦଳ ରହିଛନ୍ତି। ବର୍ତ୍ତମାନ ୬ଟି ଜାତୀୟ ଦଳ ସହ ୬୭ଟି ରାଜ୍ୟ ଦଳ ରହିଛି। ଗତ ଜୁନ୍‌ରୁ ଇସି ୩୪୫ଟି ଦଳ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପରେ ଶେଷରେ ୩୩୪ ଦଳଙ୍କୁ ତାଲିକାରୁ ବାଦ୍ ଦେଇଛି।

### ବାଙ୍କେବିହାରୀ ମନ୍ଦିର ପରିଚାଳନା ପାଇଁ କମିଟି ଗଢ଼ିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୮

ଉତ୍ତରପ୍ରଦେଶର ବୃନ୍ଦାବନରେ ବାଙ୍କେବିହାରୀଜୀ ମହାରାଜ ମନ୍ଦିରର ଦେଖାଶୁଣା ଓ ଦୈନନ୍ଦିନ କାର୍ଯ୍ୟ ପରିଚାଳନା ପାଇଁ ସୁପ୍ରିମକୋର୍ଟ ଶନିବାର ଆହ୍ଲାହାବାଦ ହାଇକୋର୍ଟର ପୂର୍ବତନ ବିଚାରପତି ଅଶୋକ କୁମାରଙ୍କ ନେତୃତ୍ୱରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଛନ୍ତି। ଉତ୍ତରପ୍ରଦେଶ ଶ୍ରୀ ବାଙ୍କେବିହାରୀଜୀ ମନ୍ଦିର ଟ୍ରଷ୍ଟ ଅଧ୍ୟାଦେଶ, ୨୦୨୫ ଅଧୀନରେ ଗଠିତ କମିଟିର କାର୍ଯ୍ୟକୁ ଶୀର୍ଷ ଅଦାଲତ ସ୍ଥଗିତ ରଖିଛନ୍ତି। ଅଧ୍ୟାଦେଶକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକୁ ସୁପ୍ରିମକୋର୍ଟ ଆହ୍ଲାହାବାଦ ହାଇକୋର୍ଟଙ୍କ ବିଚାର ପାଇଁ ପଠାଇଛନ୍ତି। ହାଇକୋର୍ଟ ଏହା ଉପରେ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ମନ୍ଦିର ଦାୟିତ୍ୱରେ ରହିବ।

## କୁଲ୍‌ଗାମ୍‌ରେ ଆତଙ୍କବାଦ ନିରୋଧୀ ଅଭିଯାନ ବେଳେ ୨ ଯବାନଙ୍କ ମୃତ୍ୟୁ

ଶ୍ରୀନଗର,୯।୮(ପି.ଟି.)

ଜମ୍ମୁ-କଶ୍ମୀରର କୁଲ୍‌ଗାମରେ ଆତଙ୍କବାଦ ନିରୋଧୀ ଅଭିଯାନ ଶନିବାର ୯ମ ଦିନରେ ପହଞ୍ଚିଥିବାବେଳେ ଆତଙ୍କବାଦୀଙ୍କ ସହ ଗୁଳିବିନିମୟ ବେଳେ ୩ ଜଣ ଯବାନଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଅଖଲ ଜଙ୍ଗଲ ମଧ୍ୟରେ ରାତି ତମାମ ଗୁଳିବିନିମୟ ଜାରି ରହିଥିଲା। ମୃତ ଯବାନଦ୍ୱୟ ହେଲେ ଲାନ୍ସ ନାଏକ ପ୍ରୀତ୍‌ପାଲ ସିଂ ଏବଂ ସିପାହି ହରମିନ୍ଦର ସିଂ। ସେମାନଙ୍କ ସାହସ ଓ ତ୍ୟାଗ ସବୁଦିନ ପାଇଁ ଆମକୁ ଅନୁପ୍ରାଣିତ କରିବ ବୋଲି ସେନା ପକ୍ଷରୁ ଶୋକବାର୍ତ୍ତାରେ କୁହାଯାଇଛି। ଅଖଲ ବନାଞ୍ଚଳରେ ଆତଙ୍କବାଦୀଙ୍କ ଗୋଟିଏ ଗୋଷ୍ଠୀ ଲୁଚି ରହିଥିବା ଗୋଇନ୍ଦା ସୂଚନା ପାଇବା ପରେ ଅଗଷ୍ଟ ୧ରୁ ପୋଲିସ, ସେନା ଏବଂ ସିଆର୍‌ପିଏଫ୍ ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି। ଘଞ୍ଚ ଜଙ୍ଗଲ ମଧ୍ୟରେ ଲୁଚିଥିବା ଆତଙ୍କବାଦୀଙ୍କ ଗତିବିଧିକୁ ଠାବ କରିବା ପାଇଁ ସୁରକ୍ଷା ବଳ ଡ୍ରୋନ୍, ହେଲିକପ୍ଟର ଓ ଅନ୍ୟାନ୍ୟ ସର୍ଭିଲାନ୍ସ ଉପକରଣ ବ୍ୟବହାର କରୁଛି।

## କାନ୍ଥ ପଡ଼ି ୨ ପିଲାଙ୍କ ସମେତ ୮ ମୃତ

### ଦିଲ୍ଲୀରେ ପ୍ରବଳ ବର୍ଷା

ନୂଆଦିଲ୍ଲୀ,୯।୮

ଦିଲ୍ଲୀରେ ଶୁକ୍ରବାର ରାତିରୁ ପ୍ରବଳ ବର୍ଷା ଜାରି ରହିଥିବାବେଳେ ହରିନଗର ଅଞ୍ଚଳର ଜୈତପୁରଠାରେ ଏକ ଘରର କାନ୍ଥ ଭୁଶୁଡ଼ି ୨ ପିଲାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ରଦ୍ଦିମାଲ୍ କିଣାବିକା କରି ଜୀବିକା ନିର୍ବାହ କରୁଥିବାବେଳେ ଏକ ପୁରୁଣା ମନ୍ଦିର ନିକଟ ଝୁମ୍ପୁଡ଼ିରେ ରହୁଥିଲେ। ପାଖରେ ଥିବା ଏକ ଘରର କାନ୍ଥ ଭୁଶୁଡ଼ି ଝୁମ୍ପୁଡ଼ି ଉପରେ ପଡ଼ିବାରୁ ସେମାନଙ୍କ ମୃତ୍ୟୁ ଘଟିଛି। ଉଦ୍ଧାରକାରୀ ଟିମ୍ ପହଞ୍ଚି ସେମାନଙ୍କୁ ଆହତ ଅବସ୍ଥାରେ ସଫଦରଜଙ୍ଗ ହସ୍ପିଟାଲ ଏବଂ ଏମ୍ସରେ ଭର୍ତ୍ତି କରିଥିଲେ ମଧ୍ୟ ଚିକିତ୍ସା ସମୟରେ ସମସ୍ତଙ୍କର ମୃତ୍ୟୁ ଘଟିଥିଲା। ଆଗକୁ ଏଭଳି ବିପଦ ଘଟିବା ଆଶଙ୍କାରେ ପ୍ରଶାସନ ଉକ୍ତ ଝୁମ୍ପୁଡ଼ି ବସ୍ତିକୁ ଖାଲି କରିଛି।

## ଉତ୍ତରକାଶୀରୁ ୧,୦୦୦ରୁ ଊର୍ଦ୍ଧ୍ୱ ଉଦ୍ଧାର ହେଲେଣି

ନୂଆଦିଲ୍ଲୀ,୯।୮

ଉତ୍ତରାଖଣ୍ଡର ଉତ୍ତରକାଶୀରେ ବାଦଲଫଟା ବର୍ଷାଜନିତ ହଠାତ୍ ବନ୍ୟା ଓ ଭୂସ୍ଖଳନ ଯୋଗୁ ବିଭିନ୍ନ ସ୍ଥାନରେ ଫସିରହିଥିବା ଆଉ ୨୮୭ ଜଣଙ୍କୁ ପଞ୍ଚମ ଦିନରେ ଶନିବାର ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୧୭୦ ଜଣଙ୍କୁ ଆଇଟିବିପିର ମାଟ୍‌ଲିକୁ ଏୟାରଲିଫ୍ଟ କରାଯାଇଥିବାବେଳେ ୧୦୭ ଜଣଙ୍କୁ ଚିନ୍ୟାଲିସଉର ଏୟାରଷ୍ଟ୍ରିପ୍‌କୁ ନିଆଯାଇଛି। ଉଦ୍ଧାର କାର୍ଯ୍ୟରେ ୪ଟି ହେଲିକପ୍ଟରକୁ ନିୟୋଜିତ କରାଯାଇଥିଲା। ଗତ ମଙ୍ଗଳବାର ହଠାତ୍ ବନ୍ୟା ଯୋଗୁ ଧରାଲି ଅଞ୍ଚଳ ବିଚ୍ଛିନ୍ନ ହୋଇଯାଇଥିଲା। ଏପର୍ଯ୍ୟନ୍ତ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଗଲାଣି। ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ବି ୪୯ ଜଣ ନିଖୋଜ ଥିବା ଜିଲା ପ୍ରଶାସନ କହିଛି। ବନ୍ୟା ପରେ ଧରାଲି ଓ ଏହାର ଆଖପାଖ ଅଞ୍ଚଳକୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବାବେଳେ ଶନିବାର ସକାଳେ ଜଲିଗ୍ରାଣ୍ଟ ଏୟାରପୋର୍ଟରୁ ବାୟୁସେନାର ଚିନୁକ୍ ହେଲିକପ୍ଟର ଯୋଗେ ଏକ ଜେନେରେଟର ସେଟ୍ ରିଲିଫ୍ କ୍ୟାମ୍ପ୍‌କୁ ଅଣାଯାଇଛି। ପ୍ରଭାବିତ ଅଞ୍ଚଳକୁ ସଡ଼କ ସଂଯୋଗ ପାଇଁ ଲିମ୍‌ଚିଗାଡଠାରେ ଏକ ଅସ୍ଥାୟୀ ବ୍ରିଜ୍ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ଚାଲିଛି।



ଡେରାଡୁନ୍ ବିମାନବନ୍ଦରରେ ପହଞ୍ଚିବା ପରେ ଖୁସିବ୍ୟକ୍ତ କରୁଛନ୍ତି ଉଦ୍ଧାର ହୋଇଥିବା ବ୍ୟକ୍ତି।

## ୧୦ ସ୍ଥାନରୁ ମିଳିଲା ମହିଳାଙ୍କ କଟାମୁଣ୍ଡ, ଖଣ୍ଡିତ ମୃତଦେହ

ବେଙ୍ଗାଲୁରୁ,୯।୮

କର୍ଣ୍ଣାଟକର ତୁମକୁର ଜିଲା ଅନ୍ତର୍ଗତ ୧୦ଟି ସ୍ଥାନରୁ ଜଣେ ମହିଳାଙ୍କ ଶରୀରର ବିଭିନ୍ନ ଅଙ୍ଗ ମିଳିବା ଘଟଣା ଆତଙ୍କ ଖେଳାଇ ଦେଇଛି। ଗତ ଗୁରୁବାର କୁକୁର ଏକ କଟା ହାତକୁ ରାସ୍ତାକୁ ଘୋଷାଡ଼ି ଆଣିବା ଦେଖି ଲୋକେ ଭୟଭୀତ ହୋଇଯାଇଥିଲେ। ଏହାର ଗୋଟିଏ କିଲୋମିଟର ଦୂରରେ ଆଉ ଏକ ହାତ ମିଳିଥିଲା। ଏହିପରି ୧୦ଟି ବିଭିନ୍ନ ସ୍ଥାନରୁ ମହିଳାଙ୍କ ମୁଣ୍ଡ ଓ ଶରୀରର ଅନ୍ୟାନ୍ୟ ଅଙ୍ଗ ମିଳିଥିଲା। ଏହି ଜଘନ୍ୟ ହତ୍ୟାକାଣ୍ଡ ପଛର ଉଦ୍ଦେଶ୍ୟ ଜଣାପଡ଼ି ନ ଥିବାବେଳେ ହତ୍ୟାକାରୀଙ୍କୁ ମଧ୍ୟ ଚିହ୍ନଟ କରାଯାଇ ନାହିଁ। ପୋଲିସ ହତ୍ୟା ମାମଲା ରୁଜୁ କରି ଅପରାଧୀଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ମିଳିଥିବା ହାତର ଟାଟୁ ଓ ମୁହଁର ବିଶେଷତାକୁ ଆଧାର କରି ପୋଲିସ ମୃତକଙ୍କୁ ତୁମାକୁର ତାଲୁକ୍ ଅନ୍ତର୍ଗତ ବେଲ୍ଲାଭି ଗ୍ରାମର ଲକ୍ଷ୍ମୀଦେବାମ୍ମା(୪୨) ବୋଲି ଚିହ୍ନଟ କରିଛି। ସେ ଗତ ୪ ତାରିଖରୁ ନିଖୋଜ ଥିବାନେଇ ତାଙ୍କ ସ୍ୱାମୀ ବାସବରାଜୁ ବେଲ୍ଲାଭି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପ୍ରଥମେ ନିଖୋଜ ମାମଲା ରୁଜୁ କରି ଖୋଜାଖୋଜି କରୁଥିବା ବେଳେ ଗୁରୁବାର ସକାଳେ ମହିଳାଙ୍କ ହାତ ଓ ପରେ ଅନ୍ୟାନ୍ୟ ଅଙ୍ଗ ମିଳିଥିଲା। ଏହି ଘଟଣା ୨୦୨୨ର ଶ୍ରଦ୍ଧା ୱାଲ୍‌କର ମାମଲାକୁ ମନେ ପକାଇ ଦେଉଛି। ୨୭ ବର୍ଷୀୟ ଶ୍ରଦ୍ଧାଙ୍କୁ ତାଙ୍କ ଲିଭ୍ ଇନ୍ ପାର୍ଟନର ହତ୍ୟା କରିବା ପରେ ଶରୀରକୁ ଖଣ୍ଡ ଖଣ୍ଡ କରି ଦିଲ୍ଲୀର ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ।



ରକ୍ଷାବନ୍ଧନ ଉତ୍ସବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ପିଲା ସହ କଥା ହେଉଛନ୍ତି।

## ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ୩ ଦିନିଆ ଅନଶନ ଧର୍ମଘଟ

### ଷଷ୍ଠ ଅନୁଚ୍ଛେଦରେ ସାମିଲ ଦାବି

କାର୍‌ଗିଲ,୯।୮(ପି.ଟି.)

ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ଏବଂ ଏହାକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବା ସମେତ ୪ ଦଫା ଦାବି ନେଇ ଶନିବାର ସକାଳୁ ୩ ଦିନିଆ ଅନଶନ ଧର୍ମଘଟ ଆରମ୍ଭ ହୋଇଛି। କାର୍‌ଗିଲ ଡେମୋକ୍ରାଟିକ୍ ଆଲିଆନ୍ସ (କେଡିଏ) ଏବଂ ଲେହ୍ ଆପେକ୍ସ ବଡି (ଏଲ୍ଏବି) ପକ୍ଷରୁ ସହରର ହୁସାନି ପାର୍କଠାରେ ଅନଶନ ଧର୍ମଘଟର ଆୟୋଜନ କରାଯାଇଛି। ଉକ୍ତ ସଂଗଠନର ପ୍ରତିନିଧିମାନଙ୍କ ସହ କେନ୍ଦ୍ର ସରକାର ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା କରିବାରେ ବିଳମ୍ବ କରୁଥିବାରୁ ଏଥିରେ ଅସନ୍ତୁଷ୍ଟ ହୋଇ ସେମାନେ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଥିଲେ। କେଡିଏ ଏବଂ ଏଲ୍ଏବି ମିଳିତ ଭାବେ ୫ ବର୍ଷ ହେଲା ଆନ୍ଦୋଳନର ନେତୃତ୍ୱ ନେଇଆସୁଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଉଚ୍ଚ କ୍ଷମତାସମ୍ପନ୍ନ କମିଟି ସହ ଅନେକ ପର୍ଯ୍ୟାୟ ଆଲୋଚନା କରିଛି। ସେମାନଙ୍କ ଅନ୍ୟ ଦାବି ମଧ୍ୟରେ ରହିଛି ଲେହ ଓ କାର୍‌ଗିଲ ଅଞ୍ଚଳ ପାଇଁ ଅଲଗା ଲୋକ ସଭା ଆସନ ଏବଂ ଏକ ଜନସେବା ଆୟୋଗ (ପିଏସ୍‌ସି) ପ୍ରତିଷ୍ଠା। ଦୀର୍ଘଦିନ ହେଲା ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ କେନ୍ଦ୍ର ସହ ଦୁଇଟି ମୌଳିକ ପ୍ରସଙ୍ଗ ଉପରେ ବଳିଷ୍ଠ ଆଲୋଚନା ହୋଇନାହିଁ। ମେ' ମାସରେ ଆଲୋଚନା ବେଳେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏବଂ ସ୍ୱରାଷ୍ଟ୍ର ସଚିବ ପରବର୍ତ୍ତୀ ମାସରୁ ରାଜ୍ୟ ମାନ୍ୟତା ଓ ଷଷ୍ଠ ଅନୁଚ୍ଛେଦ ଉପରେ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏପର୍ଯ୍ୟନ୍ତ ଆଲୋଚନା ଆରମ୍ଭ ହୋଇ ନ ଥିବା କେଡିଏ ସହଅଧ୍ୟକ୍ଷ ଅସ୍‌ଗର ଅଲି କାର୍ବାଲାଇ କହିଛନ୍ତି।

## 'ବାଗି ୪'କୁ ନେଇ ଚର୍ଚ୍ଚାରେ ଟାଇଗର



ମୁମ୍ବାଇ

ଆଗାମୀ ଫିଲ୍ମ 'ବାଗି ୪'କୁ ନେଇ ଚର୍ଚ୍ଚାରେ ବଲିଉଡ ଅଭିନେତା ଟାଇଗର ଶ୍ରଫ। ଦୀର୍ଘଦିନ ପରେ ନୂଆ ଥ୍ରିଲର କାହାଣୀ ସହିତ ଟାଇଗର ଫେରୁଥିବାରୁ ପ୍ରଶଂସକମାନେ ବେଶ୍ ଉତ୍ସାହିତ। ଏବେ ଟାଇଗର ଫିଲ୍ମ ସମ୍ପର୍କରେ ଏକ ଅପଡେଟ ଶେୟାର କରି ଏକ ତାରିଖର ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋରେ ଲେଖାଯାଇଛି '୧୧.୧.୧୧'। ଅର୍ଥାତ ଅଗଷ୍ଟ ୧୧ ତାରିଖ ଦିନ ୧:୧୧ ମିନିଟରେ 'ବାଗି ୪'ର ଟିଜର ରିଲିଜ ହୋଇପାରେ। 'ବାଗି ୪'ର ଟିଜରକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ (ସିବିଏଫ୍‌ସି) ପକ୍ଷରୁ 'ଏ' ସାର୍ଟିଫିକେଟ ମିଳିଛି। ଏହି ଟିଜରର ଅବଧି ୧ ମିନିଟ ୫୩ ସେକେଣ୍ଡ। ଫିଲ୍ମଟି ଆଗାମୀ ସେପ୍ଟେମ୍ବର ୫ ତାରିଖରେ ଥିଏଟରରେ ରିଲିଜ ହେବ। ଏ. ହର୍ଷାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ଟାଇଗର ଶ୍ରଫଙ୍କ ସହ ସଞ୍ଜୟ ଦତ୍ତ, ସୋନମ ବାଜୱା ଏବଂ ହରନାଜ ସନ୍ଧୁ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମଟି ସାଜିଦ ନାଦିଆଦୱାଲାଙ୍କ ନାଦିଆଦୱାଲା ଗ୍ରାଣ୍ଡସନ ଏଣ୍ଟରଟେନମେଣ୍ଟ ବ୍ୟାନର ଅଧୀନରେ ନିର୍ମିତ ହେଉଛି।

ବାଗି ଫ୍ରାଞ୍ଚାଇଜରେ ଏପର୍ଯ୍ୟନ୍ତ ତିନୋଟି ଫିଲ୍ମ ରିଲିଜ ହୋଇଛି। ପ୍ରଥମ ଫିଲ୍ମ 'ବାଗି' ୨୦୧୬ରେ ରିଲିଜ ହୋଇଥିଲା, ଯେଉଁଥିରେ ଟାଇଗର ଶ୍ରଫ ଏବଂ ଶ୍ରଦ୍ଧା କପୁର ମୁଖ୍ୟ ଭୂମିକାରେ ଥିଲେ। ୨୦୧୮ରେ 'ବାଗି ୨' ରିଲିଜ ହୋଇଥିଲା, ଯେଉଁଥିରେ ଟାଇଗରଙ୍କ ସହ ଦିଶା ପଟାନୀଙ୍କୁ କାଷ୍ଟ କରାଯାଇଥିଲା। ଏହି ଯୋଡ଼ିକୁ ଫ୍ୟାନ୍ସ ବେଶ୍ ପସନ୍ଦ କରିଥିଲେ। ୨୦୨୦ରେ ରିଲିଜ ହୋଇଥିବା 'ବାଗି ୩'ରେ ଟାଇଗରଙ୍କ ସହ ରିତେଶ ଦେଶମୁଖ, ଅଙ୍କିତା ଲୋଖଣ୍ଡେ, ଶ୍ରଦ୍ଧା କପୁର ଏବଂ ଜୟଦୀପ ଅହଲାୱତ ପରି ବଡ଼ ତାରକା ଥିଲେ।

## ବିକ୍ଷୋଭକାରୀଙ୍କୁ ପୋଲିସର ଲାଠିମାଡ଼

### ଆର୍‌ଜି କର ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣାକୁ ବର୍ଷେ

### ପୀଡ଼ିତାଙ୍କ ମା'ବାପା, ଭାଜପା ବିଧାୟକ ଆହତ

କୋଲକାତା,୯।୮(ପି.ଟି.)

କୋଲକାତାର ଆର୍‌ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ କର୍ତ୍ତବ୍ୟରତ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ଶନିବାର ବର୍ଷେ ପୂରିଥିବାବେଳେ ଏପର୍ଯ୍ୟନ୍ତ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ମିଳିନାହିଁ। ଘଟଣାର ବର୍ଷପୂର୍ତ୍ତି ଅବସରରେ ବିକ୍ଷୋଭକାରୀମାନେ ଶନିବାର ପଶ୍ଚିମବଙ୍ଗ ସଚିବାଳୟ ନବାନ୍ନ ଅଭିମୁଖେ ଶୋଭାଯାତ୍ରାରେ ଯାଉଥିବାବେଳେ କେନ୍ଦ୍ରୀୟ କୋଲ୍‌କାତାର ପାର୍କ ଷ୍ଟ୍ରିଟ୍‌ଠାରେ ପୋଲିସ ସେମାନଙ୍କ ଉପରେ ଲାଠିମାଡ଼ କରିଛି।



ଆଗକୁ ନ ବଢ଼ିବା ପାଇଁ ପୋଲିସ ସତର୍କ କରାଇବା ସତ୍ତ୍ୱେ ବିକ୍ଷୋଭକାରୀ ଏହାକୁ ନ ମାନି ବିଦ୍ୟାସାଗର ସେତୁ ଆଡ଼କୁ ଅଗ୍ରସର ହେବା ଲାଗି ବ୍ୟାରିକେଡ୍ ଅତିକ୍ରମ କରିବାକୁ ଉଦ୍ୟମ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଫଳରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଏଥିରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଓ କେତେଜଣ ଭାଜପା ନେତାଙ୍କ ସମେତ ଶତାଧିକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶୁଭେନ୍ଦୁଙ୍କ ସମେତ ଭାଜପା ନେତା ଅଗ୍ନିମିତ୍ର ପାଉଲ୍ ଓ ଦଳର ବିଧାୟକମାନେ ପାର୍କ ଷ୍ଟ୍ରିଟ୍-ଜେ.ଏଲ୍. ନେହେରୁ ରୋଡ୍ ଛକରେ ଧାରଣାରେ ବସିଛନ୍ତି। ଲାଠିମାଡ଼ରେ ପୀଡ଼ିତାଙ୍କ ମା'ବାପା ମଧ୍ୟ ଆହତ ହୋଇଥିବା ଶୁଭେନ୍ଦୁ ଅଭିଯୋଗ କରିଛନ୍ତି। ବିକ୍ଷୋଭ ଆହୁରି ବ୍ୟାପକ ହେବ ଏବଂ ଏହା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମହଙ୍ଗା ପଡ଼ିବ ବୋଲି ଶୁଭେନ୍ଦୁ ଚେତାବନୀ ଦେଇଛନ୍ତି। ମହିଳା ପୋଲିସ କର୍ମଚାରୀମାନେ ମାଡ଼ ମାରିଥିବା ପୀଡ଼ିତାଙ୍କ ମା' ଗଣମାଧ୍ୟମକୁ କହିଛନ୍ତି। ଏଥିରେ ତାଙ୍କ ହାତର ଶଙ୍ଖା ଭାଙ୍ଗିବା ସହ ମୁଣ୍ଡରେ ଆଘାତ ଲାଗିଛି। ଝିଅ ପାଇଁ ନ୍ୟାୟ ପାଇବା ନିମନ୍ତେ ଆମେ ସମସ୍ତେ ନବାନ୍ନ ଯିବାକୁ ଚାହୁଁଥିବାବେଳେ ସେମାନେ ଏଭଳି ଅଟକାଇଲେ କାହିଁକି ବୋଲି ମହିଳା ଜଣକ ପ୍ରଶ୍ନ କରିଛନ୍ତି।

କେତେଜଣ ବିକ୍ଷୋଭକାରୀ ହାଓଡ଼ା ଜିଲାର ସାନ୍ତ୍ରାଗାଚିକୁ ଶୋଭାଯାତ୍ରାରେ ଯିବା ସହ ପୋଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ପୋଲିସ ଗୁଳି ଚଳାଇଲେ ମଧ୍ୟ ନବାନ୍ନରେ ପହଞ୍ଚି ପୀଡ଼ିତାଙ୍କୁ କ'ଣ ପାଇଁ ନ୍ୟାୟ ମିଳିନାହିଁ, ତାହାର ଜବାବ ମାଗିବେ ବୋଲି ବିକ୍ଷୋଭକାରୀ କହୁଥିବା ଶୁଣାଯାଇଥିଲା।

## ଡାଲା ଅଟୋ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଆସିକା,(ସୁରେନ୍ଦ୍ର ନାଥ ସାହୁ) ଆସିକା-କବିସୂର୍ଯ୍ୟନଗର ମୁଖ୍ୟ ରାସ୍ତାର କୋଟିନଡା ଥାନା ଅନ୍ତର୍ଗତ କଲେଜ ଛକ ନିକଟରେ ଶନିବାର ଅଟୋ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ଏକ ୩ବର୍ଷର ଶିଶୁକନ୍ୟା ଶୁଭସ୍ମିତାଙ୍କ ମୃତ୍ୟୁ ଘଟିଛି। ବାଇକ୍ ଚାଳକ ତାଙ୍କ ମାମୁ ପିଣ୍ଟୁ ଭୂୟାଁ ଗୁରୁତର ହୋଇଛନ୍ତି । ତେବେ ଶିଶୁକନ୍ୟାଙ୍କ ମାଆ ପ୍ରମିଳା ବିଷୋୟୀ ଆହାତ ହୋଇଥିବା ଜଣାପଡିଛି । କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡିଆଲିରୁ ପିଣ୍ଟୁ ତାଙ୍କ ସମ୍ପର୍କୀୟା ଭଉଣୀ ଓ ଭାଣିଜୀଙ୍କୁ ଧରି ବାଇକ୍‌ରେ ବାଲିପଦର ନିକଟସ୍ଥ ରୁମାଗଡ଼କୁ ଯାଉଥିଲେ। ଏହି ସମୟରେ କଲେଜ ଛକ ନିକଟରେ ଧକ୍କା ହୋଇଥିଲା । ଗୁରୁତର ଅବସ୍ଥାରେ ସେମାନଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ପ୍ରାଇମେରି ସ୍କୁଲରେ ଶ୍ରେଣୀଗୃହର ଅଭାବ

ଗୁମ୍ମା,୯।୮(ପ୍ରବୀଣ କୁମାର ଲିମା)


ଭଗ୍ନ ଅବସ୍ଥାରେ ଶ୍ରେଣୀ ଗୃହ ଛାତ

ଗୁମ୍ମା ବ୍ଲକ୍ ଅନ୍ତର୍ଗତ ଗାଇବା ପଞ୍ଚାୟତ ଗାଇବା ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଛି। ଗୋଟିଏ ଶ୍ରେଣୀ ଗୃହ ଭୁଶୁଡ଼ିବା ଅବସ୍ଥାରେ ଅଛି ସିମେଣ୍ଟ କଂକ୍ରିଟ ଧୀରେ ଧୀରେ ଖସିବାରେ ଲାଗିଛି। ଲୁହା ରଡ଼ ସବୁ ଦେଖା ଯାଉଛି। ଏହି ଶ୍ରେଣୀ ଗୃହରେ ପ୍ରବେଶ କରିବାକୁ ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରମାନଙ୍କୁ ମନା କରିଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୮୦ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ପିଲାମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ଶ୍ରେଣୀ ଗୃହ ନାହିଁ। ଏପରିକି ବିଦ୍ୟାଳୟର ଉପର ମହଲା ଛାତରୁ ବର୍ଷାଦିନେ ପାଣି ଗଳୁଛି। ଯଦ୍ୱାରା ପାଠ ପଢ଼ାରେ ବ୍ୟାଘାତ ହେଉଥିବା ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି। ସରକାର ମଧ୍ୟାହ୍ନ ଭୋଜନକୁ ସୁଷମ ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ପ୍ରାଧାନ୍ୟ ଦେଉଥିବାବେଳେ ଏହି ବିଦ୍ୟାଳୟରେ ରୋଷେଇ ଗୃହ ମଧ୍ୟ ନାହିଁ। କେବଳ ଅସୁରକ୍ଷିତ ଭାବେ ଗୋଟିଏ ଭଙ୍ଗା ଟିଣ ଛପର ତଳେ ରୋଷେଇ କରିବାର ନଜରକୁ ଆସିଛି। ଯାହାକି ବର୍ଷାଦିନେ ରୋଷେୟା ମାଆମାନଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଦ୍ୟାଳୟର ପରିମଳ ବ୍ୟବସ୍ଥାକୁ ଦେଖିଲେ ଏତେ ସଂଖ୍ୟକ ଛାତ୍ରୀଛାତ୍ରମାନଙ୍କ ପାଇଁ ଶୌଚାଳୟଟିଏ ନାହିଁ। ପିଲାମାନେ ବିଦ୍ୟାଳୟ ବାହାରକୁ ପରିସ୍ରା କରିବାକୁ ଯାଉଥିବା ଦେଖାଯାଇଛି। ଏସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତିକି ଶୌଚାଳୟ ନିମନ୍ତେ ଅର୍ଥ ମଞ୍ଜୁର ହୋଇଛି କିନ୍ତୁ ଏଯାଏ କାର୍ଯ୍ୟ ଆରମ୍ଭ ହୋଇନାହିଁ। କହିବାକୁ ଗଲେ ଗାଇବା ପ୍ରାଥମିକ ବିଦ୍ୟାଳୟରେ ଘୋର ଭିତ୍ତିଭୂମିର ଅଭାବ ଦେଖାଦେଇଛି। ଶିକ୍ଷୟିତ୍ରୀ ଶିକ୍ଷକ ନିୟମିତ ସ୍କୁଲକୁ ଆସି ଶିକ୍ଷା ଦାନ କଲେ ମଧ୍ୟ ଭିତ୍ତିଭୂମିର ଅଭାବ ଯୋଗୁ ଛାତ୍ରୀଛାତ୍ରମାନଙ୍କ ବହୁ ଅସୁବିଧା ହେଉଛି। ଏଣୁ ବିଦ୍ୟାଳୟର ସମସ୍ତ ସମସ୍ୟାକୁ ତୁରନ୍ତ ସମାଧାନ କରିବା ନିମନ୍ତେ ଅଭିଭାବକ, ପ୍ରଧାନ ଶିକ୍ଷୟିତ୍ରୀ ମାର୍ଗାରୀତା ରାଇତ ଓ ମାନୁଏଲ ମାଛ, ଲୁଲୁ ଲିମା ବିଭାଗୀୟ ଅଧିକାରୀଙ୍କ ଠାରେ ଦାବି କରିଛନ୍ତି।

# ଗଞ୍ଜାମରେ ୯ ଲକ୍ଷଙ୍କୁ ସୁଭଦ୍ରା କିସ୍ତି

ଛତ୍ରପୁର, ୯।୮
(ସନ୍ତୋଷ ପାଢ଼ୀ/ ଦିଲ୍ଲୀପ ସାମଲ):


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି

ସୁଭଦ୍ରାଯୋଜନାର ତୃତୀୟ କିସ୍ତି ହିତାଧିକାରୀଙ୍କୁ ପଠାଇବା କାର୍ଯ୍ୟକ୍ରମ ଜୟପୁରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କର କମଳରେ ବ୍ୟାଙ୍କ ଆକାଉଣ୍ଟକୁ ଛଡ଼ାଯାଇଛି। ଏହି କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ସ୍ଥାନୀୟ ଅନ୍ ସ୍ଲୋ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଯୋଗଦେଇ ଏହି ଯୋଜନା ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିବେ ସରକାରଙ୍କ ଏହା ମୁଳଲକ୍ଷ୍ୟ ବୋଲି କହିଥିଲେ। ଛତ୍ରପୁର ବାର ଆଶୋସିଏଶନର ସଭାପତି ପ୍ରଦୀପ ପାଢ଼ୀ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ କହିବା ସହ ସୁଭଦ୍ରା ଯୋଜନା ଉପରେ ମତ ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ୍ ପୂର୍ବତନ ଅଧକ୍ଷ ପ୍ରଶାନ୍ତ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟ ଲକ୍ଷ୍ମୀ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ କିଛି ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଆର୍ଥିକ ସହାୟତା ପ୍ରତୀକ ସ୍ୱରୂପ ବଣ୍ଟନ କରାଯାଇଥିଲା। ଜିଲ୍ଲାରେ ୯ଲକ୍ଷ ୬୮ ହଜାର ୩୨୩ ଦରଖାସ୍ତ ଏହି ଯୋଜନା ପାଇଁ ଗ୍ରହଣ କରାଯାଇଥିବା ବେଳେ ୯ ଲକ୍ଷ ୫ ହଜାର ୪୨୧ଜଣଙ୍କୁ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଯାଇଛି।

# ୫ ମାସରେ ୧୦ ଚୋରି, ୨ ଡକାୟତି

## ଜଣେ ବି ଧରା ପଡିନାହାନ୍ତି

ଚିକିଟି,୯।୮ (ପ୍ରକାଶ ଚନ୍ଦ୍ର ସାହୁ)– ବ୍ରହ୍ମପୁର ପୋଲିସ ଜିଲା କେ. ନୂଆଗାଁ ଥାନା ଅନ୍ତର୍ଗତ ନୂଆପଡା ଫାଣ୍ଡି ଅଞ୍ଚଳରେ ଗତ କିଛିଦିନ ହେଲା କ୍ରମାଗତ ଭାବେ ଲୁଟ୍ ଓ ଡକାୟତି ବଢ଼ି ଚାଲିଛି । ପୋଲିସ ଏଯାଏ ଗୋଟେ ହେଲେ ମାମଲାରେ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ । ଗତ ମାର୍ଚ୍ଚ ମାସରୁ ଜୁଲାଇ ପର୍ଯ୍ୟନ୍ତ ୫ ମାସରେ ଦୁର୍ବୃତ୍ତମାନେ ୧୦ଟି ଘରୁ ସୁନା ଅଳଙ୍କାର ଲୁଟି ନେଇଥିବା ବେଳେ ୨ଟି ଡକାୟତି ଘଟଣା ଘଟିଲାଣି । ଗତ ମାର୍ଚ୍ଚ ୩୧ରେ ଡଭାର ଗ୍ରାମର ରଞ୍ଜିତା ପଣ୍ଡାଙ୍କ ଘରୁ ୬ ଭରି ସୁନା, ୨୦ ଭରି ରୁପା ଅଳଙ୍କାର ସହ ୩୦ ହଜାର ଟଙ୍କା, ଏପ୍ରିଲ ୨୩ରେ ଗୌଡ଼ଗାଁ ଗ୍ରାମର ବୁଲୁ ସାହୁଙ୍କ ଘରୁ ୧୫ ଭରି ସୁନା ଅଳଙ୍କାର ସହ ୧ ଲକ୍ଷ ୩୦ ହଜାର ଟଙ୍କା, ସେହି ରାତିରେ ଶିବ ତ୍ରିପାଠୀଙ୍କ ଘରୁ ୨ଟି ସୁନା ମୁଦି ସହ ୬ ହଜାର ଟଙ୍କା, ଗଣେଶ ପାତ୍ରଙ୍କ ଘରୁ ୫ ହଜାର ଟଙ୍କା, ଏପ୍ରିଲ ୨୪ରେ ନୂଆପଡା ମୁଖ୍ୟ ବଜାରର ଇ. ରାମା ରାଓ ଓ ଯୁବରାଜ ପେଣ୍ଠ ବିଦ୍ୟାଳୟ ନିକଟରେ ଥିବା କୈଳାସ ନାଇକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏପ୍ରିଲ ୨୫ରେ ନୂଆପଡା ଗ୍ରାମର ଚେରିଆପଡା ସାହିର ଭଗବାନ ପାଢ଼ୀ ଓ ଦାଉଣୀ ଗ୍ରାମର କୁମ୍ଭାର ସାହିର ଦୁର୍ଯ୍ୟୋଧନ ବେହେରାଙ୍କ ଘରେ ଚୋରି ଉଦ୍ୟମ ହୋଇଥିଲା। ଜୁଲାଇ ୯ରେ ଗୌଡ଼ଗାଁ ଗ୍ରାମର ରାଜେଶ ପାତ୍ରଙ୍କ ଘରୁ ଲୁଟ୍ ହୋଇଥିଲା। ଜୁଲାଇ ୨୨ରେ ଚାନ୍ଦପୁର ମୁଖ୍ୟ ବଜାରରେ ରହୁଥିବା ଫୁଲବାଣୀ କୃଷି ଅଧିଦର୍ଶକ ମିଥୁନ ବେହେରାଙ୍କ ଘରୁ ୪ ଭରି ସୁନା ଅଳଙ୍କାର, ଡଭାର ଗ୍ରାମର ସନାତନ ସାହୁଙ୍କ ଘରୁ ୫ ଭରି ସୁନା ୧୫ ଭରି ରୁପା ଅଳଙ୍କାର ଦୁର୍ବୃତ୍ତମାନେ ଲୁଟି ନେଇଥିଲେ । ସେହିଦିନ ବଳରାମପୁର ଛକ ନିକଟରେ କେତେ ଜଣ ଦୁର୍ବୃତ୍ତ ମାଡମାରି ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ । ଏନେଇ କେ. ନୂଆଗାଁ ଥାନାରେ ପୃଥକ ପୃଥକ ଭାବେ ଲିଖିତ ଅଭିଯୋଗ ହୋଇଛି। ମାତ୍ର ପୋଲିସ ଦୁର୍ବୃତ୍ତଙ୍କ ଟେର ପାଉନି। ଏଯାଏ ପୋଲିସ ହାତ ଖାଲି ରହିଛି। ଏ ସମ୍ପର୍କରେ ନୂଆପଡା ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲାଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗଗୁଡ଼ିକର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

# ହାତୀ ଭୟରେ ରାତି କାଟିଲେ ଲୋକେ

ଜି.ଉଦୟଗିରି,୯।୮(ଚିନ୍ମୟ କୁମାର ସେଠୀ)



ପୁଣି ପିଡିକାମାହା ଅଞ୍ଚଳରେ ହାତୀ ଆତଙ୍କ ଖେଳିଯାଇଛି। ବିଳମ୍ବିତ ସନ୍ଧ୍ୟା ବେଳେ ଜଙ୍ଗଲୀ ଦନ୍ତାହାତୀ ପିଡିକାମାହା ମୁଖ୍ୟ ରାସ୍ତାରୁ ଆସି ନନ୍ଦଗିରି ପାଣି ଟାଙ୍କି ସାହିରେ ପଶି ଗୋଟିଏ ଘର ସମ୍ପୂର୍ଣ୍ଣ ଭାଙ୍ଗିବା ସହ ଖାଦ୍ୟ ପଦାର୍ଥ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ହାତୀ ଭୟରେ ରୋଷେଇ ବନ୍ଦ କରି ଜୀବନ ବିକଳରେ ପରିବାର ସହ ଭୋକ ଉପାସରେ ସାରା ରାତି ଛାତ ଉପରେ ଆଶ୍ରୟ ନେଲେ ନେଉଛନ୍ତି ଅନେକ ପରିବାର। ପ୍ରଭାବିତ ଗ୍ରାମରେ ହାତୀ ଭୟ ମୁକ୍ତ କେବେ ହେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସ୍ଥାନୀୟ ବନ ବିଭାଗ ଟିମ୍ ସ୍ୱତନ୍ତ୍ର ଡ୍ରାଇଭ କରି ହାତୀକୁ ଘଉଡ଼ାଇବାରେ ପ୍ରୟାସ କରିଥିଲା କିନ୍ତୁ ହାତୀ ନିଜ ଫେରିବା ପଥ ବଦଳାଇ ଦେବାରୁ ସଫଳତା ମିଳିନାହିଁ। ତଥାପି କୌଣସି ଅଘଟଣ ନ ଘଟୁ ସେଥିପାଇଁ ସ୍ଥାନୀୟ ବନ ବିଭାଗ କର୍ମଚାରୀ ମାନେ ସାରା ରାତି ହାତୀ ଉପରେ ଦୃଷ୍ଟି ରଖି ଜଗି ରହିଥିବା ସହ ଗ୍ରାମବାସୀଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳୁଛି।

# ବିଏସ୍‌ଏଫ୍ କ୍ୟାମ୍ପରେ ରକ୍ଷା ବନ୍ଧନ

ବାଲିଗୁଡ଼ା,୯।୮(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଶିକ୍ଷା ନିକେତନ ଅନୁଷ୍ଠାନର ଶିକ୍ଷୟିତ୍ରୀ, ଛାତ୍ରୀ ଓ ଅଭିଭାବକମାନେ ରାଖୀ ପୂର୍ଣ୍ଣିମା ପାଳନ କରିଛନ୍ତି। ବାଲିଗୁଡ଼ାରେ ଅବସ୍ଥାପିତ ବିଏସ୍‌ଏଫ୍ ୧୩୬ ବାଟାଲିୟନ କ୍ୟାମ୍ପରେ ପହଞ୍ଚି ଜବାନଙ୍କୁ ବନ୍ଦାପନା କରି ହାତରେ ରାଖୀ ବାନ୍ଧି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେପଟେ ଘରଠାରୁ ବହୁ ଦୂରରେ ରହି ଦେଶର ସେବାରେ ନିୟୋଜିତ ଜବାନ କୁନି ଉଉଣୀଙ୍କ ହାତରୁ ରାଖୀ ବାନ୍ଧି ବେସ୍ ଆତ୍ମସନ୍ତୋଷ ଲାଭ କରିଛନ୍ତି। ଶିକ୍ଷା ନିକେତନ ପକ୍ଷରୁ ଏଭଳି ସୁନ୍ଦର ଚିନ୍ତାଧାରା ଆମ ମନରେ ବେସ୍ ଖୁସି ଆଣିଛି ବୋଲି କହିଛନ୍ତି ବିଏସ୍‌ଏଫ୍ କମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡା।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2025-T-255

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ବିଦ୍ୟୁତ୍ ଯୋଗାଣ, ଆଲୋକିତକରଣ ସ୍ତରର ବିଶ୍ୱସନୀୟତା ଜନିତ ଉନ୍ନୟନ ଏବଂ ଜଗୁଆଳୀ ଥିବା ଲେଭେଲ କ୍ରସିଂ ଫାଟକଗୁଡ଼ିକର ରିୱାୟରିଙ୍ଗ୍ (Rewiring) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 89,29,142.33, EMD/ବିଡ୍ ସୁରକ୍ଷା ଜମା (₹) : 1,78,600.00 । କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରୀ ହେବା ତାରିଖ ଠାରୁ ଛଅ ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.08.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡର ଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର

PR-452/Q/25-26


# ଘାଇରେ ଖସି ଜଣେ ମୃତ

ଧରାକୋଟ,୯।୮(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ରୁଗୁମୁ ଗାଁରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜେମା ଘାଇରେ ଖସି ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ହରିଜନ ସାହି ବାସିନ୍ଦା କୁମର ନାୟକ (୬୦)। ଶୁକ୍ରବାର ସନ୍ଧ୍ୟାରେ ଗୁମର ଗାଧୋଇବାକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ନ ଫେରିବାରୁ ଘର ଲୋକେ ତାଙ୍କୁ ଖୋଜା ଖୋଜି କରିଥିଲେ। ଶନିବାର ସକାଳୁ ଘାଇ ଭିତରେ ଜଣେ ଲୋକଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ଧରାକୋଟ ଦମକଳ ବାହିନୀ ଓ ବଡଗଡ ଥାନାକୁ ଖବର ଦେଇଥିଲେ। ଦମକଳ ବାହିନୀ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ତାହା କୁମରଙ୍କର ବୋଲି ଜଣାପଡିଥିଲା। ବଡଗଡ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com

**E-procurement Tender Call Notice No.09 of 2025-26**
No. 4707(Estg.) Bhubaneswar the 4th August-2025

**No.B-372** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number road works to be received in online bidding, double cover system for Improvement works as detailed in: https://tendersodisha.gov.in. The details of bid documents will be available in the above website from **5.00 P.M. of 14.08.2025 to 4.00 P.M of 29.08.2025**. The bidders must possess compatible Digital Signature Certificate of Class II or III. Bids received online shall be opened at 5.00 P.M. of 29. 08. 2025 in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.

Sd./- Er. M.K. Mahananda
Chief Construction Engineer
Central (R&B) Circle, Bhubaneswar

OIPR-34156/11/0037/2526


## ଗହ୍ମାଡ଼ିଆ ପ୍ରତିଯୋଗିତା ଉଦ୍‌ଘାଟିତ

କବିସୂର୍ଯ୍ୟନଗର,୯।୮ (କୃପାସିନ୍ଧୁ ସ୍ୱାଇଁ)

ସ୍ଥାନୀୟ ଜଟେଶ୍ୱର ମନ୍ଦିର ସମ୍ମୁଖରେ ଗହ୍ମାପୂର୍ଣ୍ଣିମାରେ ଗହ୍ମାଡ଼ିଆ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହାକୁ ଜିଲା ଭାରଉତ୍ତୋଳନ ସଂଘ ସଭାପତି କୁମୁଦ ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟ ଅତିଥିଙ୍କ ମଧ୍ୟରେ ଏନ୍‌ଏସି ଅଧକ୍ଷ ବିକ୍ରାନ୍ତ ସାହୁ, ୱାର୍ଡ ନଂ. ୭ କାଉନସିଲର ଦେବୀପ୍ରସାଦ ସ୍ୱାଇଁ, ୱାର୍ଡ ନଂ. ୪ କାଉନସିଲର ମନମୋହନ ଜେନା ଓ କାଉନସିଲର ପ୍ରତିନିଧି ବଖାରୀ ମହମ୍ମଦ, ରାକେଶ ପ୍ରଧାନ, ଦିଲ୍ଲୀପ ସାହୁ ଓ ବାସୁଦେବ ସାହୁ, ଭିକାରି ଚରଣ ସ୍ୱାଇଁ, ହୀନ ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ, ଭଗବାନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପାଖାପାଖି ପଞ୍ଚାୟତର ବହୁ ଯୁବକ ଗହ୍ମାଡ଼ିଆରେ ଅଂଶଗ୍ରହଣ କରିଥିଲେ।

## ଯୋଗ ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଫୁଲବାଣୀ, ୯।୮(ରାକେଶ ରାଉତ)

ଫୁଲବାଣୀ ମଣ୍ଡଳ କାରାଗାରରେ ବହୁ ଦିନରୁ ଆର୍ଟ ଅଫ ଲିଭିଂ ସଦସ୍ୟ ତଥା ଯୋଗ ପ୍ରଶିକ୍ଷକ ଜ୍ଞାନ ରଞ୍ଜନ ଦାସ ଅନ୍ତେବାସୀଙ୍କୁ ଯୋଗ ଶିଖାଉଛନ୍ତି । ଯାହା କଏଦୀଙ୍କ ମାନସିକ ସ୍ଥିତିରେ ପରିବର୍ତ୍ତନ ଆଣିଛି । ଖାଲି ଏତିକି ନୁହେଁ ଅନ୍ତେବାସୀ ସୁସ୍ଥ, ନିରୋଗ ଏବଂ ଚିନ୍ତାମୁକ୍ତ ଜୀବନ ଯାପନ କରି ପାରୁଛନ୍ତି । ଯୋଗ ପ୍ରଶିକ୍ଷକଙ୍କ ସ୍ୱେଚ୍ଛାକୃତ ପ୍ରଶିକ୍ଷଣ ନିମନ୍ତେ ଜେଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଜେଲ ବରିଷ୍ଠ ଅଧିକ୍ଷକ ଦାସଙ୍କୁ ଜେଲ ପରିସରରେ ଉପଢ଼ୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର (18398),
ସା: ମହାନଦୀ ଭବନ, କଚେରୀ ରୋଡ୍, ଏସ୍‌ବିଆଇ ମୁଖ୍ୟ ଶାଖା ନିକଟ, ୧ମ ମହଲା, ପ୍ରଶାସନିକ କାର୍ଯ୍ୟାଳୟ, ଜିଲ୍ଲା: ସମ୍ବଲପୁର, ଓଡିଶା-୭୬୮୦୦୧, ଇ-ମେଲ: sbi.18398@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍
ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୨.୦୯.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା / ଅଂଶୀଦାରଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ଜିନ୍ ମାତା ଷ୍ଟିଲ୍ / ଅଂଶୀଦାର ତଥା ବନ୍ଧକଦାତାମାନେ: ୧) ଶ୍ରୀ ଅମିତ ଅଗ୍ରୱାଲ,** ପିତା: ସୁବାସ ଚନ୍ଦ୍ର ଅଗ୍ରୱାଲ, ସା: ବୈଦ୍ୟନାଥ ଛକ, ସାନସଡକ, ସମ୍ବଲପୁର, ପିନ୍-୭୬୮୦୦୧, ୨) **ସୁମିତ ଅଗ୍ରୱାଲ,** ପିତା: ସୁବାଷ ଚନ୍ଦ୍ର ଅଗ୍ରୱାଲ, ଗୁଜରାଟୀ ସ୍କୁଲ ବିପରିତ, ସାନସଡକ, ସମ୍ବଲପୁର, ପିନ୍-୭୬୮୦୦୧ / **ଅଂଶୀଦାର: ଶ୍ୟାମ ସୁନ୍ଦର କେଡିଆ,** ପିତା: ନେତ୍ରମଣୀ କେଡିଆ, ସା: ଲମିଟିବାହାଲ, ବ୍ରଜରାଜନଗର, ଝାରସୁଗୁଡା, ପିନ୍-୭୬୮୨୧୬ | ଶ୍ରୀ ଅମିତ ଅଗ୍ରୱାଲ ଏବଂ ସୁମିତ ଅଗ୍ରୱାଲଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୮୮/୧୩୪, ପ୍ଲଟ୍ ନଂ.: ୨୪୬୪, କ୍ଷେତ୍ର: ଏକର୦.୦୨୪ ଡିସିମିଲି, କିସମ: ଘରବାରୀ, ମୌଜା: ସମ୍ବଲପୁର ୟୁନିଟ୍-୬, ଥାନା/ ତହସିଲ: ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଓଡିଶା (**ଏହି ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି**) | ୦୭.୦୭.୨୦୨୫ ସୁଦ୍ଧା ଟ.୭୧,୯୧,୫୪୪/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି | ଟ.୪୭,୯୯,୦୦୦/- / ଟ.୪,୭୯,୯୦୦/- / ଟ.୫୦,୦୦୦/- |
| ୨. | **ଋଣଗ୍ରହୀତା: ଶ୍ରୀମତୀ ଲତା କୁମ୍ଭାର,** ସ୍ୱାମୀ: ଶ୍ରୀ ବକୁଳ ଲୁହାର, ସା/ପୋ.: ପେଟୁପାଲି, ଭାୟା: ଘେଁସ, ଜିଲ୍ଲା : ବରଗଡ଼, ରାଜ୍ୟ: ଓଡ଼ିଶା, ପିନ୍-୭୬୮୦୩୪ | **ଶ୍ରୀମତୀ ଲତା କୁମ୍ଭାର,** ସ୍ୱାମୀ: ଶ୍ରୀ ବକୁଳ ଲୁହାରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୨୧/ ୪୯୮, ପ୍ଲଟ୍ ନଂ.: ୧୦୧୬/୨୫୧୮, କ୍ଷେତ୍ର: ଏକର୦.୧୯ ଡିସିମିଲି, କିସମ: ଘରବାରୀ, ମୌଜା: ପେଟୁପାଲି, ତହସିଲ: ସୋହେଲା, ଥାନା: ମେଲଛାମୁଣ୍ଡା, ଜିଲ୍ଲା: ବରଗଡ଼, ଓଡ଼ିଶା (**ଏହି ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି**) | ୧୭.୦୫.୨୦୨୫ ସୁଦ୍ଧା ଟ.୨୯,୪୯,୮୦୮/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି | ଟ.୨୭,୦୦,୦୦୦/- / ଟ.୨,୭୦,୦୦୦/- / ଟ.୫୦,୦୦୦/- |
| ୩. | **ଋଣଗ୍ରହୀତା: ଶ୍ରୀ ସରତ କୁମାର ପଟେଲ,** ପିତା: ଶ୍ରୀ ଚିନ୍ତାମଣୀ ପଟେଲ / **ଗ୍ୟାରେଣ୍ଟିଦାତା: ଶ୍ରୀ ଚିନ୍ତାମଣୀ ପଟେଲ,** ପିତା: ନନ୍ଦ କିଶୋର ପଟେଲ, ଉଭୟଙ୍କ ଠିକଣା- ସା: କେଶାଇବାହାଲ, ଜିଲ୍ଲା: ସମ୍ବଲପୁର, ଓଡିଶା, ପିନ୍-୭୬୮୨୨୮ | ଶ୍ରୀ ଚିନ୍ତାମଣୀ ପଟେଲଙ୍କ ନାମରେ ଥିବା (ଖାଲି ଜମି) ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୪୪/୧୪୨, ପ୍ଲଟ୍ ନଂ.: ୬୩୭, ୬୩୮, **କ୍ଷେତ୍ର: ଏକର୦.୨୯ ଡିସିମିଲି (ଖାଲି ଜମି),** ମୌଜା: କେଶାଇବାହାଲ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା (**ଏହି ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି**) | ୦୮.୦୮.୨୦୨୫ ସୁଦ୍ଧା ଟ.୩୧,୮୨,୩୧୧/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି | ଟ.୧୪,୩୫,୦୦୦/- / ଟ.୧,୪୩,୫୦୦/- / ଟ.୫୦,୦୦୦/- |

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ ତା:୧୧.୦୯.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

ନିଲାମଧାରୀମାନଙ୍କୁ ପରାମର୍ଶ କି ଅନଲାଇନ ନିଲାମ ଡାକରେ ଅଂଶ ଗ୍ରହଣ କରିବା ପାଇଁ ସେମାନେ ଆମ୍ଭର ଇ-ନିଲାମ ସେବାପ୍ରଦାନକାରୀ **PSB Alliance Pvt. Ltd.** ଙ୍କର ୱେବସାଇଟ: **(https://www.BAANKNET.com)** ଦେଖନ୍ତୁ । କୌଣସି ବୈଷୟିକ ସହାୟତାପାଇଁ ମୋ.: **8291220220**କୁ କଲ କରନ୍ତୁ । ପଞ୍ଜିକରଣ ସ୍ଥିତି ଏବଂ ଅମାନତ ରାଶି ସ୍ଥିତି ନିମନ୍ତେ **support.Baanknet@psballiance.com**କୁ ମେଲ୍ କରନ୍ତୁ । ସମ୍ପତ୍ତି ବିବରଣୀ ଏବଂ ସମ୍ପତ୍ତି ଫଟୋଗ୍ରାଫ ଓ ନିଲାମର ନିୟମ ଓ ସର୍ତ୍ତାବଳୀ ନିମନ୍ତେ ୱେବସାଇଟ: **https://www.BAANKNET.com** ଦେଖନ୍ତୁ । ସମ୍ପତ୍ତିର ସ୍ପଷ୍ଟିକରଣ ନିମନ୍ତେ ଯୋଗାଯୋଗ **PSB Alliance Pvt. Ltd.,** ଯୋଗାଯୋଗ ନଂ.: **8291220220**

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others
ସମ୍ପତ୍ତି ସମ୍ବନ୍ଧୀୟ ଅନୁସନ୍ଧାନ ପାଇଁ କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀମତୀ ପ୍ରମିଳା ଏକ୍କା, ମୋ: ୭୯୭୮୩୫୧୯୯୮,
ସିସିଓ: ଶ୍ରୀ ସୁବ୍ରତ ସାହୁ, ମୋ: ୯୫୯୪୦୬୩୪୯୦, ଶ୍ରୀ ଦିଲେଶ୍ୱର ମେହେର, ମୋ: ୮୯୧୭୩୮୮୪୦୮ରେ ଯୋଗାଯୋଗ କରନ୍ତୁ।

ସ୍ଥାନ : ସମ୍ବଲପୁର
ତାରିଖ : ୦୮.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ସମ୍ବଲପୁର



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, PATNAGARH**
No.O-546
E-Mail : eerw_ptng@yahoo.in, Phone No. : 06658-222121

**e-Procurement Notice**
**IFB Identification No.EEPTNG-Online-01/2025-26**

| | | | |
|---|---|---|---|
| 1 | Name of work | : | Construction of Building works |
| 2 | Total No. of work | : | 02 (Two) Nos works |
| 3 | Time for completion | : | 09 (Nine) Calendar month |
| 4 | Approximate estimated Cost | : | 73.73 to 99.27 lakh |
| 5 | Mode of Submission of tender | : | Tender should be submitted online in www.tendersorissa.gov.in |
| 6 | **Other details are as follow** | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Divn., Patnagarh | EEPTNG-Online - 01/2025-26 | 14.08.2025 at 11.00 A.M. | 29.08.2025 upto 5.00 P.M. | 26.08.2025 upto 5.00 P.M. | 30.08.2025 at 11.00 A.M. | The date will be intimated to the technically qualified bidders later |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Sd./- Executive Engineer
R.W. Division, Patnagarh

OIPR-25154/11/0024/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
No.O-566
E-mail : sencrwangul@yahoo.co.in, Ph. : 06764-236404

**NOTICE INVITING TENDER FOR MAINTENANCE WORKS IN ODISHA**
**Bid Identification No. Maintenance Online AGL-09/2025-26**

**No. 2305//** **Dt. 07.08.2025//**

1. Name of the work : Maintenance work, 2. Total No. of work : 1 No., 3. Estimated cost : Rs.118.20 Lakhs (Approx), 4. Class of Contractor : 'B' & 'A' Class, 5. Period of completion : 03 (Three) Calendar Months and Five years routine maintenance, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Maintenance Online - AGL-09/2025-26 | 14.08.25 at 10.00 A.M. | 29.08.25 up to 5.00 P.M. | 26.08.25 up to 1.00 P.M. | 30.08.25 at 11.00 A.M. | Will be intimated separately |

For detailed Notice inviting Tenders, Please visit to the website http://www.pmgsytenders.gov.in

Sd./- Chief Construction Engineer,
Rural Works Circle, Angul

OIPR-25180/11/0061/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**
No.O-560
eerw_kpd@yahoo.com

**INVITATION FOR BIDS**
**'E' PROCUREMENT NOTICE NO. RWD / KPD-03 / 2025-26 DT.06.08.2025**

1. Name of work : Road & Building work in the District of Kendrapara for the year 2025-26.
2. Total No. of work : **01 Number of Road & 01 Number of Building work**
3. Estimated Cost : **Rs.65.53 lac & Rs.75.58 lac approximately**
4. Period of Completion : As Specified in the Annexure
5. Class of contractors : As Specified in the Annexure
6. Cost of tender paper : Cost of tender paper is to be remitted ONLINE for Rs.10000.00 per set
7. Detail projects : As per Annexure attached

Further details can be seen form the Govt. website www.tendersorissa.gov.in
**Other details as follows :-**

| Procrement Officer | Place of Opening | Availability of tender online for bidding | | Last date and time of seeking tender clarification | Date and time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 14.08.2025 At 5.00 P.M. | 29.08.2025 Up to 5.00 P.M. | Up to 5.00 P.M. on 26.08.2025 | 30.08.2025 at 11.00 A.M. | The date will be intimated to the technically qualified bidders later on |

Sd./- Bhagirathi Dash
Executive Engineer, Rural Works Division, Kendrapara

OIPR-25064/11/0024/2526



**Directorate of Ports & Inland Water Transport**
Fortune Tower, Ground Floor, Zone - A, Chandrasekharpur, Bhubaneswar-751023,
Phone : 0674-2300885, Email : portsniwt.od@nic.in

No.JJ-37

**e-PROCUREMENT NOTICE**

| Sl. No. | Name of the Work | Approximate Value of Work (in Rs.) |
|---|---|---|
| (1) | (2) | (3) |
| 01. | Procurement of 1 (One) No. 25-seater Solar Hybrid FRP Passenger Boat for operation under Ports & IWT, Mechanical Sub-Division at Balugaon in Khordha District, Odisha **(Bid Identification No.DPIWT-07/2025-26)** | 1,14,52,381.00 |
| 02. | Procurement of 1 (One) No. 12-seater Solar Hybrid FRP Passenger Boat for operation under Ports & IWT, Mechanical Sub-Division at Chandabali in Bhadrak District, Odisha **(Bid Identification No.DPIWT-08/2025-26)** | 79,28,572.00 |
| 03. | Procurement of 2 (Two) Nos. 12-seater Solar Hybrid FRP Passenger Boat for operation at Satapada in Puri District, Odisha **(Bid Identification No.DPIWT-09/2025-26)** | 1,58,57,143.00 |

04. No. of Covers : **Double cover**
05. Bid Cost : **Rs.10,000.00**
06. Period of Completion : **06 (Six) Calendar Months**
07. Date & Time of availability of bid document in the portal : **12.08.2025 to 08.09.2025 up to 05.00 P.M.**
08. Date & Time of Bid Clarification : **12.08.2025 to 19.08.2025 up to 03.00 P.M.**
09. Date & Time of Pre-Bid meeting : **20.08.2025 at 11.30 A.M.**
10. Last date & time for receipt of bids in the portal : **08.09.2025 up to 05.00 P.M.**
11. Date of opening of bid document (Cover-I) : **09.09.2025 at 11.30 A.M. onwards**
12. Name and address of officer inviting Tender (OIT) : **Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, Pin-751023, Phone : 0674-2390355, Fax-2396885, e-Mail : portsniwt.od@nic.in**

Further details can be seen from the e-Procurement market place, https//tendersodisha.gov.in.
The Addendum / Corrigendum if any will be hoisted in the website only.

Sd./- Director
Ports & IWT, Odisha

OIPR-38035/11/0040/2526

## ବୃଦ୍ଧଙ୍କୁ ଧକ୍କା ଦେଲା କାର୍, ୨ ଗୁରୁତର

ଧରାକୋଟ,(ବିଷ୍ଣୁ କେଶରୀ ସ୍ୱାଇଁ)-ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଡ଼ଙ୍ଗାଁ ପଞ୍ଚାୟତ କେ. ରାମଚନ୍ଦ୍ରପୁରଠାରେ ଏକ କାର ଜଣେ ବୃଦ୍ଧଙ୍କୁ ଧକ୍କା ଦେଇ ଓଲଟି ପଡିଛି। ସେ ଗୁରୁତର ହୋଇଛନ୍ତି। ସେ ହେଲେ ଡ଼ଙ୍ଗାଁ ପଞ୍ଚାୟତ କେ. ରାମଚନ୍ଦ୍ରପୁର ଗ୍ରାମର ମୋହନ କର (୭୦)। ତିନି ନାବାଳକଙ୍କ ମଧ୍ୟରୁ ଜଣେ ନାବାଳକ (୧୫) ଗୁରୁତର ହୋଇଛନ୍ତି। ଏହି କାରକୁ ୩ ଜଣ ନାବାଳକ ବେପରୁଆ ଭାବେ ଚଳାଉଥିଲେ। ନିୟନ୍ତ୍ରଣ ହରାଇ ରାସ୍ତା କଡରେ ଛିଡା ହୋଇଥିବା ମୋହନଙ୍କୁ ଧକ୍କା ଦେଇଥିଲେ। ଗୁରୁତର ମୋହନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

**ସଂକ୍ଷେପରେ**

## ଜୁଆଆଡ୍ଡାରେ ଚଢ଼ାଉ, ୬ ଗିରଫ

ବେଲଗୁଣ୍ଠା,୯।୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ପୋଲିସ୍ ପାଟ୍ରୋଲିଂ କରୁଥିବା ବେଳେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ସେଠାରୁ ୬ଜଣ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୩,୪୬୦ ଟଙ୍କା, ମୋବାଇଲ୍ ଫୋନ, ମୋଟରସାଇକେଲ୍ ଏବଂ ତାସ୍ ଜବତ ହୋଇଛି। ଶୁକ୍ରବାର ରାତିରେ ଥାନା ଏସ୍ଆଇ ବିଶ୍ୱରଞ୍ଜନ ନାୟକ ଏବଂ ତାଙ୍କ ଟିମ୍ ବେଲଗୁଣ୍ଠା ଏନ୍ଏସି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ବରଗାଆଁ ହାଇସ୍କୁଲ୍ ନିକଟରେ ଜୁଆ ଖେଳ ଚାଲିଥିବା ସୂଚନା ପାଇଥିଲେ। ପୋଲିସ୍ ପହଞ୍ଚି ବରଗାଁ ହାଇସ୍କୁଲ୍ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ଜୁଆଖେଳ ଚାଲିଥିବା ଜାଣିପାରିଥିଲା। ପୋଲିସ୍ ଟିମ୍ ଜୁଆଆଡ୍ଡା ଉପରେ ଚଢ଼ାଉ କରି ୬ ଜଣଙ୍କୁ କାବୁ କରିଥିଲା। ସେମାନେ ହେଲେ ବରଗାଁର ଶିବ ଗୌଡ଼, ରାଜେନ୍ଦ୍ର ଜେନା, ମିଥୁନ୍ ପୋଲେଇ, ଟୁଲୁ ବିଷୋୟୀ, ଆଶିଷ ଗୌଡ଼ ଏବଂ ରାକେଶ ରଣା। ଏନେଇ ବେଲଗୁଣ୍ଠା ଥାନାରେ ୩୧୬/୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର କହିଛନ୍ତି।

# ଭଲ ମଣିଷ ଗଢ଼ିବାକୁ ରାଜ୍ୟପାଳଙ୍କ ଆହ୍ୱାନ

- ୩ ପ୍ରତିଭାଙ୍କୁ ସମ୍ମାନସୂଚକ ଡକ୍ଟରେଟ
- ପିଏମ-ଉଷାରେ ୧୦୦ କୋଟି ମଞ୍ଜୁର
- ରାଜ୍ୟ ସରକାରଙ୍କ ପକ୍ଷରୁ ୮୩.୫ କୋଟି ଅନୁଦାନ

ବ୍ରହ୍ମପୁର,୯।୮(ଅଶୋକ କୁମାର ସାହୁ /ସୁବାସ ଚନ୍ଦ୍ର ପାଢ଼ୀ)

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୬ତମ ସମାବର୍ତ୍ତନ ଉତ୍ସବ**



ସମାରୋହରେ କୁଳପତି ଗୀତାଞ୍ଜଳି ଦାସ ରାଜ୍ୟପାଳ ହରି ବାବୁ କମ୍ଭମ୍ପାଟିଙ୍କୁ ସମ୍ମାନିତ କରୁଛନ୍ତି। ନିକଟରେ ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୬ତମ ସମାବର୍ତ୍ତନ ସମାରୋହ ଶନିବାର ଭଞ୍ଜବିହାରସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ ହଲରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ତଥା କୁଳାଧିପତି ଡ. ହରିବାବୁ କମ୍ଭମ୍ପାଟି ସଭାପତିତ୍ୱ କରି କହିଲେ ଯେ, ଶିକ୍ଷାକ୍ଷେତ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦକ୍ଷିଣ ଓଡିଶାର ନେତୃତ୍ୱ ନେଉଛି। ଏହି ବିଶ୍ୱବିଦ୍ୟାଳୟରୁ ବହୁ ଗବେଷକ, ବୈଜ୍ଞାନିକ, ପ୍ରଶାସନିକ ଅଧିକାରୀ ସୃଷ୍ଟି ହୋଇ ଦେଶ ସେବା କରୁଛନ୍ତି। ଆଜି ଯେଉଁମାନେ ଡିଗ୍ରୀ ପାଇଛନ୍ତି ସେମାନେ ବିଶ୍ୱବିଦ୍ୟାଳୟରୁ ଆହରଣ କରିଥିବା ଜ୍ଞାନ ଦ୍ୱାରା ଦେଶ ବିକାଶରେ ଲଗାନ୍ତୁ। ସାରା ବିଶ୍ୱରେ ଭାରତ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ସ୍ୱାସ୍ଥ୍ୟସେବା, ମହାକାଶ ଓ ପ୍ରତିରକ୍ଷା କ୍ଷେତ୍ରରେ ଆଗକୁ ବଢ଼ି ଚାଲିଛି। ଏ କ୍ଷେତ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଶ୍ୱବିଦ୍ୟାଳୟ କେବଳ ଚାକିରି ପାଇଁ ଡିଗ୍ରୀଧାରୀଙ୍କୁ ତିଆରି ନ କରି ମାନବିକ ଓ ସାମାଜିକ ଦାୟିତ୍ୱବୋଧ ବୁଝୁଥିବା ଭଲ ମଣିଷ ତିଆରି କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ, ବିଶ୍ୱବିଦ୍ୟାଳୟ ଜ୍ଞାନ ବୃଦ୍ଧି କରିବାର ଏକ ପ୍ରୟୋଗଶାଳା। ଗବେଷଣା ଓ ଅନୁଧ୍ୟାନ ପ୍ରତି ଛାତ୍ରୀଛାତ୍ର ସମର୍ପିତ ହେବାକୁ ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗ ଦେଇ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଲେ, ବିଶ୍ୱବିଦ୍ୟାଳୟ ପକ୍ଷରୁ ଯେଉଁ ୩ ପ୍ରତିଭା ସମ୍ମାନିତ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଦୁଇଜଣ ଜାତୀୟ କ୍ଷେତ୍ରରେ ପରିଚିତ ବ୍ୟକ୍ତିତ୍ୱ। ତୃତୀୟ ବ୍ୟକ୍ତି ହେଲେ ମିଲେଟ କୁଇନ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷ ପ୍ରତିଭାଙ୍କୁ ସମ୍ମାନ ଦେଉଛି। ଆଜିର ସମାରୋହରେ ଡିଗ୍ରୀ ପାଇଥିବା ପ୍ରତ୍ୟେକ ଛାତ୍ରୀଛାତ୍ର ସେମାନଙ୍କ ପଦାଙ୍କ ଅନୁସରଣ କଲେ ଦେଶ ଓ ଜାତିର ବିକାଶ ସମ୍ଭବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ପାଇଁ ପିଏମ-ଉଷା ପାଣ୍ଠିରୁ ୧୦୦ କୋଟି ଓ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗରୁ ୭୪.୫ କୋଟି ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ତରଫରୁ ୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଉଚ୍ଚଶିକ୍ଷାର ବିକାଶ ପାଇଁ ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟ ସହିତ ଏମ୍ଓୟୁ ସ୍ୱାକ୍ଷର କରାଯାଇଛି। ଭାରତ ନେତ୍ର ପ୍ରକଳ୍ପ ଜରିଆରେ ଛାତ୍ରୀଛାତ୍ର କିପରି ସିଙ୍ଗାପୁର ଛାତ୍ରଛାତ୍ରୀଙ୍କ ସହିତ ସମକକ୍ଷ ହେବେ ତାହା ଉପରେ ଗୁରୁତ୍ୱାରୋପ କରାଯାଉଛି। ଶିକ୍ଷିତବର୍ଗଙ୍କୁ ଆତ୍ମନିର୍ଭରଶୀଳ କରିବା ଭାରତର ଲକ୍ଷ୍ୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ ଯୋଗ ଦେଇ ନିଜ ମତ ରଖିଥିଲେ। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ଓ କୁଳସଚିବ ସଚ୍ଚିଦାନନ୍ଦ ନାୟକ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ବିଶ୍ୱବିଦ୍ୟାଳୟର ବିକାଶ ଉପରେ କହିଥିଲେ। ଡ. ସାରଦା ପ୍ରସାଦ ସାହୁ ସଭାରେ ସଂଯୋଜନା କରିଥିଲେ। ମିଲେଟ ଉତ୍ପାଦ ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ କୋରାପୁଟ ଜିଲାର ଡ. ରାଇମତି ଘିଉରିଆ, ଆଣବିକ ବିଜ୍ଞାନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱ ମୟୂରଭଞ୍ଜର ଡ. ଅଜିତ କୁମାର ମହାନ୍ତି ଏବଂ ମହାକାଶ ଓ ପ୍ରତିରକ୍ଷା ବିଜ୍ଞାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ କେରଳର ଡ. ଟେସି ଥୋମାସଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା। ରାଇମତିଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ଗୋବିନ୍ଦ ଘିଉରିଆ ସମ୍ମାନ ଗ୍ରହଣ କରିଥିଲେ। ସମସ୍ତ ବିଭାଗର ୩୮ ଟପ୍ପର ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ, ୫୨ ଜଣଙ୍କୁ ପିଏଚ୍‌ଡି, ୪ ଜଣଙ୍କୁ ଡିଲିଟ ଉପାଧି ପ୍ରଦାନ କରାଯାଇଛି।

## ଜରିମାନା ବଦଳରେ ନୋଟିସ ଦେଇ ବିଭାଗ ଚୁପ୍


ବିଭାଗ ପକ୍ଷରୁ ଚଢାଉ କରାଯାଇଥିବା ମିଠା ଦୋକାନ।

ବ୍ରହ୍ମପୁର,୯।୮(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ମିଠା ଓ ଖାଦ୍ୟ ସାମଗ୍ରୀ ବିକ୍ରି ଦୋକାନ ଗୁଡିକରେ ଚଢାଉ ଆରମ୍ଭ କରିଛି। ଖାଦ୍ୟ ଅପମିଶ୍ରଣ ବୃଦ୍ଧି ପାଉଥିବା ବେଳେ ବିଭାଗ ପକ୍ଷରୁ କେବଳ ନୋଟିସ ଦିଆଯିବା ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର କାରଣକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗ ପକ୍ଷରୁ ଗତ ୬ ତାରିଖଠାରୁ ଶନିବାର ପର୍ଯ୍ୟନ୍ତ ସହରର ୬୦ ମିଠା ଦୋକାନରେ ଚଢାଉ କରାଯାଇଛି। ବଡ ବଜାର ଅଂଚଳରେ ସାହୁ ସୁଇଟସ, ବାଲାଜୀ ସୁଇଟସ, ସୁବାରାଓ ଛକ ସ୍ଥିତ ଶ୍ରୀକ୍ଷେତ୍ର ମିଷ୍ଟାନ ଭଣ୍ଡାର ସମେତ ଯାଦବ ସୁଇଟସ, ଶିବରାମ ସୁଇଟସ, ହୋଟେଲ ଜଗା କାଳିଆ, କଲିକତା ସୁଇଟସ, ଜଗନ୍ନାଥ ମିଷ୍ଟାନ ଭଣ୍ଡାର, କଲ୍ୟାଣୀ ସୁଇଟସ ଓ ବାଲୁଙ୍କେଶ୍ୱର ସୁଇଟସ ଦୋକାନରେ ଚଢାଉ କରିଛି। ଗୁଣବତ୍ତା ଯାଞ୍ଚ କରାଯାଇ ସମସ୍ତ ଦୋକାନର ମିଠାର ନମୁନା ସଂଗ୍ରହ କରାଯାଇଛି। ତତସହିତ ରାସାୟନିକ ରଙ୍ଗ ବ୍ୟବହୃତ ଓ ବାସି ଥିବା ପ୍ରାୟ ୫୫ କେଜି ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଛି। ମିଠା ପ୍ରସ୍ତୁତିରେ ସ୍ୱଚ୍ଛତା ଓ ଗୁଣବତ୍ତା ରଖିବା ପାଇଁ ବିଭାଗ ପକ୍ଷରୁ ନୋଟିସ ଦିଆଯାଇଛି। ନମୁନା ପରୀକ୍ଷା ପରେ ଅପମିଶ୍ରଣ ନେଇ ରିପୋର୍ଟ ଆସିଲେ ଜରିମାନା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ସ୍ମିତା ଖାଡଙ୍ଗା କହିଛନ୍ତି। ଖାଦ୍ୟ ଅପମିଶ୍ରଣ କରୁଥିବା ବ୍ୟବସାୟୀଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ ଓ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

## ଗୋଷାଣୀନୂଆଗାଁ ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ


ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୯।୮(ସ୍ମୃତି ରଞ୍ଜନ ମହାଲିକ)

ଗୋସାଣୀ ନୂଆ ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶୁକ୍ରବାର ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଲାଠି ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଗୋପାଳ କୃଷ୍ଣ ପାଢି ଯୋଗ ଦେଇଥିଲେ। ରକ୍ଷା ବନ୍ଧନର ମହତ୍ୱ ସମ୍ପର୍କରେ ମୁଖ୍ୟ ଅତିଥି କହିଥିଲେ। ବିଦ୍ୟାଳୟର ସଭାପତି ପ୍ରଦୀପ କୁମାର ଦାଶ ଓ ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର ଭାରତୀୟ ସଂସ୍କୃତି ତଥା ଗହ୍ମା ପୂର୍ଣ୍ଣିମାର ବିଶେଷତ୍ୱ କହିଥିଲେ। ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟ ମନୋଜ କୁମାର ତ୍ରିପାଠୀ ବଳଭଦ୍ରଙ୍କ ପୂଜା ସମ୍ପର୍କରେ କହିଥିଲେ। ସହ ପ୍ରଧାନଚାର୍ଯ୍ୟ ପତିତ ପାବନ ଧନ୍ୟବାଦ ଦେଇଥିଲେ।

## ବିଜେଡି ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ


ଉତ୍ସବରେ ଉପସ୍ଥିତ ଜିଲା ବିଜେଡି ସଭାପତି ଓ ଅନ୍ୟମାନେ।

ବ୍ରହ୍ମପୁର,୯।୮(ସ୍ମୃତି ରଞ୍ଜନ ମହାଲିକ)

ଜିଲା ବିଜେଡି ପକ୍ଷରୁ ଶନିବାର ଗଜପତି ନଗରଠାରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡା, ପୂର୍ବତନ ଏମପି ଚନ୍ଦ୍ରଶେଖର ସାହୁ, ପ୍ରମିଳା ବିଶୋୟୀ, ପୂର୍ବତନ ବିଧାୟକ ସୁବାଷ ବେହେରା, ଡେପୁଟି ମେୟର ବିବେକ ରେଡି ଓ ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣାଙ୍କ ସମେତ ବିଜେଡି କର୍ପୋରେଟର ଓ କର୍ମୀ ଉପସ୍ଥିତ ଥିଲେ। ମହିଳା ବିଜେଡି କର୍ମୀ ଜିଲା ସଭାପତିଙ୍କ ସମେତ ଅନ୍ୟାନ୍ୟ କର୍ମୀଙ୍କୁ ରାକ୍ଷୀ ବାନ୍ଧି ଉତ୍ସବ ପାଳନ କରିଥିଲେ।

## ମାମଲା ଉଠାଇବାକୁ କ୍ଲିନିକ ମାଲିକଙ୍କ ହତ୍ୟା ଧମକ

ଦିଗପହଣ୍ଡି,୯।୮(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତାକଡରେ ଥିବା ସାହାରା ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଗତ ମେ ୧୧ ତାରିଖ ରାତି ୧୦ଟାରେ ସିଙ୍ଗପୁର ଗ୍ରାମର ମାଗୁଣି ନାୟକଙ୍କ ଝିଅ ରୋଜି ନାୟକ ଏବଂ ନବଜାତକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ନର୍ସିଂହୋମ ମାଲିକ ମଙ୍ଗୁଲୁ ପ୍ରଧାନ, ଅପରେଶନ କରିଥିବା ନର୍ସିଂହୋମର ଡାକ୍ତର, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀଙ୍କ ଅବହେଳାରୁ ତାଙ୍କ ସ୍ତ୍ରୀ ଓ ଛୁଆଙ୍କ ମୃତ୍ୟୁ ଘଟିଥିବା ନେଇ ପାଟପୁର ଥାନା କଲରାପଦର ଗ୍ରାମର ରୋଜିଙ୍କ ସ୍ୱାମୀ ବାବୁ ନାୟକ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ନଂ.୧୭୪/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଏହି ମାମଲାରେ ସମ୍ପୃକ୍ତ କ୍ଲିନିକ୍ ମାଲିକ ମଙ୍ଗୁଲୁ ଗିରଫ ଭୟରେ ଫେରାର ଥିବା ବେଳେ ଡେଙ୍ଗାଓସ୍ତା ଗ୍ରାମ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରୁଥିବା ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ବୈକୁଣ୍ଠନଗର ୪ର୍ଥ ଲେନ୍‌ରେ ରହୁଥିବା ମଧୁ ଓରଫ ମଧୁସ୍ମିତା ପଟ୍ଟନାୟକଙ୍କୁ ତଦନ୍ତକାରୀ ଅଧିକାରୀ ଏସ୍ଆଇ ଜ୍ୟୋତି ରଞ୍ଜନ ବେହେରା ଗତ ମେ ୧୯ରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ତେବେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କ୍ଲିନିକ୍ ମାଲିକ ମଙ୍ଗୁଲୁ ତାଙ୍କ ସହଯୋଗୀ ଅଶ୍ୱିନୀ ଦୋରା ଏବଂ ଅନ୍ୟ ୨ ଜଣ ଜୁଲାଇ ୩୦ରେ ରୋଜିଙ୍କ ବାପା ମାଗୁଣିଙ୍କୁ ଭେଟି ଯେତେ ଶୀଘ୍ର ପାରିବ କେସ୍ ଉଠାଅ, କେସ୍ ନ ଉଠାଇଲେ ଜୀବନରେ ମାରିଦେବୁ। ପରିବାର ଲୋକଙ୍କ ପରିସ୍ଥିତି ଖରାପ କରିଦେବୁ ବୋଲି ଧମକ ଦେଇଥିଲେ। ବୁଧବାର ମାଗୁଣି ଡେଙ୍ଗାଓସ୍ତା ଗ୍ରାମ ବଜାରକୁ ଯାଇଥିବା ବେଳେ ଗାଁ ଛକରେ ମଙ୍ଗୁଲୁ ତାଙ୍କୁ ଭେଟି କେସ କଥା କଣ ହେଲା ବୋଲି ପଚାରିଥିଲେ। ମାଗୁଣି କୌଣସି ଉତ୍ତର ନ ଦେବାରୁ ସେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଶୀଘ୍ର କେସ୍ ସମାଧାନ କର ନ ହେଲେ ପରିସ୍ଥିତି ଭୟାବହ ହେବ। ତୋତେ ଶେଷ କରିବାକୁ ମୋତେ ବେଶୀ ସମୟ ଲାଗିବ ନାହିଁ ବୋଲି ଧମକ ଦେଇଥିଲେ। ଏହା ଉଲ୍ଲେଖ କରି ମାଗୁଣି ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଆଇଆଇସି ତଥା ଡିଏସପି ପାତ୍ର ନଂ.୨୮୪/୨୫ରେ ମାମଲା ରୁଜୁ କରି ଏହାର ତଦନ୍ତ ଦାୟିତ୍ୱ ଏସ୍ଆଇ ସୋଫିଆ ମିଶ୍ରଙ୍କୁ ଦେଇଛନ୍ତି।

## ଆଇଜରର ୫ମ ସମାବର୍ତ୍ତନ ଉତ୍ସବ

ଗୋପାଳପୁର,୯।୮(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧିନ ଲଉଡ଼ିଗାଁ ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ ବ୍ରହ୍ମପୁର (ଆଇଜର) ପରିସରରେ ଶନିବାର ୫ମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହାମହିମ ରାଜ୍ୟପାଳ ଡ଼ ହରିବାବୁ କୁମ୍ଭମପାଟି, ସମ୍ମାନିତ ଅତିଥିଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆସିକା ଏମପି ଅନୀତା ଶୁଭଦର୍ଶିନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଆଇଜର ଗଭର୍ଣ୍ଣିଙ୍ଗ ବଡ଼ି ଚେୟାରପର୍ସନ ଅରବିନ୍ଦ ଅନନ୍ତ ନାଟୁ, ଡ଼ିନ୍ ପ୍ରଫେସର ପ୍ରସନଜିତ ମଣ୍ଡଳ, ରେଜିଷ୍ଟ୍ରାର ପ୍ରଦୀପ ରାୟଙ୍କ ସମେତ ବୋର୍ଡର ଅନ୍ୟ ସଦସ୍ୟମାନେ ମଞ୍ଚାସୀନ ଥିଲେ। ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ଅଶୋକ ଗାଙ୍ଗୁଲି ଅତିଥି ପରିଚୟ ଦେଇଥିଲେ। ବିଏସ-ଏମଏସ ବର୍ଗରେ ୧୩୬ଜଣ ଛାତ୍ରୀଛାତ୍ରଙ୍କୁ ଡ଼ିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ଏମଏଏସ ଡ୍ରିଗ୍ରୀ ଓ ୨୨ ଜଣଙ୍କୁ ପିଏଚଡ଼ି ପ୍ରଦାନ କରାଯାଇଥିଲା। ଦେଶରେ ଏକାଡ଼େମିକ କ୍ଷେତ୍ରରେ ୩୫ତମ ସ୍ଥାନ ଓ ବିଭିନ୍ନ କ୍ଷେତ୍ରରେ ବ୍ରହ୍ମପୁର ଆଇଜର ଦେଶର ୪୨ନଂ ର୍‌ୟାଙ୍କରେ ରହିଥିବା ନିର୍ଦ୍ଦେଶକ ପ୍ରଫେସର ଗାଙ୍ଗୁଲି ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରାଜ୍ୟପାଳ କୁମ୍ଭମପାଟି ଶିକ୍ଷାକୁ କେବଳ ଡ଼ିଗ୍ରୀ ଭାବେ ସୀମିତ ନ ରଖି ସମାଜ ପରିବର୍ତ୍ତନରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଆଇଜର ପରିସରରେ ଚାରାରୋପଣ କରାଯାଇଥିଲା। ୭୮୦କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟିତ ହୋଇଥିଲା। ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ଗଞ୍ଜାମ ଜିଲାପାଳ ଭି.କିର୍ତ୍ତିଭାସନ, ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ମହିଳା କନଷ୍ଟେବଲଙ୍କୁ ଅସଦାଚରଣ ଅଭିଯୋଗ

ଗୋପାଳପୁର, ୯।୮(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ପୋଲିସ ରିଜର୍ଭ ପରିସରରେ ଥିବା ଜଣେ ମହିଳା କନଷ୍ଟେବଲଙ୍କୁ ବ୍ୟାରେକରେ ଜଣେ ଯୁବକ ପଶି ମାରପିଟ କରିବା ସହ ଅସଦାଚରଣ କରିଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ତାଙ୍କୁ ପୋଲିସ ଧରିଆଣି ଅଟକ ରଖିଛି। ଅଟକ ଅଭିଯୁକ୍ତ ହେଲେ ପୁରୁଷୋତ୍ତମପୁର ଥାନା ସାହାପୁର ଗ୍ରାମ କେଉଟ ସାହିର ପ୍ରଭଞ୍ଜନ ବେହେରା। ସେ ଜଣେ ଆର୍ମି ଯବାନ ବୋଲି ପୋଲିସ ସୂଚନା ଦେଇଛନ୍ତି। ଏହି ଥାନା ଅଧୀନ ଆମ୍ବପୁଆସ୍ଥିତ ମହିଳା ପୋଲିସ ବ୍ୟାରେକରେ ଶନିବାର ସକାଳ ପ୍ରାୟ ୮ଟାରେ ପ୍ରଭଞ୍ଜନ ମଦ୍ୟପାନ କରି ମହିଳା ପୋଲିସ ବ୍ୟାରେକରେ ପଶି ସମ୍ପୃକ୍ତା ମହିଳା କନଷ୍ଟେବଲଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ । ପରେ ବ୍ୟାରେକ୍ ପରିସରରେ ଥିବା କନଷ୍ଟେବଲମାନେ ଆସି ତାଙ୍କୁ କାବୁ କରି ଗୋପାଳପୁର ଥାନାକୁ ହସ୍ତାନ୍ତର କରିଥିଲେ । ଏ ନେଇ ଅସଦାଚରଣ ଶିକାର ହୋଇଥିବା ମହିଳା କନଷ୍ଟେବଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ନଂ. ୨୬୭/୨୫ରେ ମାମଲା ରୁଜୁ ହୋଇଛି। ପ୍ରଭଞ୍ଜନଙ୍କୁ ଅଟକ ରଖି ପଚାରଉଚରା କରିବା ପରେ ପୋଲିସ ନୋଟିସ ଦେଇ ଛାଡି ଦେଇଛି। ଏହାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକ କହିଛନ୍ତି।

## ସ୍ୱର୍ଣ୍ଣ ପଦକ ବିଜେତା ସସ୍ମିତାଙ୍କୁ ସମ୍ବର୍ଦ୍ଧନା

କବିସୂର୍ଯ୍ୟନଗର,୯।୮ (କୃପାସିନ୍ଧୁ ସ୍ୱାଇଁ)

ବ୍ରହ୍ମପୁର ଷ୍ଟାଡ଼ିୟମଠାରେ ଆୟୋଜିତ ଅସ୍ମିତା ଖେଲୋ ଇଣ୍ଡିଆ ଭାରତ୍ତୋଳନ ପ୍ରତିଯୋଗିତାରେ କବିସୂର୍ଯ୍ୟନଗର ମହାମାୟୀ ବ୍ୟାୟାମ କେନ୍ଦ୍ରର ଛାତ୍ରୀ ସସ୍ମିତା ସ୍ୱାଇଁ ଅଂଶଗ୍ରହଣ କରିଥିଲେ । ସେ ୟୁଥ, ଜୁନିୟର ଓ ସିନିୟର ବର୍ଗର ତିନି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇ ଗଞ୍ଜାମ ଜିଲା ପାଇଁ ଗୌରବ ଆଣିଛନ୍ତି। ସ୍ନାଚରେ ୫୦ କେଜି, କ୍ଲିନ ଆଣ୍ଡ ଜର୍କରେ ୬୦ କେଜିରେ ସସ୍ମିତା ଉତ୍ତୀର୍ଣ୍ଣ ହୋଇଥିଲେ।। ଶନିବାର ଗହ୍ମା ପୂର୍ଣ୍ଣିମା ପ୍ରତିଯୋଗିତା ଅବସରରେ ହୋଇଥିବା ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାରୋତ୍ତୋଳନ ସଂଘ ଉପସଭାପତି ତଥା ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘ ସଭାପତି କୁମୁଦ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ଉତ୍ସବରେ ସ୍ୱର୍ଣ୍ଣପଦକ ବିଜୟିନୀ ସୁଶ୍ରୀ ସସ୍ମିତା ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ନଗଦ ୫ ହଜାର ପୁରସ୍କାର ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶ୍ରୀ ସୁସ୍ମିତା କବିସୂର୍ଯ୍ୟନଗର ମହାମାୟୀ ବ୍ୟାୟାମ କେନ୍ଦ୍ରର ଜଣେ ଭାରୋତ୍ତୋଳନକାରୀ ରୂପେ ବେଶ୍ ଜଣାଶୁଣା। ଏହି ସଫଳତା ପାଇଁ ସେ ଜିଲା ଭାରୋତ୍ତୋଳନ ସଂଘ ସଭାପତି ସାହୁ, ପ୍ରଶିକ୍ଷକ ବଖାରି ମହମ୍ମଦ, ପ୍ରଶିକ୍ଷିକା ସଂଯୁକ୍ତା ସାହୁ ଓ ମା'ବାପାକୁ ତାଙ୍କ ସଫଳତାର ଶ୍ରେୟ ଦେଇଛନ୍ତି।




## ଶ୍ରୀବଳଦେବ ସ୍ୱାମୀଙ୍କ ଜନ୍ମୋତ୍ସବ ପାଳିତ

ବୁଗୁଡ଼ା,୯।୮(କାଳିଚରଣ ଦାଶ)

ସ୍ଥାନୀୟ ବଳଦେବ ମନ୍ଦିରରେ ଗହ୍ମାପୂର୍ଣ୍ଣିମାରେ ବଡ଼ଠାକୁର ଶ୍ରୀବଳଦେବଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରାତଃ କାଳରେ ଠାକୁରଙ୍କ ଅବକାଶ, ମଙ୍ଗଳ ଆଳତୀ, ବାଳଭୋଗ ଆଦି କାର୍ଯ୍ୟ କରାଯାଇଥିବା ବେଳେ ପୂର୍ବାହ୍ନରେ ଶ୍ରୀବଳଦେବଙ୍କ ଜନ୍ମବିଧି ପାଳନ, ରୋଷ ହୋମ, ପଞ୍ଚାମୃତ, ପୂଜାର୍ଚ୍ଚନା ପ୍ରଭୃତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ମନ୍ଦିର ପ୍ରାଙ୍ଗଣରେ ଦୂରାଚାରୀ ପ୍ରଳମ୍ବା ଅସୁରର ବାଲୁକା ପ୍ରତିମୂର୍ତ୍ତି ପ୍ରସ୍ତୁତ କରାଯାଇ ବଦ୍ଧ ପର୍ବ ପାଳନ କରାଯାଇଥିଲା। ଏଥିରେ ପଦ୍ମ ଚରଣ ଦାଶ, ରାମାନୁଜ ମହାପାତ୍ର, ଦୁର୍ଗା ମାଧବ ପାଣି, ସିମାଞ୍ଚଳ ପଣ୍ଡା, ସାଲବେଗ ଶତପଥୀ ଓ ଗୋପାଳ କୃଷ୍ଣ ହୋତା ପ୍ରମୁଖ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲା ବେଳେ କର୍ତ୍ତା ଭାବେ ଅରୁଣ ପାଣି ଦାୟିତ୍ୱ ନିର୍ବାହ କରିଥିଲେ।

## ବିଶ୍ୱବିଦ୍ୟାଳୟରେ ସଂସ୍କୃତ ବିଭାଗ ଖୋଲିବା ନେଇ ଦାବିପତ୍ର

ବ୍ରହ୍ମପୁର,୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରାଚୀନ ବୈଦିକ ତଥା ଦେବ ଭାଷା ସଂସ୍କୃତ ବିଷୟ ପାଇଁ ଏକ ଉତ୍ସର୍ଗୀକୃତ ବିଭାଗ ପ୍ରତିଷ୍ଠା ପାଇଁ ଭଞ୍ଜ ବିହାର ବିଦ୍ୟାର୍ଥୀ ପରିଷଦ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଗୋପାଳପୁର ଠାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂସ୍କୃତ ବିଭାଗ ପ୍ରତିଷ୍ଠା ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନାମଟି ଇଂରାଜିରେ ଲେଖିଲା ବେଳେ ବେରେହମପୁର ଲେଖାଯାଇଛି ଯାହା ଉଚ୍ଚାରଣ ଗତ ତ୍ରୁଟି ଏବଂ ଉପହାସ ଭଳି ଲାଗୁଛି । ଏଣୁ ଇଂରାଜୀରେ ବ୍ରହ୍ମପୁର ଲେଖିବା ,ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗରେ ଏକ ଉତ୍ସର୍ଗୀକୃତ ଗୋଷ୍ଠୀ ବେତାର କେନ୍ଦ୍ର ଖୋଲାଯିବା ,ଭଞ୍ଜ ବିହାର ପରିସରରେ ଶୈକ୍ଷିକ ବାତାବରଣକୁ ପ୍ରେରଣା ଯୋଗାଇବା ପାଇଁ ଏକ ବହୁବିଧ ସୁବିଧା କେନ୍ଦ୍ର ପ୍ରତିଷ୍ଠା, ଆଦିବାସୀ ଶିକ୍ଷାକେନ୍ଦ୍ର ଆରମ୍ଭ କରିବା, ବିଶ୍ୱବିଦ୍ୟାଳୟରେ ଖାଲିଥିବା ସମସ୍ତ ଶୈକ୍ଷିକ ଓ ଅଣଶୈକ୍ଷିକ ପଦବୀ ପୂରଣ ଆଦି ଦାବି କରାଯାଇଛି। ଭଞ୍ଜ ବିହାର ଶିକ୍ଷାର୍ଥୀ ପରିଷଦର ସଭାପତି ସ୍ୱସ୍ତି ସୁନ୍ଦର ସିଅ ଏବଂ ସଂପାଦକ ବିକ୍ରମ କେଶରୀ ପଣ୍ଡାଙ୍କ ନେତୃତ୍ୱରେ ଏହି ଦାବି ପତ୍ର ଦିଆଯାଇଛି। ଭଞ୍ଜ ବିହାର ଶିକ୍ଷାର୍ଥୀ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କୁମାର ପ୍ରଧାନ, ରାଜ କିଶୋର ପ୍ରଧାନ,ରାଧା ମୋହନ ପଣ୍ଡା, ସାଇରମ ସାହୁ , ଶଙ୍କର ସେଠୀ, କାର୍ତ୍ତିକ ଡାକୁଆ, ଡି. ଚନ୍ଦ୍ର ଶେଖର ରେଡ୍ଡୀ, ଶୁଭମ ପାଇକ, ପ୍ରତୀକ ପଟ୍ଟନାୟକ, ଆୟୁଷ ରଥ, ସତ୍ୟ ନାୟକ, ସୂର୍ଯ୍ୟ କାନ୍ତ ବେହେରା, ଅଭୟ କୁମାର ପଣ୍ଡା, ସୁମନ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତ ଦାବି ପୂରଣ ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ୧୦୭୭ରୁ ୭୪୯ ଡାକ୍ତର ପଦବୀ ଖାଲି

**ଗଞ୍ଜାମରେ ଭୁଶୁଡୁଛି ସ୍ୱାସ୍ଥ୍ୟସେବା**

ବ୍ରହ୍ମପୁର, ୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଏକରକମ ଭୁଷୁଡ଼ିବାରେ ଲାଗିଛି। ଡାକ୍ତର ଅଭାବ ଏହାର ପ୍ରମୁଖ କାରଣ ହୋଇଛି। ସମଗ୍ର ଜିଲା ପାଇଁ ୧୦୭୭ ଡାକ୍ତର ପଦବି ମଂଜୁର ଥିଲା ବେଳେ ୭୪୯ ଡାକ୍ତର ପଦବି ଖାଲି ପଡିଛି। ପ୍ରାୟ ୩୦ ପ୍ରତିଶତ ଡାକ୍ତରଙ୍କୁ ନେଇ ରୋଗୀସେବା ଚାଲିଛି। ଗଞ୍ଜାମ ଜିଲାରେ ସ୍ୱାସ୍ଥ୍ୟସେବାର ଏଭଳି ବିକଳ ଚିତ୍ର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜିଲାରେ ବ୍ରହ୍ମପୁର ମେଡିକାଲ କଲେଜ ଓ ହସପିଟାଲ ଏବଂ ସିଟି ହସପିଟାଲକୁ ମିଶାଇ ୧୨୪ଟି ସ୍ୱାସ୍ଥ୍ୟ କେନ୍ଦ୍ର ଥିବାବେଳେ ସବ ସେଣ୍ଟର ୪୬୦ଟି ସହିତ ହୋମିଓପାଥିକ ହସପିଟାଲ ଓ ଆୟୁର୍ବେଦିକ ହସପିଟାଲ ରହିଛି। ଗ୍ରାମାଞ୍ଚଳରେ ଡାକ୍ତରଙ୍କ ଅଭାବ ସମସ୍ୟାର ଫାଇଦା ନେଉଛନ୍ତି କ୍ୱାକ। ମାଟ୍ରିକ, ଯୁକ୍ତତିନି ପାଠ ପଢ଼ିଥିବା ବଙ୍ଗୀୟ ଯୁବକମାନେ ଡାକ୍ତର ସାଜି ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଏଭଳି ନକଲି ଡାକ୍ତରଙ୍କ ଠାରୁ ଔଷଧ ସେବନ କରି ରୋଗୀ ମରଣମୁହଁକୁ ଠେଲି ହୋଇ ଯାଉଛନ୍ତି। ସ୍ୱାସ୍ଥ୍ୟସେବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ରୋଗୀ କିପରି ମାଗଣାରେ ସମସ୍ତ ପ୍ରକାର ସୁବିଧା ପାଇବେ ସେ ଉପରେ ଗୁରତ୍ୱ ଦିଆଯାଉଛି। ହେଲେ ଅତ୍ୟନ୍ତ ମୌଳିକ ଆବଶ୍ୟକତା ଡାକ୍ତର ପଦବି ପୂରଣ ଦିଗରେ ଧ୍ୟାନ ଦିଆଯାଉ ନାହିଁ। ଫଳରେ ଗଞ୍ଜାମ ଜିଲାର ଦୁର୍ଗମ ଇଲାକାରେ ସ୍ୱାସ୍ଥ୍ୟସେବା ଏକ ପ୍ରକାର ଭୁଷୁଡ଼ିବାରେ ଲାଗିଛି। ବିଶେଷଜ୍ଞଙ୍କ ଅଭାବ ଯୋଗୁଁ ରୋଗୀ ତ୍ୱରିତ ଚିକିତ୍ସାସେବା ନପାଇ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି। ବିଶେଷ କରି ଜିଲାର ସୀମାନ୍ତ ବ୍ଲକ ପାତ୍ରପୁର, ଚିକିଟି, ସୋର, ଜଗନ୍ନାଥପ୍ରସାଦ ଭଳି ଦୁର୍ଗମ ଇଲାକାରେ ରହୁଥିବା ଗରିବ ଲୋକମାନେ ବ୍ରହ୍ମପୁର ଆସି ଚିକିତ୍ସା କରାଇବାକୁ ସକ୍ଷମ ନୁହନ୍ତି। ଏଣୁ ସେମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି) ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚସି) ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଅଧିକାଂଶ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଦେଖିବାକୁ ମିଳୁଛି। ଡାକ୍ତର ପଦବି ପୂରଣ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବହୁବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତଥାପି ସମସ୍ୟାରେ ସୁଧାର ଆସୁ ନାହିଁ। ରାଜ୍ୟ ସରକାର ମେଡିକାଲ ଗୁଡିକରେ ନୂତନ ପଦବି ସୃଷ୍ଟି କରୁଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। କିନ୍ତୁ ପଦବି ପୂରଣ ହେଉ ନଥିବାରୁ ସାଧାରଣ ଲୋକେ କୌଣସି ସୁଫଳ ପାଇପାରୁ ନାହାନ୍ତି। କେତେକ କ୍ଷେତ୍ରରେ ଗ୍ରାମାଞ୍ଚଳ ତଥା ଦୁର୍ଗମ ଇଲାକାରେ ଡାକ୍ତରମାନେ କାମ କରିବାକୁ ପସନ୍ଦ କରୁ ନଥିବାରୁ ସମସ୍ୟା ଆହୁରି ଜଟିଳ ହେଉଥିବା ଦେଖିବାକୁ ମିଳୁଛି। ସେହିପରି ଜିଲାରେ ନର୍ସିଂ ଷ୍ଟାଫ ଓ ଫାର୍ମାସିଷ୍ଟ ପଦବି ମଧ୍ୟ ଖାଲି ପଡ଼ିଛି। ଜିଲା ପାଇଁ ମୋଟ ୯୪୮ ନର୍ସିଂ ଷ୍ଟାଫ ପଦବି ମଂଜୁର ହୋଇଛି। ତନ୍ମଧ୍ୟରୁ ୪୭୨ ଜଣ କାର୍ଯ୍ୟରେ ଥିବା ବେଳେ ୪୭୬ ପଦବି ଖାଲି ପଡିଛି। ସେହିପରି ମଂଜୁର ୨୦୧ ଫାର୍ମାସିଷ୍ଟ ପଦବି ମଧ୍ୟରୁ ୯୦ଜଣ ଥିବା ବେଳେ ୧୧୧ ପଦବି ଖାଲି ପଡିଛି। ଜିଲାରେ ଡାକ୍ତର ଠାରୁ ଆରମ୍ଭ କରି ବହୁ ନର୍ସ, ଫାର୍ମାସିଷ୍ଟ ପଦବି ଖାଲି ପଡିଥିବା ଯୋଗୁଁ ରୋଗୀ ଆବଶ୍ୟକ ଚିକିତ୍ସାସେବା ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି।

# ବିଶ୍ୱ ଆଦିବାସୀ ଦିବସ ପାଳିତ

ଫୁଲବାଣୀ,୯।୮(ରାକେଶ କୁମାର ରାଉତ) କୁଇ ସମାଜ ସେବା ସମିତି ପକ୍ଷରୁ ଶନିବାର ଫୁଲବାଣୀରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ସ୍ଥାନୀୟ ମଦିଗୁଡା ଛକରୁ ବହୁ ସଂଖ୍ୟାରେ ଆଦିବାସୀ ମହିଳା ପୁରୁଷ ପାରମ୍ପରିକ ପୋଷାକରେ ନାଚଗୀତ ସହ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଏହି ଅବସରରେ ଆଦିବାସୀମାନଙ୍କ ବିଭିନ୍ନ ଦାବି ସମ୍ବଳିତ ପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଅଗଷ୍ଟ ୯କୁ ଜାତୀୟ ଛୁଟି ଦିବସ ଘୋଷଣା କରିବା, କେନ୍ଦ୍ର ସରକାରଙ୍କ ଦ୍ୱାରା ସଂଶୋଧିତ ଜଳ ଜଙ୍ଗଲ ସଂରକ୍ଷଣ ଆଇନକୁ ଓଡିଶାରେ ଲାଗୁ ନ କରିବା, ପେସା ଆଇନ ଲାଗୁ କରିବା, ଫୁଲବାଣୀ ମେଡିକାଲ କଲେଜରେ ଯୋଗ୍ୟତା ଭିତ୍ତିରେ ଆଦିବାସୀ ଯୁବତୀଯୁବକଙ୍କୁ ଚାକିରି ଦେବା ଏବଂ ଆଦିବାସୀ ନେତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଦାବି କରାଯାଇଛି। କୁଇ ସେବା ସମିତି ଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ କୁଇ ଭାଷା ସାହିତ୍ୟ ସମିତି ସଭାପତି ଦୀନବନ୍ଧୁ କହଁର, ନାରୀ ସଭାନେତ୍ରୀ ସୌଦାମିନୀ କହଁର, ଗୌତମ ପ୍ରଧାନ, ସମ୍ପାଦକ ଅନନ୍ତ କହଁର, ଭାବୀନ୍ଦ୍ର କହଁର, ଅଚ୍ୟୁତ ଜାନି, ପଞ୍ଚାନନ କହଁର, ମଞ୍ଜୁଶ୍ରୀ କହଁରଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।


ଫୁଲବାଣୀ ପାରମ୍ପରିକ ପୋଷାକରେ ବାହାରିଥିବା ଆଦିବାସୀ ମାନେ।

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, (ଅରୁଣ ସାହୁ/ମନୋରଞ୍ଜନ ରଣା):** ଦାରିଙ୍ଗବାଡ଼ି କୁଇ କୁଳ ସମିତି ପକ୍ଷରୁ ବିଶ୍ୱ ଆଦିବାସୀ ଦିବସକୁ ବଡ଼ ଧୂମଧାମ ରେ ପାଳନ କରାଯାଇଛି। ସମିତିର ସଭାପତି କରୁଣାକର ପ୍ରଧାନଙ୍କ ନେତୃତ୍ୱରେ ଆଦିବାସୀଙ୍କ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୁଇକୁଳ ସମିତିର ସମ୍ପାଦକ ଶୁକଦେବ ପ୍ରଧାନ, ଉପସଭାପତି ପୁରେ ପ୍ରଧାନ, କୋଷାଧକ୍ଷ ରମାକାନ୍ତ ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ଜ୍ୟୋତିରାଜ ପ୍ରଧାନ, ସୁନୀଲ ପ୍ରଧାନ, ଅବ୍ରହାମ ପ୍ରଧାନ, ଅଜୟ ଚନ୍ଦ୍ର ପତ୍ରା, କୁଶନାଥ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ବ୍ରାହ୍ମଣୀଗାଁଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଏ ଅବସରରେ ଚାଷୀ ମୂଲିଆ ସୁରକ୍ଷା ସମିତିର ଶତାଧିକ ଆଦିବାସୀ ବଡଖଂଠାରେ ଏକାଠି ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ହାଡ଼ିଆ କନ୍ଧ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ଦାରିଙ୍ଗବାଡି ବ୍ଲକ୍ ସଭାପତି ପ୍ରଶାନ୍ତ ପ୍ରଧାନ, ଲେଙ୍କା ପ୍ରଧାନ, ରାଜୀବ ମାଝୀ, ଧ୍ରୁବେନ୍ଦ୍ର ପତ୍ରା, ଆଇନଜୀବୀ ଇନ୍ଦ୍ରମଣୀ ପ୍ରଧାନ, ସୁରେଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

**ବାଲିଗୁଡା,(ସଞ୍ଜୟ ପାଣିଗ୍ରାହୀ):** ବାଲିଗୁଡା ଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ପ୍ରଥମେ ସ୍ଥାନୀୟ କୁଇକୁଳ କାର୍ଯ୍ୟାଳୟ ଠାରୁ ଏକ ପଦଯାତ୍ରା ବାହାରି ସରାଗୁଡ଼ ଠାରେ ପହଞ୍ଚିଥିଲା। ଏଠାରେ ଅତିଥି ଭାବେ ସରପଞ୍ଚ ଅଶୋକ ମଲିକ, ସମ୍ପାଦକ ଦୟାନିଧି ମଲିକ, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ, ବିଧାୟକ ଚକ୍ରମଣି କହଁର, କ.ନୂଆଗାଁ କୁଇକୁଳ ସମିତି ସଭାପତି ସିନାଲ ପ୍ରଧାନ, ଫୁଲବାଣୀର ବିନୋଦ ପ୍ରଧାନ, ରାଷ୍ଟ୍ରୀୟ ଆଦିବାସୀ ସେବୁଲ ଏରିଆ ସଂଘର୍ଷ ସମିତି ରାଜ୍ୟ ସଭାପତି ପ୍ରଦୀପ କୁମାର କହଁର, ବିଶ୍ୱ ଆଦିବାସୀ ଦିବସ ପାଳନ ପରିଚାଳନା କମିଟି କୋଷାଧ୍ୟକ୍ଷ ନକ୍ଷତ୍ର ମଲିକ ପ୍ରମୁଖ ମଞ୍ଚାସିନ ଥିଲେ।

## ଶ୍ରୀକୃଷ୍ଣ ଶରଣପୁର ଶାସନରେ ଗହ୍ମାପୂର୍ଣ୍ଣିମା ପାଳିତ

ଖଲ୍ଲିକୋଟ,୯।୮ (ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ଶାସନରେ କୃଷିଭିତ୍ତିକ ପର୍ବ ଗହ୍ମାପୂର୍ଣ୍ଣିମା ଓ ଗୋପୂଜନ ପାଳନ କରାଯାଇଛି। ଚଳିତ ବର୍ଷ ଯୁବକମାନଙ୍କ ଉଦ୍ୟମରେ ଗ୍ରାମର ଚନ୍ଦ୍ରଶେଖର ଓ ମା'ଗୁଣ୍ଡିଚେଇଙ୍କ ମନ୍ଦିର ନିକଟରେ ଗୋଶାଳାର ଶୁଭାରମ୍ଭ ହୋଇଛି। ପ୍ରାତଃ ସମୟରେ ଗାଈ ବାଛୁରୀଙ୍କୁ ସ୍ନାନ କରାଇ ହଳଦୀ, ଚନ୍ଦନ ସଜାଇ ପୂଜକ ସନ୍ତୋଷ ଦାଶ ପୂଜାର୍ଚ୍ଚନ କରିଥିଲେ। ସେଠାରେ ଶାସନର ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଅବସରପ୍ରାପ୍ତ ଶିକ୍ଷକ ଉଦୟନାଥ ରଥ, ଗୋଦାବରୀଶ ପଣ୍ଡା, ସୁବାସ ରଥ, ପଦ୍ମନାଭ ରଥ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏଲଆଇ ମନୋଜ ସାହୁ ପ୍ରବୀଣ ବେହେରା ଉପସ୍ଥିତ ଥିଲେ।

## ରକ୍ଷା ବନ୍ଧନ ପାଳିଲେ ଜଗା-ସୁଭଦ୍ରା



ଫୁଲବାଣୀ,୯।୮(ରାକେଶ କୁମାର ରାଉତ) ସମସ୍ତଙ୍କ ଭଳି ଯୋଡାମୁଣ୍ଡ ଶିଶୁ ଜଗା ଓ ଭଉଣୀ ସୁଭଦ୍ରା ରାଖୀ ପୂର୍ଣ୍ଣିମା ପାଳିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଗା ହାତରେ ଭଉଣୀ ସୁଭଦ୍ରା ରାଖୀ ବାନ୍ଧିଛି। ରାଖୀ ପିନ୍ଧେଇ ମିଠା ଖୁଆଇ ଥିଲା। ଭଉଣୀ ସୁଭଦ୍ରାକୁ ଜଗା ପୋଷାକ ଉପହାର ଦେଇଥିଲା। ପାଖରେ ବାପା ମା' ଏବଂ ଡାକ୍ତରଖାନା କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜଗା ମୁଣ୍ଡର ଶେଷ ଅସ୍ତ୍ରୋପଚାର ଦିଲ୍ଲୀ ଏମ୍ସରେ ହେବା ବାକି ରହିଛି। ଏବେ ତାର ସ୍ୱାସ୍ଥ୍ୟ ଠିକ ରହିଥିବା ବେଳେ ପାଠ ପଢ଼ିବାକୁ ମନ ବଳାଉଛି ଜଗା। ଏଥିପାଇଁ ବ୍ୟବସ୍ଥା କରିବାକୁ ଜଗାର ମା' ପୁଷ୍ପାଞ୍ଜଳି ଗୁହାରୀ କରିଛନ୍ତି।

# କମ୍ପାନୀ ପାଇଁ ସରକାର ଆଦିବାସୀଙ୍କ ଅଧିକାର ଛଡ଼େଇ ନେଉଛନ୍ତି

ପାରଳାଖେମୁଣ୍ଡି,୯।୮ (ଗିରିଧାରୀ ପରିଚ୍ଛା)

ବିଶ୍ୱ ଆଦିବାସୀ ଦିବସ ଅବସରରେ ଶନିବାର କାଶୀନଗର ବ୍ଲକ ସିଆଳି ପଞ୍ଚାୟତର ପେଦାଗୁଡାଠାରେ ଅଖିଳ ଭାରତ ଆଦିବାସୀ ମଞ୍ଚ ଓ ଅଖିଳ ଭାରତ କିଷାନ ମଜଦୁର ସଭା ପକ୍ଷରୁ ମିଳିତ ଭାବେ ପାଳିତ ହୋଇଯାଇଛି। ସଙ୍ଗଠନର ଜିଲା କମିଟି ସଭ୍ୟ କାଡୁକା ଶବର ଅଧକ୍ଷତା କରିଥିଲେ। ଏହି ସମାବେଶରେ ଅଖିଳ ଭାରତ ଆଦିବାସୀ ସଭାର ଆବାହକ କେଦାର ଶବର ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧୀ ନୀତିର ସମାଲୋଚନା କରିଥିଲେ। ସରକାର ଜମି, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦ ଉପରେ ଆଦିବାସୀଙ୍କୁ ଅଧିକାର ଦେବା ବଦଳରେ ବଡ ବଡ କମ୍ପାନୀଙ୍କ ସ୍ୱାର୍ଥରେ ସେସବୁ ଅଧିକାରକୁ ଛଡେଇବାରେ ଲାଗିଛନ୍ତି। ଏଥିଯୋଗୁ ଆଦିବାସୀମାନେ ନିଜର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଓଡ଼ିଶାର ପ୍ରାୟ ଏକ ଚତୁର୍ଥାଂଶ ଜନସଂଖ୍ୟା ଆଦିବାସୀ ହୋଇଥିଲେ ବି ସରକାର ସେମାନଙ୍କ ଭାଷା, ଲିପି ଓ ସଂସ୍କୃତିର ବିକାଶ ଦିଗରେ କୌଣସି ଉଦ୍ୟମ କରୁ ନ ଥିବାରୁ ଅନେକ ଆଦିବାସୀ ସମ୍ପ୍ରଦାୟ ଓ ସେମାନଙ୍କ ଭାଷା ନିଶ୍ଚିହ୍ନ ହେବାକୁ ବସିଛି। ଆଦିବାସୀମାନେ ନିଜର ଜମି, ଜଙ୍ଗଲ ଓ ଜୀବିକାର ସୁରକ୍ଷା ସହ ଭାଷା ଓ ସଂସ୍କୃତିର ସୁରକ୍ଷା କରିବା ଜରୁରୀ ବୋଲି ଉପସ୍ଥିତ ଅତିଥି ଆଦିବାସୀ ନେତା ଜୁନେସ ମେଦି, ଚୈତନ୍ୟ ଶବର, ସୁଦ୍ଧାରା ଶବର, ସୁଙ୍କା ଶବର, ଗଣେଶ୍ୱରୀ ଶବର ପ୍ରକାଶ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

**ବିଶ୍ୱ ଆଦିବାସୀ ଦିବସ ପାଳିତ**

## କୂଅରେ ପଡ଼ି ମହିଳାଙ୍କ ମୃତ୍ୟୁ

ମୋହନା,୯।୮( ମନ୍ମଥ ମିଶ୍ର)ମୋହନା ଥାନା ଅନ୍ତର୍ଗତ ଖାରିଗୁଡା ଗାଁର ଏକ କୂଅରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେଗ୍ରାମର ମିତ୍ରା ନାୟକ। ଶନିବାର ଭୋର ସମୟରେ ଘର ପାଖରେ ଥିବା ପଥର କୁଅକୁ ମିତ୍ରା ଗାଧୋଇବା ପାଇଁ ଯାଇଥିଲେ। ତେବେ ଗାଧୋଇବା ବେଳେ କୌଣସି ପ୍ରକାରେ ତାଙ୍କ ଗୋଡ଼ ଖସିଯାଇ କୂଅ ଭିତରେ ପଡିଯାଇଥିଲେ । ମିତ୍ରା ଘରକୁ ଆସିବା ବିଳମ୍ବ ହେବାରୁ ପରିବାର ଲୋକେ କୂଅ ପାଖକୁ ପହଞ୍ଚି ସେ କୁଅରେ ପଡିଯାଇଥିବା ଜାଣିବାକୁ ପାଇଥିଲେ। ଖବର ପାଇ ମୋହନା ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି କୂଅରୁ ତାଙ୍କୁ ଉଦ୍ଧାର କରି ମୋହନା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମିତ୍ରାଙ୍କୁ ମୃତ ଘୋଷଣା କରିଥିଲେ। ମୋହନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ କରୁଛି।

## ଶେରଗଡ଼ରେ ଝୁଲଣ ଯାତ୍ରା ଆରମ୍ଭ

ଶେରଗଡ,୯।୮(ସୂର୍ଯ୍ୟ ନାରାୟଣ ଦାଶ)ଶେରଗଡ଼ ରଘୁନାଥ ମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ ଠାକୁରଙ୍କୁ ବେଶଭୂଷା କରାଯାଇଥିଲା। ମଠ ମହନ୍ତ ପରମାନନ୍ଦ ଦାସ ଗୋସାମୀଙ୍କ ତତ୍ତ୍ୱାବଧାନରେ ଠାକୁରଙ୍କୁ ଝୁଲଣ ଦୋଳିରେ ବସାଇବା ପରେ ଭଜନ କୀର୍ତ୍ତନ ହୋଇଥିଲା। କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ଏନେଇ ମଠ ପରିସରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରେ ସାମୁହିକ ଆରତି କରାଯାଇଥିଲା। ବିମାନରେ ଠାକୁର ନଗର ପରିକ୍ରମା କରିଥିଲେ।

## ଆରମ୍ଭ ହେଲା ଋଷିକୂଲ୍ୟା ମାତାଙ୍କ ନିତ୍ୟ ସାନ୍ଧ୍ୟ ଆଳତି

ଆସିକା,୯।୮ (ସୁରେନ୍ଦ୍ର ନାଥ ସାହୁ) ଆସିକା ସହରର ବାଣୀବିହାରସ୍ଥିତ ଋଷିକୂଲ୍ୟା ନଦୀର ରାଧାକୃଷ୍ଣ ମନ୍ଦିର ଘାଟରେ ଶୁକ୍ରବାର ସନ୍ଧ୍ୟାରୁ ଋଷିକୂଲ୍ୟା ମାତାଙ୍କ ନିତ୍ୟ ସାନ୍ଧ୍ୟ ଆଳତି ଆରମ୍ଭ ହୋଇଛି। ଆଧାତ୍ମିକ ପ୍ରବଚକ ଭାଗବତ ଭାସ୍କର ଜଗନ୍ନାଥ ପଣ୍ଡା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଋଷିମାଳ ନନ୍ଦିନୀ ଋଷିକୂଲ୍ୟା ନଦୀ ପବିତ୍ର ନଦୀ ଭାବେ ଜନମାନସରେ ରହିଥିବା ବେଳେ ଆଧାତ୍ମିକ ଭାବ ସୃଷ୍ଟି, ମାତୃ ଜାତିର ସମ୍ମାନ ବୃଦ୍ଧି ତଥା ସମାଜ ମଙ୍ଗଳ ଓ ପରିବେଶର ସୁରକ୍ଷା ଲକ୍ଷ୍ୟରେ ପ୍ରତ୍ୟେହ ସନ୍ଧ୍ୟାରେ ଏହି ଆଳତି କରିବା ଲାଗି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଦୀପ ପାଣିଗ୍ରାହୀ, ଦିଲିପ ପଣ୍ଡା, ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା, ବିଦେଶୀ ନାହାକ, ଅନିଲ ପାଣିଗ୍ରାହୀ, କାମେଶ୍ୱର ଆଚାରୀ ପରିଚାଳନା କରିଥିଲେ।

# ଗଜପତି ଜିଲାରେ ୧ଲକ୍ଷ ୪୩ ହଜାର ପାଇଲେ ସୁଭଦ୍ରା ତୃତୀୟ କିସ୍ତି

ପାରଳାଖେମୁଣ୍ଡି,୯।୮ (ଗିରିଧାରୀ ପରିଚ୍ଛା)

ଗଜପତି ଷ୍ଟାଡିୟମଠାରେ ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରାଯାଇଛି। ଗଜପତି ଜିଲାରେ ୧ ଲକ୍ଷ ୪୩ ହଜାରରୁ ଉର୍ଦ୍ଧ୍ୱ ମହିଳା ଏହି କିସ୍ତି ପାଇଛନ୍ତି। ଜିଲାପାଳ ମଧୁମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମର ପାଣିଗ୍ରାହୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ଅତିରିକ୍ତ ଜିଲାପାଳ ମୁନୀନ୍ଦ୍ର ହନେଗା, ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ପୌର ଅଧ୍ୟକ୍ଷା ନିର୍ମଳା ସେଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ ଉପସ୍ଥିତ ଥିଲେ। ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ସୁଭଦ୍ରା ସମ୍ପର୍କରେ ଅନ୍ୟମାନଙ୍କୁ ସଚେତନ କରିବା ଓ ନିଜର ଆର୍ଥିକ ସମସ୍ୟାକୁ ସୁଦୃଢ଼ କରି ସଫଳତାର ସହ କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ମହିଳାମାନଙ୍କୁ ଅର୍ଥନୈତିକ, ସାମାଜିକ କ୍ଷେତ୍ରରେ ସାମିଲ କରି ଉଚିତ ସମ୍ମାନ ଦେବାପାଇଁ ବିଧାୟକ କହିଥିଲେ। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।


ଜିଲାପାଳ ମଧୁମିତା କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

ପୌର ପରିଷଦ କାର୍ଯ୍ୟାଳୟ, ବ୍ରଜରାଜନଗର
OFFICE OF MUNICIPAL COUNCIL, BRAJRAJNAGAR
At/Po - Lamtibahal, Dist - Jharsuguda, Odisha,
Phone No. - 8457812260, Mail : eobrjnmpl@gmail.com
No.2960/ Dt.05.08.2025
QUOTATION CALL NOTICE
No.C-837 : Quotations in sealed covers are invited from the intending firms/suppliers for supply of Stationery Materials to Brajrajnagar Municipality as per the list contained in the quotation scheduled. The Quotationers must submit the Xerox copy of GST Registration/ Clearance Certificate / PAN Card No alongwith their quotaion schedule, failing which the Quotations shall not be entertained. The Quotations will be received till 12 noon on Dt.20.08.2025 which will be opened at 4.00 P.M on the same date in presence of the Quotationers or their authorised representatives. The Quotations can also be sent by Regd.Post/Speed Post which should reach the undersigned within the stipulated date and time. Any quotation submitted beyond the above date & time shall not be entertained. The Quotation schedule can be obtained on payment of non- refundable amount of Rs.1000/- (Rupees One Thousand) only from the Municipal office during the working days.
The Authority reserves the right to accept or cancel any or all the quotations without assigning any reason thereof.
Sd./- Executive Officer
Brajrajnagar Municipality
OIPR-13099/11/0063/2526

ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
SAMS Student Academic Management System
Skilled in ODISHA
ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ITI SPOT ADMISSION ବିଜ୍ଞାପନ
ITI SPOT ADMISSION 2025-26
No.KK- No.11371/ Dt.08.08.2025
ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ର ଓ ଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ଚଳିତ ଅଗଷ୍ଟ ମାସରୁ ଆରମ୍ଭ ହେବାକୁ ଥିବା ୨୦୨୫-୨୬ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ ବିଭିନ୍ନ Tradeରେ ଖାଲିଥିବା ସ୍ଥାନମାନଙ୍କରେ ମେଧାଭିତ୍ତିକ SPOT ADMISSION ପଦ୍ଧତିରେ ତା୧୧.୦୮.୨୦୨୫ରିଖ ଠାରୁ SAMS Portal ଜରିଆରେ ନାମ ପଞ୍ଜୀକରଣ ଏବଂ ନାମଲେଖା ପଦ୍ଧତିରେ ଭାଗ ନେଇପାରିବେ । ସବିଶେଷ ବିବରଣୀ SOP ନିମିତ୍ତ SAMS ପୋର୍ଟାଲ www.samsodisha.gov.in କିମ୍ବା ପ୍ରାର୍ଥୀ ସହାୟତା ଟୋଲଫ୍ରି ନମ୍ବର ସଂଯୋଗ Helpline-୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦କୁ ଯୋଗାଯୋଗ କରି ଉତ୍ତମମାନର ତାଲିମ ସହ କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ ।
ସ୍ୱା./- ନିର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-44008/11/0042/2526

# ଜଳବାୟୁ ପରିବର୍ତ୍ତନ, ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନାଚକ୍ର

ଗଞ୍ଜାମ,୯।୮(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପୋଡ଼ମପେଟା ଓଡ଼ିଆରପି କଲୋନୀଠାରେ ଜଳବାୟୁ ପରିବର୍ତ୍ତନ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଆଇନା, ୱାଟର ଇନ୍‌ସଟିଭ ଓ ୟୁଥ ଫର ୱାଟର ଇଣ୍ଡିଆଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ଜଳ ପୁରୁଷ ଭାବେ ପରିଚିତ ରଞ୍ଜନ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଜଳବାୟୁ ପରିବର୍ତ୍ତନ ଦ୍ୱାରା ସାମୁଦ୍ରିକ ମତ୍ସ୍ୟଜୀବୀ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟ ଭୋଗ କରୁଥିବା ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ଏହି ସଭାରେ ଜଳବାୟୁ ପରିବର୍ତ୍ତନ ଓ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ତାର ସମାଧାନ ଦିଗରେ ବିଶେଷଜ୍ଞା ଡ଼.ଉପାଶୋନା ଘୋଷ ଏବଂ ଡ଼. ସଂକଳ୍ପା ଶତପଥୀ ବିଶେଷ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଓଡିଶା ସାମ୍ବାଦିକ ସଂଘର ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ ଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଗ୍ରାମ୍ୟ ଭଦ୍ରବ୍ୟକ୍ତି ସି.ଏଚ ଚିନ୍ନେୟା, ସି.ଏଚ ମୁସ୍ଲେୟା, ୱାର୍ଡ ମେମ୍ବର ଏନ.ଲକ୍ଷ୍ମୀ ଓ ପୂର୍ବତନ ୱାର୍ଡ ମେମ୍ବର ବି.ହାଡ଼ି ପ୍ରମୁଖ ନିଜର ମତାମତ ରଖିଥିଲେ। ଆଇନା ତରଫରୁ ସି ଏଚ ପଦ୍ମିନୀ ଓ ବିପୁଲ କୁମାର ଓ ସମାଜିକ କର୍ମୀ ଜେ. ଟିଟୁଙ୍କ ପରିଚାଳନାରେ ଆୟୋଜିତ ହୋଇଥିବା ଏହି ସଭାରେ ଭବିଷ୍ୟତରେ ସମସ୍ୟା ସବୁର ସମାଧାନ ପାଇଁ ସମସ୍ତେ ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ ବୋଲି ନିର୍ଣ୍ଣୟ କରାଯାଇଥିଲା।

## ଫୁଟ୍‌ବଲ ଚାମ୍ପିୟନଶିପ, ସିଏସ୍ କ୍ଲବ ବିଜୟୀ

ବାଲିଗୁଡ଼ା,୯।୮(ସଞ୍ଜୟ ପାଣିଗ୍ରାହୀ) ବାଲିଗୁଡ଼ା ଉପଖଣ୍ଡ କ୍ରୀଡା ସଂସଦ ପକ୍ଷରୁ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ଫୁଟ୍‌ବଲ ଚାମ୍ପିୟନଶିପର ଅଷ୍ଟମ ଦିନରେ କାରେକାମ୍ବା ସହ ସିଏସ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ୧-୦ ଗୋଲରେ କ.ନୂଆଗାଁର ସିଏସ କ୍ଲବ ଦଳ ବିଜୟୀ ହୋଇଥିଲା। ବରିଷ୍ଠ କ୍ରୀଡ଼ାବିତ ସନ୍ତୋଷ ପାଳ, ସୁରେଶ ଦାସ, ମହମ୍ମଦ ତାଜୁ ଉଦ୍ଦିନ ଓ ପୁରୁଷୋତ୍ତମ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ଡ଼. ସୁଶାନ୍ତ ଦାସ, ଦେବବ୍ରତ ସିଂ ଦେଓ, ଏଲିଆସ ଦିଗାଳ ଉପସ୍ଥିତ ଥିଲେ।

OFFICE OF THE COLLECTOR, KANDHAMAL, PHULBANI
(ST & SC Development Section)
e_mail : dwo.kandhamal@gmail.com
Notification No. 4184/SSD/XVI-01/2025 Date 08.08.2025
Walk-in-Interview
Hiring of Guest Teachers for ST & SC Dev. M&BCW Deptt. Schools in Kandhamal District
No.V-07 : Applications in prescribed format are invited from the deserving candidates from native of Odisha for hiring as Guest Teachers against existing vacancies in ST & SC Dev. M&BCW Deptt. run Educational institutions in Kandhamal District.
The detailed Notification, selection criteria & Application Format may be obtained from Office Notice Board of District Welfare Office, Kandhamal and Kandhamal District Website www.kandhamal.odisha.gov.in. The last date of receipt of application in the office of the District Welfare Office, Kandhamal is 25.08.2025 by Regd. Post / Speed Post only.
Sd./- District Welfare Officer
Kandhamal, Phulbani
OIPR-19337/11/0002/2526

ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING)
PANTHANIVAS (OLD BLOCK) : LEWIS ROAD : BHUBANESWAR-14
Letter No.1709 Date : 07.08.2025
NOTICE INVITATION FOR BIDS (NIFB)
E-Procurement Notice No. BP-I/18/2025-26 dt.07.08.2025
No.CAD-1425
1. Nature of Work : Procurement of Furniture for SIHM, Bolangir
2. Total No. of Works : 01 No.
3. Value of Works : Rs.32.52 lakhs
4. Bid Security : As per NIT
5. Class of Contractor : As per NIT
6. Period of Completion : 03 (Three) Calendar Months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| Superintending Engineer O.T.D.C., Ltd., Bhubaneswar | BP-I/18/2025-26 Dt.07.08.2025 | From 18.08.2025 | To 29.08.2025 | 11.30 Hours of dt.30.08.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website www.tenderodisha.gov.in
Sd./- Superintending Engineer
O.T.D.C. Ltd., BBSR
OIPR-37002/11/0107/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE:SUNDARGARH
Near Bana Durga Temple, Sankara, Sundargarh, Dist-Sundargarh, Pin-770020, E-mail:serw_sundargarh@yahoo.com
Office Order No.1937, Date:08.08.2025
1st Corrigendum
No.O-572: Under unavoidable circumstance, the following tender invited by this office vide Tender Online No.-RWCCESNG-06 of 2025-26 and This office Letter No.1884, Date-30.07.2025 is hereby Cancelled for the Sl.No.as follows:-

| Sl. No. | Name of Work | Superintending Engineer, R.W.Division | Estimated cost put to tender (Approx.) in Lakh | Time for Completion in Month | Class of Contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 4 | Construction of Day Care PHC Building at Pithabhuin of Tangarpali Block under XV-FC for the year 2024-25. | TENDER CANCELLED | | | |
| 5 | Construction of Day Care PHC Building at Kundukela of Sadar Block under XV-FC for the year 2024-25. | TENDER CANCELLED | | | |

All other terms and conditions are remained unchanged.
Sd./- Chief Construction Engineer
Rural Works Circle, Sundargarh
OIPR-25133/11/0058/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, RAYAGADA
Email ID: ccerwcrayagada@gmail.com
Letter No. 1648 Date: 06.08.2025
1st Corrigendum
No. O-561: In continuation to this office bid identification No. NCB-13/RWCRGDA/2025-26 invited vide this office letter No. 1450 dated 15.07.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.23.07.2025 at 11.00 A.M. to Dt.12.08.2025 upto 5.00 P.M. | Extended upto 5.00 P.M. of 26.08.2025 |
| 2 | Date & time of seeking tender clarification if any | Dt.11.08.2025 upto 5.00 P.M. | Dt.25.08.2025 upto 5.00 P.M. |
| 3 | Date & time of opening of tender (Technical Bid) | Dt.13.08.2025 at 11.00 A.M. | Dt.29.08.2025 at 11.00 A.M. |
| 4 | Date of Submission of original documetns such as Bid Security, Cost of Bid document and Affidavit (this date should be not later than three working days after the opening of Technical Qualification part of the bid). | Dt.16.08.2025 upto 5.00 P.M. | Dt.02.09.2025 Upto 5.00 P.M. |
| 5 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.
OIPR-25196/11/0027/2526 Sd./- Chief Construction Engineer, RW Circle, Rayagada

ODISHA STATE ROAD TRANSPORT CORPORATION, BHUBANESWAR
No. 10247 /OSRTC/ TOE-190/2023 Date. 07.08.25
ENGAGEMENT OF COMPANY SECRETARY ON CONTRACT BASIS IN OSRTC
No.CAD-1418 : Odisha State Road Transport Corporation (OSRTC) is looking for professionals with experience in Company Secretary for engagement on short term contract basis. The engagement is purely temporary and contract basis for a period of one year subject to further extension of maximum period of three years of engagement based on performance and requirement by OSRTC.
The details of required qualification, experience terms and conditions of engagement and application procedure are available in the OSRTC official website i.e. osrtc.org The last date of application is 23.08.2025 from the date of Publication of the Advertisement.
Application window shall be opened from 11.08.2025 to 23.08.2025 Intending eligible candidates are advised to send their updated resumes on hqrhrosrtc@gmail.com
The eligible candidates shall be shortlisted and called for a personal interview for selection.
By order of the
Chairman-cum-Managing Director
Sd./- General Manager (A)
OSRTC, Bhubaneswar
OIPR-38002/11/0025/2526

OFFICE OF THE SUPERINTENDING ENGINEER, MINOR IRRIGATION DIVISION, DHENKANAL
No.1492/Dt.05.08.2025
e-Procurement Notice
Bid Identification No.-DMID/03/2025-26
e-mail ID : eemidkl@gmail.com
No.A-482 : The Superintending Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in Different Block of Dhenkanal District for the year 2025-26 under Improvement to Tank & MIP Scheme. |
| No. of Works | : | 06 (Six) Only |
| Estimated Cost | : | Varies from 28.65 lakh to 38.12 lakh (Approximately) |
| Cost of Tender Paper | : | 6000/- |
| Period of Completion | : | 04 (Four) Calendar months |
| Availability of bid documents for sale and receipt through on-line | : | From Dt.11.08.2025, 10.00 A.M. to Dt.20.08.2025, up to 5.00 P.M. |
| Last date / time of receipt of bids in the portal | : | 20.08.2025 (5.00 P.M.) |
| Date of Technical bid opening through online | : | On Dt.21.08.2025 at 11.00 A.M. in the Office of the S.E, M.I. Division, Dhenkanal |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & Address of the OIT | : | Superintending Engineer, Minor Irrigation Division, Dhenkanal, At/P.O/District - Dhenkanal, Ph. No / Fax No. - 06762-224461, Email ID : eemidkl@gmail.com |
| Further details can be seen from the e-Procurement market place http://tendersorissa.gov.in | | |

Sd./- Superintending Engineer
M.I.Division, Dhenkanal
OIPR-32027/11/0019/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ମୁବସ୍ୱର୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉଦ୍ୟୋଗୀଙ୍କୁ ସରକାରଙ୍କ ପୂର୍ଣ୍ଣ ସମର୍ଥନର ଆଶ୍ୱାସନା

**ଭୁବନେଶ୍ୱର,୯।୮**




ଟିଆଇଇ ବା ଟାଇ ଭୁବନେଶ୍ୱର ପକ୍ଷରୁ ଶନିବାର ଏକ ୨ ଦିନିଆ ଉଦ୍ୟୋଗିତା ସମ୍ମିଳନୀ 'ଟାଇକନ୍-୨୦୨୫' ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଥିଲେ, ଓଡ଼ିଶାର ୫୭୪ କିଲୋମିଟରର ଉପକୂଳ ରେଖାକୁ ବିକାଶ କରିବା ସହ ଏହି ନୀଳ ଅର୍ଥନୀତି ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି କରିବାକୁ ଆହ୍ୱାନ ହେବା ସହ ଉଦ୍ୟୋଗୀମାନଙ୍କୁ ସରକାରଙ୍କ ପୂର୍ଣ୍ଣ ସମର୍ଥନର ଆଶ୍ୱାସନା ଦେଇଛନ୍ତି। ସେହିପରି ଉଦ୍ୟୋଗୀ ଏବଂ ବିନିଯୋଗକାରୀଙ୍କୁ ନବୀନ କ୍ଷେତ୍ରଗୁଡ଼ିକରେ ବିକାଶ ପାଇଁ ଉଦ୍ଭାବନ ଉପରେ ଧ୍ୟାନଦେବାକୁ ମଧ୍ୟ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସେ ଆଶ୍ୱାସନା ଦେଇଛନ୍ତି, ଓଡ଼ିଶା ସରକାର ଦକ୍ଷତା ବିକାଶ ଏବଂ ଷ୍ଟାର୍ଟଅପ୍ ପ୍ରୋତ୍ସାହନ ମାଧ୍ୟମରେ ଉଦ୍ୟୋଗୀଙ୍କୁ ସମର୍ଥନ ଜାରି ରଖିବେ। ସେହିପରି ଶିଳ୍ପ ସଚିବ ହେମନ୍ତ ଶର୍ମା ଓଡ଼ିଶାର କଞ୍ଚାମାଲ ଆଧାରିତ ବିକାଶ, ଚାହିଦା ଆଧାରିତ ବିକାଶ ଏବଂ ପ୍ରଯୁକ୍ତି ଆଧାରିତ ବିକାଶ ଉପରେ ଧ୍ୟାନଦେଇ ଟାଇ ଭୁବନେଶ୍ୱର ଦ୍ୱାରା ସମର୍ଥିତ ହୋଇ ପ୍ରତ୍ୟେକ ଜିଲାରୁ ୨ଜଣ ଉଦ୍ୟୋଗୀଙ୍କୁ ଚିହ୍ନଟକରିବାକୁ ପ୍ରସ୍ତାବ ଦେଇଛନ୍ତି। ଅପରପକ୍ଷରେ ଶକ୍ତି ସଚିବ ବିଶାଳ ଦେବ ଓଡ଼ିଶାର ଆର୍ଥିକ ବିଜ୍ଞତା, ଶିଳ୍ପ ବିକାଶ, ବିପର୍ଯ୍ୟୟ ପରିଚାଳନା ଏବଂ ସ୍ୱାସ୍ଥ୍ୟସେବାରେ ରାଜ୍ୟର ସଫଳତା ଉପରେ ଆଲୋକପାତକରି ଶିଶୁ ଏବଂ ମାତୃ ମୃତ୍ୟୁହାର ହ୍ରାସ କରିବାରେ ବିଶେଷ ସଫଳତା ଉଲ୍ଲେଖ କରିଛନ୍ତି।

ଏ ସମ୍ପର୍କରେ ଟାଇ ଭୁବନେଶ୍ୱରର ସଭାପତି ଅୟସକାନ୍ତ ମହାନ୍ତି କହିଛନ୍ତି, ଉଦ୍ୟୋଗୀମାନେ ହେଉଛନ୍ତି ପରିବର୍ତ୍ତନକାରୀ ଏବଂ ରାଷ୍ଟ୍ର ନିର୍ମାତା। ଏହା ଉଦ୍ୟୋଗିତାର ଏକ ଉତ୍ସବ। ଆମେ ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ ଟାଇ ସଦସ୍ୟ ଚାହୁଁଛୁ ଏବଂ ଓଡ଼ିଶାରେ ଉଦ୍ୟୋଗିତା ପରିବେଶକୁ ଉନ୍ନତ କରିବା ପାଇଁ ବିଦ୍ୟାଳୟ ପାଠ୍ୟକ୍ରମରେ ଉଦ୍ୟୋଗିତାକୁ ସାମିଲ କରିବାର ଯୋଜନା ରଖିଛୁ। ଟାଇ ଗ୍ଲୋବାଲର ସଭାପତି ମୁରଲୀ ବୁକାପାଟ୍ଟନମ୍ ଉଦ୍ୟୋଗୀମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି, ନିଡର ଭାବେ ନିର୍ମାଣ କର, ନିର୍ଭୟରେ ନେତୃତ୍ୱ ନିଅ ଏବଂ ଭୁବନେଶ୍ୱରକୁ ଏକ ଏପରି ସ୍ଥାନ ଭାବେ ଗଢ଼ ଯାହାକୁ ବିଶ୍ୱ ଗଣନା କରିବ। କେବଳ ଅନୁସରଣ କରିବା ନୁହେଁ, ସାହସର ସହ ନିର୍ମାଣ କର। ବିଶ୍ୱ ତୁମକୁ ଅପେକ୍ଷା କରୁଛି। ପରିଶେଷରେ ଟାଇ ଭୁବନେଶ୍ୱରର ଉପ-ସଭାପତି ସତ୍ୟବ୍ରତ ରଥ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

ଉଲ୍ଲେଖଯୋଗ୍ୟ, ଦୀର୍ଘ ୧୩ ବର୍ଷର ପ୍ରଭାବଶାଳୀ ଉପସ୍ଥିତି ପରେ ଟାଇ ଭୁବନେଶ୍ୱର ପକ୍ଷରୁ ଓଡ଼ିଶାର ରାଜଧାନୀରେ ଏକ ଜାତୀୟ ସ୍ତରୀୟ ଏବଂ ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ଉଦ୍ୟୋଗିତା ସମ୍ମିଳନୀ 'ଟାଇକନ୍-୨୦୨୫' ସଫଳତାର ସହ ଆୟୋଜନ କରାଯାଇଛି। ଏହି ଦୁଇଦିବସୀୟ କାର୍ଯ୍ୟକ୍ରମ ଓଡ଼ିଶାର ଉଦ୍ୟୋଗିତା ଏବଂ ନବସୃଜନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଚିହ୍ନିତ କରୁଛି। ଏହି ସମ୍ମିଳନୀରେ ଭାରତ ଏବଂ ଶ୍ରୀଲଙ୍କା ସମେତ ସିଙ୍ଗାପୁର, ୟୁଏଇ(ଦୁବାଇ), ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶରୁ ଉଦ୍ୟୋଗୀ ଏବଂ ବିଜ୍ଞ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ। ଓଡ଼ିଶାକୁ ବ୍ୟବସାୟ ଏବଂ ନବସୃଜନ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ଭାବରେ ଉପସ୍ଥାପନ କରିବା ପାଇଁ ଟାଇକନ୍-୨୦୨୫ ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ହୋଇଛି। ଶୁଭାରମ୍ଭ ଅବସରରେ ଓଡ଼ିଶାର ଉଦ୍ୟୋଗିତା ପରିବେଶକୁ ସଶକ୍ତ କରିବା ପାଇଁ ଚାରୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଉନ୍ମୋଚନ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ପ୍ରତିନିଧିଙ୍କ ସମେତ ୧୦୦ରୁ ଅଧିକ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀ ଏହି ଐତିହାସିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଟାଟା ଟି ପ୍ରିମିୟମର ନୂତନ ଅଭିଯାନ




**ଭୁବନେଶ୍ୱର,୯।୮**

ଟାଟା କନ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍‌ର ପ୍ରମୁଖ ଚା ବ୍ରାଣ୍ଡ ତଥା ଟାଟା ଟି ପ୍ରିମିୟମର ନୂତନ ଅଭିଯାନ 'ଦେଶ କା ଗର୍ବ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି କମ୍ପାନୀର ଚଳିତ ସଂସ୍କରଣ (୨୦୨୫-ଏଡିସନ) ସମ୍ପର୍କରେ ଘୋଷଣା କରାଯାଇଛି। ପାରମ୍ପରିକ କଳାକୃତି ସହ ଦୈନନ୍ଦିନ ଚା' ପରମ୍ପରାକୁ ଯୋଡ଼ି, କିଛି ବର୍ଷ ଧରି ଟାଟା ଟି' ପ୍ରିମିୟମ ସ୍ୱାଧୀନତା ଦିବସକୁ ପାଳନ କରୁଛି। ଚଳିତ ବର୍ଷ ଭାରତର କିଛି ପ୍ରସିଦ୍ଧ କଳାକୃତିରୁ ଅନୁପ୍ରାଣିତ ହୋଇ ହାତରେ ଚିତ୍ରାଙ୍କନ କରାଯାଇଥିବା କେଟିଲକୁ ଏହି ଅଭିଯାନରେ ଉପସ୍ଥାପନ କରାଯାଇଛି। ଓଡ଼ିଶାର ପଟ୍ଟଚିତ୍ରରୁ ଅନୁପ୍ରାଣିତ ହୋଇ କେଟିଲକୁ ପ୍ରସ୍ତୁତ କରାଯାଇଛି। ସେଥିରେ କୋଣାର୍କ ମନ୍ଦିରର ଚକ, ନୃତ୍ୟ କରୁଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ, ପୁରୀର ବୋଟ୍ ଓ ବେଳାଭୂମି ଆଦିକୁ ସ୍ଥାନିତ କରାଯାଇଛି। ପାରମ୍ପରିକ ଧଡ଼ି ମୋଟିଫ ଏବଂ ଆକର୍ଷଣୀୟ ରଙ୍ଗ ତାହାକୁ ଅସଲି ଓ ଚମତ୍କୃତ କରିପାରିଛି। ଚଳିତ ବର୍ଷର ଅଭିଯାନକୁ ସମସାମୟିକ ଭାବ ପ୍ରଦାନ କରିବା ଲାଗି ଏଆଇ ସହଯୋଗରେ ଏକ ସିନେମା ପ୍ରସ୍ତୁତ କରାଯାଇଛି। ଏହା ଆଜିର ଯୁବପିଢ଼ିଙ୍କୁ ଭାରତୀୟ କଳାର ନିକଟତର କରିବ। ଏହି ବ୍ରାଣ୍ଡ ସିନେମା ପାଇଁ ଗାୟକ ପୀୟୁଷ ମିଶ୍ର କଣ୍ଠଦାନ କରିଛନ୍ତି। ଏ ସମ୍ପର୍କରେ ଟାଟା କନ୍ଜ୍ୟୁମର ପ୍ରଡକ୍ଟର ସଭାପତି (ପ୍ୟାକେଜଡ ବେଭେରେଜେସ-ଭାରତ ଓ ଦକ୍ଷିଣ ଏସିଆ) ପୁନୀତ ଦାସ କହିଛନ୍ତି, ଭାରତର ସମୃଦ୍ଧ ବିବିଧତାରେ ଏହାର ଦୃଢ଼ତା ଅନ୍ତର୍ନିହିତ ରହିଛି। ଏହର ଉପରେ ଆମର ରହିଥିବା ବିଶ୍ୱାସ ହେଉଛି ଟାଟା ଟି ପ୍ରିମିୟମରେ ଆମ ହାଇପରଲୋକାଲ ରଣନୀତିର ମୂଳ କେନ୍ଦ୍ର।

# ଭାରତର ପ୍ରଥମ ଫ୍ଲେକ୍ସିକ୍ୟାପ୍ ଇଣ୍ଡେକ୍ସ ଫଣ୍ଡ

**ମୁମ୍ବାଇ,୯।୮**

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ ତଥା ଭାରତର ପ୍ରଥମ ଫ୍ଲେକ୍ସିକ୍ୟାପ୍ ଇଣ୍ଡେକ୍ସ ଫଣ୍ଡ 'ଡିଏସ୍‌ପି ନିଫ୍‌ଟି୫୦୦ ଫ୍ଲେକ୍ସିକ୍ୟାପ୍ କ୍ୱାଲିଟି ୩୦ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହି ଫଣ୍ଡ ଗତିଶୀଳ ବିଷୟ ଉପରେ ଆଧାରିତ ରହିଛି। କେବଳ ଗୁଣାତ୍ମକ ଷ୍ଟକ୍ ଏବଂ ଆକର୍ଷଣୀୟ ମାର୍କେଟ କ୍ୟାପ୍ ଆବଣ୍ଟନକୁ ସମ୍ମିଶ୍ରିତ କରୁଥିବା ଏହି ଧରଣର ଫଣ୍ଡ ପ୍ରଚଳନ ହୋଇଛି। ସେହିଭଳି ଏହି ଫଣ୍ଡର ନ୍ୟୁ ଫଣ୍ଡ ଅଫର (ଏନ୍‌ଏଫ୍‌ଓ) ସବ୍‌ସ୍କ୍ରିପ୍‌ସନ ୨୦୨୫ ଅଗଷ୍ଟ ୨୨ରେ ବନ୍ଦ ହେବ। ଏହି ଫଣ୍ଡ ଆତ୍ମବିଶ୍ୱାସର ସହ ପରିବର୍ତ୍ତନଶୀଳ ଇକ୍ୱିଟି ମାର୍କେଟରେ ଆଗକୁ ବଢ଼ିବାରେ ସହାୟତା କରିବାକୁ ଡିଜାଇନ କରାଯାଇଛି।

ଏ ସମ୍ପର୍କରେ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ସିଏଫ୍‌ଏ-ହେଡ୍-ପାସିଭ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପ୍ରଡକ୍ଟସ ଅନିଲ ଘେଲାନି କହିଥିଲେ, ଏହି ଫଣ୍ଡ ଏକ ସ୍ୱଚ୍ଛ, ନିୟମ ଆଧାରିତ ଆଭିମୁଖ୍ୟକୁ ଉପଯୋଗକରି ଉଭୟ ଗତିଶୀଳ ଫ୍ଲେକ୍ସିକ୍ୟାପ୍ ଆବଣ୍ଟନ ଏବଂ ଉଚ୍ଚ-ଗୁଣାତ୍ମକ ଷ୍ଟକ୍ ମନୋନୟନକୁ ଏକତ୍ରିତ କରୁଛି।

# ଜିନ୍ଦଲ ଫାଉଣ୍ଡେଶନକୁ ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ

**ଭୁବନେଶ୍ୱର,୯।୮ (ଅଭୟ ଦାଶ)**

ଜେଏସ୍‌ପିର ପ୍ରମୁଖ ସାମାଜିକ ପ୍ରତିଷ୍ଠାନ ଜିନ୍ଦଲ ଫାଉଣ୍ଡେଶନକୁ ନିକଟରେ ଆଉ ଏକ ସମ୍ମାନ 'ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ' ମିଳିଛି। ବିଶେଷକରି କ୍ରୀଡ଼ାର ପ୍ରସାର ପାଇଁ ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନକୁ ଫିକି ପକ୍ଷରୁ ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ-୨୦୨୫ ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଫିକି ଆଦିତ୍ୟ ବିର୍ଲା ସିଏସ୍‌ଆର୍ ସେଣ୍ଟର ଅଫ୍ ଏକ୍ସଲେନ୍ସର ଅଧ୍ୟକ୍ଷା ପଦ୍ମଭୂଷଣ ରାଜଶ୍ରୀ ବିର୍ଲା ଜିନ୍ଦଲ ଫାଉଣ୍ଡେଶନକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ତୃଣମୂଳସ୍ତରରେ କ୍ରୀଡ଼ାର ଉନ୍ନତି ପାଇଁ ଜିନ୍ଦଲ ଫାଉଣ୍ଡେଶନ



ଶାଲୁ ଜିନ୍ଦଲ

ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରୁଛି ଏବଂ ସେମାନଙ୍କୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ମଧ୍ୟ ଆବଶ୍ୟକ କାର୍ଯ୍ୟ କରୁଛି। ଏପରିକି ଫାଉଣ୍ଡେଶନର ଅଦମ୍ୟ ପ୍ରତିବଦ୍ଧତାକୁ ଏହି ସମ୍ମାନ ସ୍ୱୀକୃତି ପ୍ରଦାନ କରୁଛି। ଜିନ୍ଦଲ ଫାଉଣ୍ଡେଶନ ଯୁବପ୍ରତିଭାଙ୍କ ଅନ୍ୱେଷଣ ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ ସାଙ୍ଗକୁ ଭିତ୍ତିଭୂମିର ବିକାଶ କରିବା ଏବଂ ସର୍ବୋପରି ସ୍ଥାନୀୟ ପ୍ରତିଭାମାନଙ୍କ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବାରେ ସହାୟତା କରିଆସୁଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେଶନର ଚେୟାରପର୍ସନ ଶାଲୁ ଜିନ୍ଦଲ କହିଛନ୍ତି, ଫିକି ପକ୍ଷରୁ ଏହି ପୁରସ୍କାର ପାଇ ଆମେ ଅତି ଗୌରବାନ୍ୱିତ ଅନୁଭବ କରୁଛୁ। ଆମେ ବିଶ୍ୱାସ କରୁ ଯେ ଚରିତ୍ର ଗଠନ, ଶୃଙ୍ଖଳା ସହ ନେତୃତ୍ୱ ନେବାର କୌଶଳ ଦ୍ୱାରା ଜୀବନରେ ରୂପାନ୍ତରଣ ଆଣିବାର କ୍ଷମତା କ୍ରୀଡ଼ାରେ ରହିଛି। ସମାଜର ପ୍ରତ୍ୟେକ ବର୍ଗର ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବା ଏବଂ କ୍ରୀଡ଼ା ତଥା ଜୀବନରେ ଉତ୍କର୍ଷ ହାସଲ ପାଇଁ ସେମାନଙ୍କୁ ସୁଯୋଗ ଦେବା ଆମର ଲକ୍ଷ୍ୟ।

# ଖୟାଲ ସହ ଟ୍ରୁକଲର ସହଭାଗିତା

**ଭୁବନେଶ୍ୱର,୯।୮**

ବର୍ତ୍ତମାନ ସମୟର ଅଜଣା ଟେକ୍ନୋଲୋଜି ଓ ଦ୍ରୁତଗତିରେ ବଢୁଥିବା ଠକେଇ କୌଶଳ ଯୋଗୁ ୫୦ବର୍ଷରୁ ଅଧିକ ବୟସର ଲୋକମାନେ ସାଇବର କ୍ରାଇମର ଅଧିକ ଶିକାର ହେଉଛନ୍ତି। ଏପରିକି ସେମାନେ କେବଳ ଅର୍ଥ ହରାଉନାହାନ୍ତି ବରଂ ସୁରକ୍ଷା ଓ ବିଶ୍ୱାସର ଭାବନା ମଧ୍ୟ ହରାଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଗ୍ଲୋବାଲ କମ୍ୟୁନିକେଶନ୍ସ ପ୍ଲାଟ୍‌ଫର୍ମ ଟ୍ରୁକଲର ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଭାରତର ୧ ନମ୍ବର ଆପ୍ ଖୟାଲ ସହ ସହଭାଗିତା କରିଛି। ଏହି ସହଭାଗିତା ବରିଷ୍ଠ ନାଗରିକଙ୍କ ସହ ଖୟାଲର ଗଭୀର ସଂଯୋଗକୁ ଟ୍ରୁକଲରର ଅତ୍ୟାଧୁନିକ କଲର ଆଇଡେଣ୍ଟିଫିକେଶନ ଟେକ୍ନୋଲୋଜି ସହ ମିଶ୍ରଣ କରିଛି। ଏ ସମ୍ପର୍କରେ ଟ୍ରୁକଲରର ଗ୍ଲୋବାଲ ସିଇଓ ରିସିତ ଝୁନ୍‌ଝୁନ୍‌ୱାଲା କହିଛନ୍ତି, ଡିଜିଟାଲ ଯୁଗ ଆମର ବରିଷ୍ଠ ନାଗରିକଙ୍କୁ ଅନେକ ସୁବିଧା ଦେଉଥିବାବେଳେ ଏହା ସେମାନଙ୍କ ପାଇଁ ଅନେକ ବିପଦ ମଧ୍ୟ ଆଣୁଛି। ଖୟାଲ ସହ ଆମର ସହଭାଗିତା ବରିଷ୍ଠ ନାଗରିକଙ୍କୁ ଏହି କ୍ଷେତ୍ରକୁ ସୁରକ୍ଷିତ ଭାବେ ସାମ୍ନା କରିବା ପାଇଁ ସୂଚନା ଓ ଉପକରଣ ସହ ସୁସଜ୍ଜିତ କରିବା ଦିଗରେ ଏକ ସାର୍ଥକ ପଦକ୍ଷେପ ବୋଲି କୁହାଯାଉଛି। ସେହିପରି ଖୟାଲର ପ୍ରତିଷ୍ଠାତା ତଥା ସିଇଓ ହିମାଂଶୁ ଜୈନ କହିଛନ୍ତି, ଆମେ ବହୁ ଦିନରୁ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ଏହି ନୀରବ ସଙ୍କଟକୁ ଚିହ୍ନଟ କରିଛୁ ଏବଂ ଡିଜିଟାଲ କର୍ମଶାଳା ମାଧ୍ୟମରେ ସଚେତନତା ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ ରହିଛୁ।


# Classified Everyday

**0674-2580101, 9692975378**




**BRIDE WANTED**

Handsome Brahmin boy "1989, 5.6' B.tech, serving software Engineer CTS Bangalore. "SUNASANSAR" ,9937512659. D-1612



**REAL ESTATE SALE**

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- **7735922768.** D-1572

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

**One bounded Commercial plot touching to NH (Nakhara to Niali) 10km from Nakhara, 6500sft@ 2500/ sft, 3 sides Road: 7809525452.** D-76479

ସାକ୍ଷୀଗୋପାଳ ଶ୍ରୀରାମଚନ୍ଦ୍ରପୁର ସ୍କୁଲ ପାଖରେ ପିଚୁରୋଡ୍‌କୁ ଲାଗି ଘରବାଡ଼ି ଜାଗା ରେଜିଷ୍ଟ୍ରେସନ ସହିତ ସୁଲଭମୂଲ୍ୟରେ କିଣନ୍ତୁ। ଯୋଗାଯୋଗ: 9090367570. D-1603

ନୟାଗଡ଼ ଜିଲ୍ଲା ରଣପୁର ଥାନା ଅଧୀନ ସୁନାଖଳା ବଜାରରୁ ମାତ୍ର 300 ମିଟର ଦୂର ବିନୋଦପଡ଼ା ମୌଜାରେ ପାଚେରିହୋଇଥିବା 12 ଡିସିମିଲ ଜଗା *ବିକ୍ରୟ ହେବ। ମୂଲ୍ୟ ମାତ୍ର 30 ଲକ୍ଷ। ଯୋଗାଯୋଗ: ୯୮୬୧୦୯୪୩୭୦, ୯୫୫୬୧୮୬୬୩୩.* D- 1601

**Duplex sale with gated Society near Allms Hospital, Bhubaneswar-9777433701.** D-1614




House 1200sft with two bedrooms drawing dining kitchen two bathrooms portico etc. vacant in Aerodrome area. Contact:- 9937961841. D-76932

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

**AFFIDAVIT**

By virtue of an affidavit sworn before Executive Magistrate, Khordha, dated- 01.07.2025, I, Bikram Kumar Mishra, At.- Mahula, P.O.- Angarpada, P.S.- Chandaka, Dist.- Khordha, Odisha, PIN-752054 declare that my actual and correct name is Bikram Kumar Mishra which is mentioned in my Aadhaar card no. xxxx xxxx 9667, but my name is wrongly mentioned as Bikram Mishra in my son's birth certificate instead of Bikram Kumar Mishra. So both Bikram Kumar Mishra and Bikram Mishra is one and same person. D-1613

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Balangir, No.- 2607, Dt- 07.08.2025 I, Gomari Nag, Address: At- Salepali, P.O./P.S./ Dist.- Balangir, Odisha, PIN- 767001, declare that I have changed my name from Gambhari Nag to Gomari Nag. Henceforth, I shall be known as Gomari Nag for all purposes.
Gomari Nag. D-1593

By virtue of affidavit sworn before the Executive Magistrate, cum Tahasildar, Patrapur, Ganjam, dtd- 10.07.2025 I, Purnna Jani, S/o- Basu Jani, Village- Ramachandrapur, P.O- Tumbagada Dist.- Ganjam, 761005 declare that, I have changed my name from Savar Purnnachandra to Purnna Jani. Henceforth, I shall be known as Purnna Jani for all purposes. D-1610

I Hrushikesh Behera S/o- Anadi Behera, At/ P.O.- Surala, Bustand Street,Via- Girisola, P.S.- Golanthara, Dist- Ganjam declare by this affidavit No. A- 3677/08.08.2025 changed my daughter's name from Anuchaya Behera to Anusaya Behera. Henceforth, she shall be known as Anusaya Behera for all future purposes.
Hrushikesh Behera. D-1608


# ବିଜିୟୁ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଭୁବନେଶ୍ୱର,୯।୮**



ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ପ୍ରମୁଖ ଶିକ୍ଷାନୁଷ୍ଠାନ ତଥା ବିର୍ଲା ସ୍କୁଲ ଅଫ୍ ଇକୋନୋମିକ୍ସ ପକ୍ଷରୁ ବୁଧବାର ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଜିୟୁର ବିଏସ୍‌ସି ଏବଂ ଏମ୍‌ଏସ୍‌ସି (ଅର୍ଥନୀତି) ପ୍ରଥମ ବର୍ଷର ନାବଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଡ. ତୀର୍ଥଙ୍କର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରିଥିଲେ।


ସେ ଅର୍ଥନୀତିର ବର୍ଦ୍ଧିତ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହ ଆକାଂକ୍ଷୀ ଅର୍ଥନୀତିଜ୍ଞ ଏବଂ ଆର୍ଥିକ ବୃତ୍ତିଗତଙ୍କ ପାଇଁ ମୂଳ ଉପକରଣ ଭାବେ ଗଣିତ ଓ ଇଂରାଜୀ ଦକ୍ଷତାର ଗୁରୁତ୍ୱକୁ ମଧ୍ୟ ସୂଚାଇଥିଲେ। ବିଜିୟୁର କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ବିଶ୍ୱବିଦ୍ୟାଳୟର ଶିକ୍ଷାର ଉତ୍କର୍ଷ ଓ ସାମଗ୍ରିକ ବିକାଶର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ରେଜିଷ୍ଟ୍ରାର ପ୍ରଫେସର ବି.କେ. ଦାସ ମଧ୍ୟ ସମାବେଶକୁ ସମ୍ବୋଧିତକରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଦୃଷ୍ଟିକୋଣ ଏବଂ ଶୃଙ୍ଖଳା ଉପରେ ମତ ରଖିଥିଲେ।

ବିର୍ଲା ସ୍କୁଲ ଅଫ୍ ଇକୋନୋମିକ୍ସର ଅଧ୍ୟାପକ ଡ. ଅଜିତ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବେଙ୍ଗାଲୁରୁର ଏସ୍‌ଏସ୍‌ବିସି ଗ୍ଲୋବାଲ ସର୍ଭିସ୍ ସେଣ୍ଟରରେ କାର୍ଯ୍ୟରତ ତଥା ବିଜିୟୁର ପୂର୍ବତନ ଛାତ୍ର ଇରାବନ ରଥ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ବର୍ତ୍ତମାନର ଛାତ୍ରୀ ଦୀକ୍ଷା ଅଗ୍ରୱାଲ ବିର୍ଲା ସ୍କୁଲର ତାଙ୍କର ପରିବର୍ତ୍ତନଶୀଳ ଅଭିଜ୍ଞତା ପ୍ରକାଶ କରିଥିଲେ। ପରିଶେଷରେ ଇକୋନୋମିକ୍ସ ବିଭାଗର ଅଧ୍ୟାପକ ଡ. ଅମୃତକାନ୍ତ ମିଶ୍ର ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

# ବୀମା ଶିଳ୍ପରେ ବୈପ୍ଲବିକ ପରିବର୍ତ୍ତନ ଆଣିବ ଯୁଗ୍ମ ଉଦ୍ୟୋଗ

**ଭୁବନେଶ୍ୱର,୯।୮**


ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ) ଏବଂ ଜେନେରାଲି ଗ୍ରୁପ୍ ମଧ୍ୟରେ ଏକ ଯୁଗ୍ମ ଉଦ୍ୟୋଗ ସୃଷ୍ଟି ହୋଇଛି। ବିଶେଷକରି ନିଜର ଜୀବନ ଏବଂ ସାଧାରଣ ବୀମା ଯୁଗ୍ମ ଉଦ୍ୟୋଗ ଜେନେରାଲି ସେଣ୍ଟ୍ରାଲ ପାଇଁ ଏକ ନୂତନ ବ୍ରାଣ୍ଡ ପରିଚୟ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ନୂତନ ବ୍ରାଣ୍ଡ ନାମ ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ ଏବଂ ଜେନେରାଲି ସେଣ୍ଟ୍ରାଲ ଇନ୍‌ସ୍ୟୁରାନ୍ସ ରହିଛି, ଜେନେରାଲି ଗ୍ରୁପ୍‌ର ବିଶ୍ୱସ୍ତରୀୟ ବିଶେଷଜ୍ଞତା ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ବିଶ୍ୱସନୀୟ ଐତିହ୍ୟକୁ ଏହା ଏକାଠି କରିଛି। ଏପରିକି ଗ୍ରାହକମାନେ ଯାହାକୁ ଅଧିକ ଗୁରୁତ୍ୱ ଦିଅନ୍ତି ଏବଂ ତାହାକୁ ସୁରକ୍ଷା ଦେବା ପାଇଁ ପ୍ରତିନିଧିତ୍ୱ କରନ୍ତି: ସେମାନଙ୍କ ପରିବାର, ସେମାନଙ୍କର ସ୍ୱାସ୍ଥ୍ୟ, ସେମାନଙ୍କର ସମ୍ପତ୍ତି ଏବଂ ସେମାନଙ୍କର ଭବିଷ୍ୟତ ବୋଲି କୁହାଯାଉଛି।




ଏ ସମ୍ପର୍କରେ ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଆଲୋକ ରୁଙ୍ଗଟା କହିଛନ୍ତି, ଭାରତୀୟ ବୀମା ଶିଳ୍ପରେ ବୈପ୍ଲବିକ ପରିବର୍ତ୍ତନ ଆଣିବ ଏହି ଯୁଗ୍ମ ଉଦ୍ୟୋଗ। ଏପରିକି ଆମର ନୂତନ ବ୍ରାଣ୍ଡ ପରିଚୟ ସହ ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିଛି, ଗ୍ରାହକ-ପ୍ରଥମ ଜୀବନ ବୀମାକର୍ତ୍ତା ହେବାର ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ପାଳଟିବ। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ଆମର ରଣନୈତିକ ଭାଗୀଦାରି ଭାରତରେ ସୁରକ୍ଷା ଏବଂ ବୀମାର ଦୃଶ୍ୟକୁ ନୂତନ ରୂପ ଦେବା ପାଇଁ ପରିବର୍ତ୍ତନଶୀଳ ସମ୍ଭାବନା ଖୋଲିଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭୀର ବିଶ୍ୱାସ ଏବଂ ୪,୫୦୦ରୁ ଅଧିକ ଶାଖାର ବିସ୍ତୃତ ନେଟ୍‌ୱର୍କ ସହ ୫୦ରୁ ଅଧିକ ଦେଶରେ ଜେନେରାଲି ଗ୍ରୁପର ବୈଶ୍ୱିକ ଐତିହ୍ୟ ଏବଂ ବୀମା ଦକ୍ଷତାକୁ ମିଶାଇ ଆମେ ଜୀବନ ବୀମାର ଉପଲବ୍ଧତାକୁ ପୂର୍ବଭଳି ଗଣତାନ୍ତ୍ରିକ କରିବାକୁ ପ୍ରସ୍ତୁତ ରହିଛୁ। ଏପରିକି ଆମର ମିଳିତ ଲକ୍ଷ୍ୟ ସ୍ପଷ୍ଟ, ଅଭିନବ, ସୁଲଭ ଏବଂ ଅନ୍ତର୍ଭୁକ୍ତ ଉତ୍ପାଦ ମାଧ୍ୟମରେ ଅବହେଳିତ ଏବଂ ଗ୍ରାମୀଣ ବର୍ଗରେ ସୁରକ୍ଷାକୁ ଗଭୀର କରିବା ପାଇଁ ସଜ୍ଜିତ ରହିଛି। ଏହି ନୂତନ ପରିଚୟ ସ୍ୱଚ୍ଛତା, ସ୍ଥାୟୀତା ଏବଂ ଶୃଙ୍ଖଳିତ କାର୍ଯ୍ୟକାରିତା ପ୍ରତି ଆମର ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। ଦୃଢ଼ ଶାସନ ଏବଂ ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ଆଭିମୁଖ୍ୟରେ ଆଧାରିତ ରହିଛି।

# ଅପ୍‌ଡେଟ୍ ପାଗିଆ

**ସୋସିଆଲ୍ ମିଡିଆରେ ନିଜକୁ ଅପ୍‌ଡେଟ୍ ରଖିବାର କ୍ରେଜ୍ ବର୍ତ୍ତମାନ ଅନେକଙ୍କୁ ଏପରି ଘାରିଛି ଯେ, ଏହାଦ୍ୱାରା ସେମାନେ ଅଜାଣତରେ ନିଜକୁ ବିପଦମୁଖକୁ ଠେଲି ଦେଉଛନ୍ତି ବୋଲି ମଧ୍ୟ ବୁଝିପାରୁନାହାନ୍ତି। ତେଣୁ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...**



ବର୍ତ୍ତମାନ ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବାର ନିଶା ଯେମିତି ପିଲାଠୁ ବୃଦ୍ଧ ସଭିଙ୍କୁ ମତୁଆଲା କରିଛି, ଯେଉଁ ଲିଷ୍ଟରେ ସବୁଠୁ ଆଗରେ ଅଛନ୍ତି ଯୁବପିଢ଼ି। ଯଦିଓ ବିଭିନ୍ନ କଣ୍ଟେଣ୍ଟ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ବର୍ତ୍ତମାନ ଅନେକଙ୍କ ପାଇଁ ରୋଜଗାରର ଏକ ମାଧ୍ୟମ ପାଲଟିଛି, ହେଲେ ଅପରପକ୍ଷେ ଏଥିପାଇଁ ବିଭିନ୍ନ ସମସ୍ୟା ମଧ୍ୟ ଉପୁଜୁଛି। ତେଣୁ ସୋସିଆଲ୍ ମିଡିଆ ୟୁଜର ହୋଇଥିଲେ ସୁରକ୍ଷା ଦୃଷ୍ଟିରୁ କେଉଁସବୁ ଦିଗ ପ୍ରତି ବିଶେଷ ଭାବେ ସଚେତନ ରହିବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ...

**ସ୍ୱାସ୍ଥ୍ୟ ଉପରେ ପଡୁଛି ପ୍ରଭାବ:** ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବା ନିଶାରେ ଅଧିକାଂଶ ଯୁବତୀଯୁବକ ଦୀର୍ଘସମୟ ମୋବାଇଲ୍ କିମ୍ବା କମ୍ପ୍ୟୁଟର ସ୍କ୍ରିନ୍‌କୁ ଚାହିଁ ରହୁଛନ୍ତି। ସେହିପରି ଅନେକେ ଇୟରଫୋନ୍ ମଧ୍ୟ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଦୃଷ୍ଟିଶକ୍ତି ହ୍ରାସ ହେବା ଏବଂ ଅନ୍ୟାନ୍ୟ ଚକ୍ଷୁ ସମସ୍ୟା ସହିତ ଶ୍ରବଣ ଶକ୍ତି ହ୍ରାସ ପାଉଥିବା ଦେଖିବାକୁ ମିଳୁଛି। ଏମିତିକି ଦୀର୍ଘ ସମୟ ଇୟରଫୋନ୍ ବ୍ୟବହାର ଯୋଗୁ ଅଡିଓ ସେନ୍ସୋରି ନର୍ଭସ ସିଷ୍ଟମ ନଷ୍ଟ ହୋଇଯିବା ଦ୍ୱାରା ଶ୍ରବଣ ଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହେବାର ବି ଆଶଙ୍କା ରହିଛି। କେବଳ ଏତିକି ନୁହେଁ, ସୋସିଆଲ୍ ମିଡିଆରେ ବାରମ୍ବାର ନିଜର ଷ୍ଟାଟସ୍ ଚେକ୍ କରିବା, ଦୀର୍ଘ ସମୟ ଭିଡିଓ, ଫଟୋ ଆଦି ଏଡିଟ୍ କରିବା ଯୋଗୁ ଗୋଟିଏ ସ୍ଥାନରେ ବସି ରହିବା ଦ୍ୱାରା ଶାରୀରିକ ପରିଶ୍ରମ କମିଯାଉଛି ଏବଂ ଖାଇବା ପିଇବାର ସମୟ ଠିକ୍ ରହୁନାହିଁ। ଫଳସ୍ୱରୂପ ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମି, ହୃଦ୍ ସମସ୍ୟା, ଆଖିତଳ କଳାପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା ଆଦି ସମସ୍ୟା ଦେଖାଦେଉଛି। ସବୁଠୁ ବଡ଼ କଥା ହେଉଛି, ଏହାଦ୍ୱାରା ସ୍ମରଣଶକ୍ତି ମଧ୍ୟ ପ୍ରଭାବିତ ହେଉଛି ଓ ବିଭିନ୍ନ ମାନସିକ ସମସ୍ୟା ସହିତ ଇଣ୍ଟରନେଟ୍ ଆଡିକ୍ସନ ସିଣ୍ଡ୍ରୋମ ଭଳି କେତେକ ଅସାଧ୍ୟ ରୋଗ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ଏହି ଆଡିକ୍ସନ ଏତେମାତ୍ରାରେ କବଳିତ କରି ରଖୁଛି ଯେ, କୌଣସି କାରଣରୁ ସେମାନଙ୍କୁ ଏଥିରୁ ନିବୃତ୍ତ ରଖାଗଲେ ରାଗିବା, ଚିଡ଼ିଚିଡ଼ା ହେବା, ଏମିତିକି ଡିପ୍ରେଶନ୍ ଭଳି ଲକ୍ଷଣ ଦେଖାଯାଉଛି। ତେଣୁ ଏଭଳି ସମସ୍ୟାର ଶିକାର ନ ହେବା ଲାଗି ସୋସିଆଲ୍ ମିଡିଆ ପାଇଁ ଅଳ୍ପ ସମୟ ଦିଅନ୍ତୁ। ସୁସ୍ଥ ରହିବା ଲାଗି ଖାଦ୍ୟପେୟ, ଠିକ୍ ଭାବେ ଶୋଇବା ଏବଂ ଶାରୀରିକ ବ୍ୟାୟାମ କରିବା ପ୍ରତି ଗୁରୁତ୍ୱ ଦିଅନ୍ତୁ।





**ପର୍ସନାଲ୍ ଡାଟା ହେଉଛି ଭାଇରାଲ୍:** ବର୍ତ୍ତମାନ ଅନେକେ ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବାକୁ ଯେମିତି ନିଜ ଦୈନନ୍ଦିନ ଜୀବନର ଏକ ଜରୁରୀ କାମ ବୋଲି ଭାବିନେଲେଣି। ଯେଉଁଥିପାଇଁ ପ୍ରତିଦିନ କ'ଣ ଖାଇଲେ, କ'ଣ କିଣିଲେ, କ'ଣ ପିନ୍ଧିଲେ, କେଉଁ ଆଡ଼େ ବୁଲିବାକୁ ଗଲେ ଏମିତିକି ଘରକୁ କିଏ ଆସିଲେ ଗଲେ ତାହାର ଫଟୋ, ଭିଡିଓ ଅପ୍‌ଲୋଡ୍ କରିବାକୁ ଭୁଲୁ ନାହାନ୍ତି। ହେଲେ ଏହାଦ୍ୱାରା ଯେ, ନିଜର ସମସ୍ତ ପର୍ସନାଲ ଡାଟା ସାର୍ବଜନୀନ ହେଉଛି ସେ ଦିଗରେ ସେମାନେ ସଚେତନ ହେଉ ନାହାନ୍ତି। ଯାହାର କେବେ କେବେ ପରିଣାମ ଖୁବ୍ ଭୟଙ୍କର ହେଉଥିବାର କେତେକ ନଜିର ବି ରହିଛି। କେଉଁଠି କିଏ ବ୍ଲାକ୍‌ମେଲିଂର ଶୀକାର ହେଲାଣି ତ ଆଉ କେଉଁଠି ଚୋରି, ଡକାୟତି ଭଳି ବିଭିନ୍ନ ଅସୁବିଧା ବି ବଢ଼ିଚାଲିଛି। ତେଣୁ ନିଜର ବ୍ୟକ୍ତିଗତ ତଥ୍ୟ ଯେପରି ସର୍ବସମ୍ମୁଖକୁ ନ ଯାଉ କିମ୍ବା କୌଣସି ଅସାମାଜିକ ବ୍ୟକ୍ତି ଏହାର ଅପବ୍ୟବହାର ନ କରନ୍ତି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

**ବଢୁଛି ଅପରାଧ:** ବର୍ତ୍ତମାନ ଯୁବବର୍ଗଙ୍କ ମଧ୍ୟରେ ସୋସିଆଲ୍ ମିଡିଆରୁ ବନ୍ଧୁତା, ଚାଟିଂ, ପ୍ରେମ ପୁଣି ଡେଟିଂ ଏବଂ ପରେ ପ୍ରତାରଣା, ଫଟୋ, ଭିଡିଓ ଆଦିକୁ ନେଇ ବ୍ଲାକ୍‌ମେଲିଂ ଏବଂ ଶେଷରେ ଝଗଡ଼ା ଓ ଆତ୍ମହତ୍ୟା କିମ୍ବା ହତ୍ୟା ପର୍ଯ୍ୟନ୍ତ ଘଟଣା ବି ଦେଖିବାକୁ ମିଳୁଛି। ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। କେବଳ ଏତିକି ନୁହେଁ ବର୍ତ୍ତମାନ ସୋସିଆଲ୍ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲି କିଛି ଅସାମାଜିକ ବ୍ୟକ୍ତି ବିଭିନ୍ନ ଅପରାଧ ଘଟାଉଥିବା ଦେଖିବାକୁ ମିଳୁଛି। ତେଣୁ ଏହାକୁ ବ୍ୟବହାର କରୁଥିଲେ କୌଣସି ଅଜଣାଙ୍କ କଥାରେ ପ୍ରଭାବିତ ନ ହୋଇ କିମ୍ବା ଉପରେ ବିଶ୍ୱାସ କରି ନିଜର ସମସ୍ତ ତଥ୍ୟ ଆଦୌ ଦିଅନ୍ତୁ ନାହିଁ। କେହି ଅଳ୍ପ ଦିନ ମଧ୍ୟରେ ଖୁବ୍ ବିଶ୍ୱସ୍ତ ହୋଇ ଟଙ୍କା ମାଗିଲେ ନିଜର ବ୍ୟାଙ୍କ୍ ଆକାଉଣ୍ଟ ଡିଟେଲ୍ସ ଦେଇଦେବା ଭଳି ଭୁଲ୍ ଆଦୌ କରନ୍ତୁ ନାହିଁ।

**ଜୀବନ ପ୍ରତି ବିପଦ:** ବର୍ତ୍ତମାନ ଫଟୋ, ଭିଡିଓ, ରିଲ୍‌କୁ ନେଇ ସୋସିଆଲ୍ ମିଡିଆରେ ଯେମିତି କମ୍ପିଟିଶନ୍ ଚାଲିଛି। ନିଜ କଣ୍ଟେଣ୍ଟକୁ ସବୁଠୁ ଡିଫରେଣ୍ଟ ଓ ୟୁନିକ୍ କରିବା ଆଳରେ କେହି କେହି ବିପଦପୂର୍ଣ୍ଣ ସ୍ଥାନରେ ଠିଆ ହୋଇ ଫଟୋ ଓ ଭିଡିଓ ନେଉଛନ୍ତି। ହେଲେ ଏଥିପାଇଁ ଅନେକଙ୍କ ପ୍ରାଣହାନି ହେବାର ଘଟଣା ବଢୁଥିବାର ଦେଖିବାକୁ ମିଳୁଛି। ତେଣୁ ଏସବୁ ଦିଗ ପ୍ରତି ବିଶେଷ ଭାବେ ସତର୍କ ରହିବା ଆବଶ୍ୟକ।





## ଏ ସପ୍ତାହର ପ୍ରଶ୍ନ ?

୧– ଦୋର୍ଜିଲୁଙ୍ଗ ହାଇଡ୍ରୋପାୱାର ପ୍ରୋଜେକ୍ଟ.........ଦେଶରେ ଅବସ୍ଥିତ ?
୨– ବ୍ଲୁବାର୍ଡ କମ୍ୟୁନିକେଶନ ସାଟେଲାଇଟ୍ ......... ଦେଶରେ ନିର୍ମାଣ କରାଯାଇଛି ?
୩– ନାହାରଗଡ଼ ୱାଇଲ୍ଡଲାଇଫ୍ ସାଙ୍କଚୁଆରୀ ......... ରାଜ୍ୟରେ ଅବସ୍ଥିତ ?
୪– ୪୩ତମ ଲୋକମାନ୍ୟ ତିଲକ ଆୱାର୍ଡ ୨୦୨୫ ............... ଙ୍କୁ ମିଳିଛି ?
୫– ସିଜିଜିଅମ୍ ଆରୋମେଟିକମ୍ ...........ର ବୈଜ୍ଞାନିକ ନାମ ?

## ଗତ ଥରର ଉତ୍ତର

୧ ପ୍ରୋସେସିଂ ଫର୍ ପ୍ରସ୍ପେରିଟି
୨ ଜୁଲାଇ ୨୪
୩ ମହାରାଷ୍ଟ୍ର
୪ ଭାଇରସ୍
୫ ପଶ୍ଚିମବଙ୍ଗ

## ଉତ୍ତରଦାତା



ନରେଶ କୁମାର କର
ହାଇଦ୍ରାବାଦ



ପ୍ରଦୀପ କୁମାର ନାଏକ
ବଲାଙ୍ଗୀର

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ଲମ୍ବା ବ୍ରିଜ୍ ବୃହତ୍ତମ ଜଙ୍ଗଲ



୧– ଡାନ୍ୟାଙ୍ଗ୍ କୁନ୍‌ଶାନ୍ ଗ୍ରାଣ୍ଡ ବ୍ରିଜ୍, ଚାଇନା ................ .୧୬୪.୮ କିମି.
୨– ଚାଙ୍ଗୁଆ କାଓସିଅଙ୍ଗ୍ ଭିଆଡକ୍ଟ, ତାଇୱାନ .............. ୧୫୭.୩ କିମି.
୩– ତିଆଞ୍ଜିନ୍ ଗ୍ରାଣ୍ଡ ବ୍ରିଜ୍, ଚାଇନା .......................... ୧୧୩.୭ କିମି.
୪– କାଙ୍ଗଡେ ଗ୍ରାଣ୍ଡ ବ୍ରିଜ୍, ଚାଇନା ......................... ୧୦୫.୮୧ କିମି.
୫– ୱନାନ୍ ୱିହି ଗ୍ରାଣ୍ଡ ବ୍ରିଜ୍, ଚାଇନା ...................... ୭୯.୭୩୨ କିମି.
୬– ବ୍ୟାଙ୍ଗ୍ ନା ଏକ୍ସପ୍ରେସ୍‌ୱେ, ଥାଇଲାଣ୍ଡ ......................... ୫୪ କିମି.
୭– ବେଜିଂ ଗ୍ରାଣ୍ଡ ବ୍ରିଜ୍, ଚାଇନା ................................. ୪୮.୨ କିମି.
୮– ଲେକ୍ ପଞ୍ଚର୍‌ଟ୍ରେନ୍ କଜ୍‌ୱେ, ଆମେରିକା ................ ୩୮.୪ କିମି.
୯– ଉହାନ୍ ମେଟ୍ରୋ ବ୍ରିଜ୍, ଚାଇନା ...................... ୩୭. ୭୮ କିମି.
୧୦– ମେଟ୍ରୋ ମାନିଲା ସ୍କାଏୱେ ସିଷ୍ଟମ୍, ଫିଲିପାଇନ୍ସ........... ୩୨ କିମି.

### ୟୁଥ୍ ଆଲର୍ଟ

# ବର୍ଷାରେ ଖାଆନ୍ତୁନି ଏହିସବୁ ଫଳ

**ଫଳ ଖାଇବାକୁ ପ୍ରାୟ ସମସ୍ତେ ଭଲପାଆନ୍ତି। ହେଲେ ଆପଣ ଜାଣନ୍ତି କି, ବର୍ଷାଦିନେ କେତେକ ଫଳ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ବି ହୋଇପାରେ...**

**ତରଭୁଜ:** ଖରାଦିନେ ଶରୀରକୁ ଥଣ୍ଡା ରଖିବା ସହ ହାଇଡ୍ରେଟ୍ ରଖିବା ଲାଗି ତରଭୁଜ ଖାଇବା ବହୁତ ଭଲ। ହେଲେ ବର୍ଷାଦିନେ ଏହାକୁ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ। କାରଣ ବର୍ଷାରେ ପରିବେଶରେ ଆର୍ଦ୍ରତା ଅଧିକ ରହୁଥିବାରୁ ଫଳ ଶୀଘ୍ର ଶଢ଼ିଥାଏ। ବିଶେଷକରି ତରଭୁଜ କଟା ହେବା ପରେ କିଛି ସମୟ ରହିଗଲେ ଶୀଘ୍ର ଶଢ଼ିବା ସହ ଏଥିରେ ହାନିକାରକ ବ୍ୟାକ୍ଟେରିଆ ଜନ୍ମ ନେଇଥାଏ ଏବଂ ଫଙ୍ଗସ୍ ମଧ୍ୟ ହୋଇଯାଏ, ଯାହାକୁ ଖାଇବା ଦ୍ୱାରା ପେଟ ସମସ୍ୟା ବଢ଼ିଥାଏ।

**ଅଙ୍ଗୁର:** ଏହି ଫଳ ସ୍ୱାଦିଷ୍ଟ ଏବଂ ପୋଷକ ତତ୍ତ୍ୱରେ ଭରା। ହେଲେ ବର୍ଷାଦିନେ ଏଥିରେ ଖୁବ୍ ଶୀଘ୍ର ଏମିତିକି କିଛି ଦିନ ଫ୍ରିଜ୍ ଭିତରେ ରହିଲେ ବି ଏଥିରେ ଫଙ୍ଗସ୍ ଲାଗିଥାଏ। ଯାହାକୁ ଧୋଇବା ପରେ ଅଙ୍ଗୁର ସମ୍ପୂର୍ଣ୍ଣ ସଫା ହୋଇ ନ ଥାଏ। ଫଳରେ ଶରୀର ଭିତରକୁ ବିଷାକ୍ତ ଯାଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଅଙ୍ଗୁରକୁ ଅଧିକ ଦିନ ରଖନ୍ତୁ ନାହିଁ ଏବଂ ଖାଇବା ପୂର୍ବରୁ ଭଲ ଭାବେ ଧୁଅନ୍ତୁ।

**ଆମ୍ବ:** ଫଳରାଜା ଆମ୍ବ କାହାର ବା ପ୍ରିୟ ଫଳ ନୁହେଁ! ଏହା ମୁଖ୍ୟତଃ ଏକ ଖରାଦିନିଆ ଫଳ। ତେଣୁ ବର୍ଷାଦିନେ ଏଥିରେ ପୋକ ଲାଗିବାର ସମ୍ଭାବନା ଅଧିକ। ସେହିପରି ଏଦିନେ ଏଥିରେ ବର୍ଷାପାଣି ପଡ଼ିଲେ ଶୀଘ୍ର ବ୍ୟାକ୍ଟେରିଆ, ଫଙ୍ଗସ୍ ଲାଗିଯାଏ, ଯାହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ତା'ଛଡ଼ା କୋଲ୍ଡଷ୍ଟୋର୍‌ଗୁଡ଼ିକରେ ରଖାଯାଇଥିବା କଞ୍ଚା ଆମ୍ବକୁ ଏଦିନେ ବିକ୍ରି କରିବା ଲାଗି ଅଧିକ କେମିକାଲ୍ ବ୍ୟବହାର କରାଯାଇଥାଏ। ଯାହାକୁ ଖାଇବା ଦ୍ୱାରା ଝାଡ଼ା, ବାନ୍ତି, ପେଟ ଯନ୍ତ୍ରଣା ହୋଇପାରେ। ତେଣୁ ଏଦିନେ ଆମ୍ବ ନ ଖାଇବା ଭଲ। ଯଦି ଖାଉଛନ୍ତି ତେବେ ଆମ୍ବକୁ ଭଲ ଭାବେ ଧୋଇ, ଚୋପା ଛଡ଼ାଇ, ପୋକ ଲାଗିଛି କି ନାହିଁ ଦେଖିବା ପରେ ଖାଆନ୍ତୁ।

**ଲିଚୁ:** ଏହା ଏକ ଥଣ୍ଡା ଫଳ। ବର୍ଷାଦିନେ ସାଧାରଣତଃ ଅନ୍ୟ ଋତୁ ଅପେକ୍ଷା ଶରୀରର ଇମ୍ୟୁନିଟି ପାୱାର କମ୍ ରହୁଥିବାରୁ ଏଦିନେ ଲିଚୁ ଖାଇଲେ ଶରୀରର ତାପମାତ୍ରା କମିଯାଇ ଥଣ୍ଡା, କାଶ, ଗଳା ଦରଜ ସମସ୍ୟା ଦେଖାଯାଏ। ତା'ଛଡ଼ା ଏଦିନେ ଏଥିରେ ବି ଶୀଘ୍ର ପୋକ ଲାଗିଯାଏ, ଯାହାକି ସହଜରେ ଦେଖାଯାଇ ନ ଥାଏ। ତେଣୁ ଲିଚୁ ଖାଇବା ଦ୍ୱାରା ପେଟ ସମସ୍ୟା ଉପୁଜିଥାଏ।



### ଜାଣନ୍ତୁ ଦୁନିଆ

# ପ୍ରଥମେ ପୁରୁଷ ପିନ୍ଧୁଥିଲେ ହାଇହିଲ୍ସ

**ହାଇହିଲ୍ସ କଥା ଆସିଲେ ଏହା ଓମେନ୍ ଫ୍ୟାଶନ୍ ଏବଂ ଗ୍ଲାମରର ଏକ ବଡ଼ ଅଂଶ ବୋଲି ଆମେ ଭାବିଥାଉ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ସର୍ବପ୍ରଥମେ ହାଇହିଲ୍ସକୁ ପୁରୁଷମାନେ ବ୍ୟବହାର କରୁଥିଲେ। ତେବେ ସେମାନେ କେବେ ଓ କ'ଣ ପାଇଁ ଏହାକୁ ପିନ୍ଧୁଥିଲେ ଏବଂ କିପରି ଏହା ଧୀରେ ଧୀରେ ଓମେନ୍‌ୱେର୍‌ରେ ପରିଣତ ହେଲା ଜାଣନ୍ତୁ ସେ ସମ୍ପର୍କରେ...**

- ଷୋଳଶ ଶତାବ୍ଦୀ ବେଳକୁ ପୁରୁଷମାନେ ଅଶ୍ୱଚାଳନା ପାଇଁ ହାଇହିଲ୍ସ ବ୍ୟବହାର କରୁଥିଲେ। ଏହି ଖାସ୍ ଜୋତା ପିନ୍ଧିବା ଦ୍ୱାରା ଘୋଡ଼ା ଉପରେ ବସି ନିଜ ଗୋଡ଼କୁ ମଜଭୁତ ଭାବେ ରଖିବା ଓ ଶରୀରର ଭାରସାମ୍ୟ ରକ୍ଷା କରିବା ଏବଂ ଘୋଡ଼ାକୁ ରୋକିବା କାର୍ଯ୍ୟ ସହଜ ହୋଇ ପାରୁଥିଲା। ସୈନିକମାନେ ଅଶ୍ୱଚାଳନା ବେଳେ ଏହାକୁ ପିନ୍ଧୁଥିଲେ।
- ସେହି ସମୟରେ ହାଇହିଲ୍ସ ଥିବା ଜୋତାକୁ ଯୁଦ୍ଧ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଉଥିଲା, ଯେଉଁଥିରେ ଫ୍ୟାଶନ ସହ କୌଣସି ସମ୍ବନ୍ଧ ନ ଥିଲା।
- ବଦଳୁଥିବା ସମୟ ସହିତ ଧୀରେ ଧୀରେ ହାଇହିଲ୍ସ ସୈନିକମାନଙ୍କଠାରୁ ରାଜକୀୟ ବେଶଭୂଷାରେ ସାମିଲ ହେଲା। ଫ୍ରାନ୍ସର ରାଜା ଲୁଇ ୧୪ ହାଇହିଲ୍ସକୁ ରୟାଲ୍ ଷ୍ଟାଟସ୍‌ର ଏକ ପ୍ରତୀକ ଭାବେ ଦର୍ଶାଇଥିଲେ। ସେବେଠୁ ରାଜ ପରିବାରର ପୁରୁଷମାନେ ଏହାକୁ ବହୁତ ପସନ୍ଦ କରିବା ସହ ଅନ୍ୟ ପୁରୁଷମାନେ ମଧ୍ୟ ଏହାକୁ ହାଇ ଷ୍ଟାଟସ୍ ସିମ୍ବଲ ଭାବେ ବ୍ୟବହାର କରିବା ଆରମ୍ଭ କଲେ। ହେଲେ ରାଜା ଲୁଇ ଏକ ନିୟମ ଲାଗୁ କରିଥିଲେ ଯେ, ଲାଲ୍ ରଙ୍ଗର ହାଇହିଲ୍ସ କେବଳ ରାଜ ପରିବାରର ପୁରୁଷମାନେ ଏବଂ ସେମାନଙ୍କ ଦରବାରିମାନେ ହିଁ ପିନ୍ଧିପାରିବେ, ଯାହାକି ପିନ୍ଧିବାବାଲା ସମାଜରେ ଉଚ୍ଚ ବର୍ଗର ବୋଲି ଦର୍ଶାଉଥିଲା।
- ତେବେ ପୁରୁଷଙ୍କ ଏହି ଜୋତା ଧୀରେ ଧୀରେ ମହିଳାଙ୍କ ଫ୍ୟାଶନରେ କେବେ ବଦଳିଗଲା ସେହି ପ୍ରଶ୍ନ ମନକୁ ନିଶ୍ଚୟ ଆସୁଥିବ। ୧୭୦୦ ଶତାବ୍ଦୀରେ ଇଟାଲୀର ରାଣୀ କ୍ୟାଥେରିନ୍ ଡି ମେଡିସି ନିଜ ବିବାହରେ ଅଧିକ ଉଚ୍ଚା ଦେଖାଯିବା ଲାଗି ସର୍ବପ୍ରଥମେ ହାଇହିଲ୍ସ ପିନ୍ଧିଥିଲେ। ସେହି ଚପଲର ସୁନ୍ଦର ଓ ଆକର୍ଷଣୀୟ ଡିଜାଇନ୍ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ଅନ୍ୟ ମହିଳାମାନେ ମଧ୍ୟ ଏଭଳି ଚପଲ ପିନ୍ଧିବାକୁ ପସନ୍ଦ କଲେ।
- ଧୀରେ ଧୀରେ ପୁରୁଷମାନେ ଏହାକୁ ପିନ୍ଧିବା ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ଏବଂ ୧୮୦୦ ଶତାବ୍ଦୀ ବେଳକୁ ହାଇହିଲ୍ସର ପରିଭାଷା ସମ୍ପୂର୍ଣ୍ଣ ଭାବେ ବଦଳି ମହିଳାଙ୍କ ଫ୍ୟାଶନ୍‌ରେ ସାମିଲ ହୋଇଯାଇଥିଲା। ବର୍ତ୍ତମାନ ହାଇହିଲ୍ସକୁ ଷ୍ଟାଇଲ୍, ଫ୍ୟାଶନ୍, ଗ୍ଲାମର ଏବଂ ଆତ୍ମବିଶ୍ୱାସର ପ୍ରତୀକ ଭାବେ ଗ୍ରହଣ କରାଯାଉଛି। ଏହାକୁ କଲେଜ, ଅଫିସ୍ ଯିବା ଭଳି ଦୈନନ୍ଦିନ କାର୍ଯ୍ୟଠୁ ଆରମ୍ଭ କରି, ପାର୍ଟି ଫଙ୍କଶନ୍ ଏବଂ ଫ୍ୟାଶନ୍ ଶୋ'ରେ ର୍ୟାମ୍ପ୍ ୱାକ୍ ବେଳେ ବ୍ୟବହାର କରାଯାଉଛି।










# ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଲାଗି କଳିଙ୍ଗ ପ୍ରସ୍ତୁତ

**ଭୁବନେଶ୍ୱର, ୯।୮ (ତପନ ସ୍ୱାଇଁ)**

ୱାର୍ଲ୍ଡ ଆଥ୍‌ଲେଟିକ୍ସ, ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ୍) ଲେଭଲ ପ୍ରତିଯୋଗିତା ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହାକୁ ସ୍ମରଣୀୟ କରିବା ପାଇଁ ଏଏଫ୍‌ଆଇ ଓ କ୍ରୀଡ଼ା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ''ଏଠାରେ ୨୦୧୭ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା।



ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ଲାଗି ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା, କୋଚ୍ ଓ ଖେଳାଳିମାନେ।





ଏବେ ଆଉ ଏକ ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ ପାଇଁ ଓଡ଼ିଶା ପ୍ରସ୍ତୁତ। ପର୍ଯ୍ୟାୟ କ୍ରମେ ପ୍ରସ୍ତୁତି ସମୀକ୍ଷା ସରିଛି। ଦେଶ ବିଦେଶର ଆଥଲେଟ୍‌ମାନେ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ବିଭିନ୍ନ ବିଭାଗର ସମନ୍ୱୟରେ ଏହାକୁ ସ୍ମରଣୀୟ କରିବା ପାଇଁ ଆମେ ପ୍ରସ୍ତୁତ'' ବୋଲି ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରକାଶ କରିଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ସର ଉପସଭାପତି ଆଡିଲ ସୁମାରିୱାଲା, ଏଏଫ୍‌ଆଇ ସଭାପତି ବାହାଦୁର ସିଂ ସାନ୍ଧୁ, ଭାରତୀୟ ଆଥ୍‌ଲେଟିକ୍ସ କୋଚ୍ ପି. ରାଧାକ୍ରିଷ୍ଣନ ନାୟାର ପ୍ରମୁଖ ଏହି ଅବସରରେ ପ୍ରତିଯୋଗିତାର ପ୍ରସ୍ତୁତି, ଇଭେଣ୍ଟ ଏବଂ ପ୍ରତିଯୋଗୀଙ୍କ ସଂଖ୍ୟା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଭାରତ ଭବିଷ୍ୟତରେ ସିଲଭର କିମ୍ବା ଗୋଲ୍ଡ ଲେଭଲ ପ୍ରତିଯୋଗିତା ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛି। ମାତ୍ର ନିକଟ ଭବିଷ୍ୟତରେ ଅନେକ ବଡ଼ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଥିବାରୁ ଭବିଷ୍ୟତରେ ଭାରତ କେବେ ଏହାକୁ ଆୟୋଜନ କରିବ ତାହା ଏବେଠାରୁ କହିବା କଷ୍ଟକର ବୋଲି ସୁମାରିୱାଲା ପ୍ରକାଶ କରିଛନ୍ତି। ଆଗାମୀ ପ୍ରତିଯୋଗିତାରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଭାରତରୁ ୯୩ ଓ ବିଦେଶର ୬୩ ଆଥ୍‌ଲେଟ୍ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଟୋକିଓ ୱାର୍ଲ୍ଡ ଚାମ୍ପିୟନଶିପ୍ ଲାଗି ଏହା ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଭାବେ ପରିଗଣିତ ହେଉଛି। ନିକଟରେ ପୋଲାଣ୍ଡରେ ସ୍ୱର୍ଣ୍ଣ ପଦକ ଜିତିଥିବା ମହିଳା ଜାଭେଲିନ୍ ଥ୍ରୋୟର ଅନୁ ରାଣୀ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା ସମ୍ପର୍କରେ ପ୍ରକାଶ କରିଛନ୍ତି। ଏଠାକାର ଭିତ୍ତିଭୂମି ବିଶ୍ୱସ୍ତରୀୟ। ତେଣୁ ଭାଗ ନେବାକୁ ଯାଉଥିବା ସମସ୍ତ ଭାରତୀୟ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ନିଶ୍ଚିତ ଚେଷ୍ଟା କରିବୁ। ମୁଁ ନିକଟରେ ପୋଲାଣ୍ଡରେ ପଦକ ଜିତିଥିବାରୁ ଏଠାରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ବୋଲି ଅନୁ କହିଛନ୍ତି। ସେହିପରି ପୁରୁଷ ୧୦୦ ଓ ୨୦୦ ମିଟରରେ ଭାଗ ନେବାକୁ ଯାଉଥିବା ଅନିମେଶ କୁଜୁର ମଧ୍ୟ ପଦକ ଜିତିବା ନେଇ ଆଶା ରଖିଛନ୍ତି। ଓଡ଼ିଶା ଏଚ୍‌ପିସିରେ ଟ୍ରେନିଂ ନେଉଥିବା ଅନିମେଶ ଘରୋଇ ପରିବେଶରୁ ଫାଇଦା ନେବା ଲକ୍ଷ୍ୟରେ ରହିଛନ୍ତି।

ଲକ୍ଷ୍ୟରେ ରହିଛନ୍ତି। ସେହିପରି ପୁରୁଷ ୮୦୦ ମିଟରରେ ଭାରତର ଜାତୀୟ ରେକର୍ଡଧାରୀ ମହମ୍ମଦ ଅଫଜଲଙ୍କ ଉପରେ ମଧ୍ୟ ନଜର ରହିବ। ପ୍ରତିଭା ସମ୍ପନ୍ନ ଶାଇଲି ସିଂ ମଧ୍ୟ ମହିଳା ଲଙ୍ଗଜମ୍ପରେ ଭଲ ପ୍ରଦର୍ଶନ କରିବାର ସମ୍ଭାବନା ରହିଛି। ଗତ ମାସରେ ବେଙ୍ଗାଲୁରୁରେ ଅନୁଷ୍ଠିତ ଏନ୍‌ସି କ୍ଲାସିକ୍‌ରେ ଅଳ୍ପକେ ବ୍ରୋଞ୍ଜ ପଦକ ହାତଛଡ଼ା କରିଥିବା ସଚିନ ଯାଦବ ଏଠାରେ ସାଥୀ ପ୍ରତିଯୋଗୀ ଯଶବୀର ସିଂ, ଶ୍ରୀଲଙ୍କାର ରୁମେଶ ପଥିରାଗେଙ୍କଠାରୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଯଶବୀର



ମାସ୍କଟ ଓଲି

ପ୍ରସ୍ତୁତି ଭଲ ରହିଛି। ତେଣୁ ଭଲ ଫଳାଫଳ ମିଳିବା ନେଇ ଆଶା ରଖିଛି ବୋଲି ସେ କହିଛନ୍ତି। ୨୦୦ ମିଟରରେ ବର୍ତ୍ତମାନ ୪୨ତମ ର୍‍ୟାଙ୍କ୍‌ରେ ଥିବା ଅନିମେଶଙ୍କ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ୨୦:୫୦ରୁ କମ୍ ସେକେଣ୍ଡରେ ରେସ୍ ଫିନିଶ କରିବାକୁ ହେବ। ଆଗାମୀ ପ୍ରତିଯୋଗିତାରେ ସେ ମାଲେସିଆ ଜାତୀୟ ରେକର୍ଡଧାରୀ ମହମ୍ମଦ ଆଜିମ ଫହିମଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।

ଫିଲ୍ଡ ଇଭେଣ୍ଟରେ ମୁରଲୀ ଶ୍ରୀଶଙ୍କର ଭାରତ ପାଇଁ ପଦକ ହାସଲର ପ୍ରବଳ ଦାବିଦାର ରହିବେ। ଦୀର୍ଘଦିନ ଧରି ଆହତ ସମସ୍ୟାରୁ ମୁକୁଳିବା ପରେ ଏହି ଲଙ୍ଗଜମ୍ପ ତାରକାଙ୍କ ନିକଟରେ ଏବେ ବିଶ୍ୱ ଚାମ୍ପିୟନଶିପ୍ ର୍‍ୟାଙ୍କିଙ୍ଗ୍ ନାହିଁ। ମାତ୍ର ଭୁବନେଶ୍ୱର ଏବଂ ଚେନ୍ନାଇରେ ହେବାକୁଥିବା ଆନ୍ତଃରାଜ୍ୟ ମିଟ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ସେ ସିଧାସଳଖ ୮.୨୭ ମିଟର ଯୋଗ୍ୟତା ପର୍ଯ୍ୟାୟ ସ୍ପର୍ଶ କରିବା ଏବେ ଟୋକିଓ ଷ୍ଟାଣ୍ଡିଂର ୩୦ତମ ର୍‍ୟାଙ୍କିଙ୍ଗ୍‌ରେ ଅଛନ୍ତି। ତେଣୁ ଏଠାରେ ବଡ଼ ଥ୍ରୋ କରି ନିଜ ସ୍ଥାନ ପକ୍କା କରିବା ଲକ୍ଷ୍ୟରେ ରହିଛନ୍ତି। ସେହିପରି ପୁରୁଷ ଟ୍ରିପଲ ଜମ୍ପରେ ଅବଦୁଲ୍ଲା ଅବୁବାକର ଓ ଲଙ୍ଗଜମ୍ପରେ ଜେସୱିନ ଆଲଡ୍ରିନ ମଧ୍ୟ ଦାବିଦାର ରହିବେ। ଅବୁବାକର ସମ୍ପ୍ରତି ୩୨ତମ ର୍‍ୟାଙ୍କ୍‌ରେ ଅଛନ୍ତି। ସେ ୧୧୭୯ ପଏଣ୍ଟରେ ଥିବାରୁ ଟପ୍-୩୦ରେ ପ୍ରବେଶ ପାଇଁ ସଂଘର୍ଷର ସମ୍ମୁଖୀନ ହେବେ।

## ପ୍ରତିଯୋଗିତା କାର୍ଯ୍ୟସୂଚୀ

### ସକାଳ ସେସନ

ପୁରୁଷ ୪୦୦ ମିଟର ହିଟ୍ସ: ସକାଳ ୭ଟା ୪୦
ମହିଳା ୪୦୦ ମିଟର ହିଟ୍ସ: ସକାଳ ୭ଟା ୫୫
ପୁରୁଷ ୧୦୦ ମିଟର ହିଟ୍ସ: ସକାଳ ୮ଟା ୨୫
ମହିଳା ୧୦୦ ମିଟର ହିଟ୍ସ: ସକାଳ ୮ଟା ୩୫
ପୁରୁଷ ୨୦୦ ମିଟର ହିଟ୍ସ: ସକାଳ ୮ଟା ୫୫

### ସନ୍ଧ୍ୟା ସେସନ

ମହିଳା ଜାଭେଲିନ୍ ଥ୍ରୋ ଫାଇନାଲ: ଅପରାହ୍ନ ୫ଟା
ପୁରୁଷ ୪୦୦ ମିଟର ଫାଇନାଲ: ଅପରାହ୍ନ ୫ଟା ୦୫
ମହିଳା ୪୦୦ ମିଟର ଫାଇନାଲ: ଅପରାହ୍ନ ୫ଟା ୧୫
ମହିଳା ଲଙ୍ଗ୍‌ଜମ୍ପ ଫାଇନାଲ: ଅପରାହ୍ନ ୫ଟା ୨୩
ପୁରୁଷ ଟ୍ରିପଲ ଜମ୍ପ ଫାଇନାଲ: ଅପରାହ୍ନ ୫ଟା ୩୦
ପୁରୁଷ ୧୦୦ ମିଟର ଫାଇନାଲ: ଅପରାହ୍ନ ୫ଟା ୩୫
ମହିଳା ୧୦୦ ମିଟର ଫାଇନାଲ: ଅପରାହ୍ନ ୫ଟା ୪୫
ପୁରୁଷ ୮୦୦ ମିଟର ଫାଇନାଲ: ସନ୍ଧ୍ୟା ୬ଟା
ମହିଳା ୮୦୦ ମିଟର ଫାଇନାଲ: ସନ୍ଧ୍ୟା ୬ଟା ୧୦
ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲ: ସନ୍ଧ୍ୟା ୬ଟା ୨୨
ମହିଳା ୧୦୦ ମିଟର ହର୍ଡଲ୍ସ ଫାଇନାଲ: ସନ୍ଧ୍ୟା ୬ଟା ୩୫
ପୁରୁଷ ଲଙ୍ଗ୍‌ଜମ୍ପ ଫାଇନାଲ: ସନ୍ଧ୍ୟା ୬ଟା ୪୫
ମହିଳା ୧୫୦୦ ମିଟର ଫାଇନାଲ: ସନ୍ଧ୍ୟା ୭ଟା
ପୁରୁଷ ୫୦୦୦ ମିଟର ଫାଇନାଲ: ସନ୍ଧ୍ୟା ୭ଟା ୧୦
ପୁରୁଷ ୨୦୦ ମିଟର ଫାଇନାଲ: ସନ୍ଧ୍ୟା ୭ଟା ୩୦
ମହିଳା ୨୦୦ ମିଟର ଫାଇନାଲ: ସନ୍ଧ୍ୟା ୭ଟା ୪୦
ପୁରୁଷ ୪ x ୪୦୦ ମିଟର ରିଲେ ଫାଇନାଲ: ରାତି ୭ଟା ୫୫

# ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଲକ୍ଷ୍ୟ ରହିଛି: ଅନୁ

ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍‌ର ମହିଳା ଜାଭେଲିନ୍ (୬୦୦ ଗ୍ରାମ୍) ଥ୍ରୋରେ ଅନୁ ରାଣୀ ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ। ନିକଟରେ ପୋଲାଣ୍ଡରେ ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଅନୁଙ୍କ ମନୋବଳ ବହୁ ପରିମାଣରେ ବଢ଼ିଛି। ଅନ୍ୟ ଭାରତୀୟଙ୍କ ପରି ସେ ମଧ୍ୟ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଲକ୍ଷ୍ୟ ରଖିଥିବା ଶନିବାର ପ୍ରକାଶ କରିଛନ୍ତି। ମହିଳା ଜାଭେଲିନ୍ ଥ୍ରୋର ଫାଇନାଲ୍ସ ରବିବାର ଅପରାହ୍ନ ୫ଟାରେ ଆରମ୍ଭ ହେବ। ଏହା ହେବ ପ୍ରତିଯୋଗିତାର ପ୍ରଥମ ଫାଇନାଲ୍ସ। ଏଥିରେ ଅନୁଙ୍କ ସହ ଭାରତର ଶିଳ୍ପା ରାଣୀ, ଜ୍ୟୋତି, ରାମ୍ୟାଶ୍ରୀ ଜୈନ, କରିସ୍ମା ଏସ୍. ସାନିଲ, ଉମା ଚୌଧାରୀ ଏବଂ ବିଦେଶୀ ଆଥଲେଟ୍‌ଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ମେଲଜାରେକ ମ୍ୟାକେଞ୍ଜି, ନେପାଳର ଚନ୍ଦ୍ର କାଲା ଲାମଗାଡ଼େ, ଦକ୍ଷିଣ ଆଫ୍ରିକାର ଜାନ ଭାନ୍ ଶାଲକ୍ୱିକ୍ ଓ ଶ୍ରୀଲଙ୍କାର ଦିଲହାନି ଲେକାମ୍‌ଗେ ଏଚ.ଏଲ. ପ୍ରତିଦ୍ୱନ୍ଦ୍ୱିତା କରିବେ। ଅନୁରାଣୀଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୬୩.୮୨ ମିଟର। ଏହା ଏକ ଜାତୀୟ ରେକର୍ଡ। ୨୦୨୩ ଏସିଆନ ଗେମ୍ସ ଚାମ୍ପିୟନ ଅନୁ ଚଳିତ ମାସ ପ୍ରାରମ୍ଭରେ ପୋଲାଣ୍ଡରେ ୬୨.୫୯ ମିଟର ଥ୍ରୋ କରିଥିଲେ। ଟୋକିଓ ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ସେ ଏବେ ୩୦ତମ ର୍‍ୟାଙ୍କ୍‌ରେ ଅଛନ୍ତି। ଭୁବନେଶ୍ୱର ପରିବେଶରେ ଏହି ୩୨ ବର୍ଷୀୟା ଆଥଲେଟ୍ ୬୦ ମିଟର ସ୍ପର୍ଶ କରିବା ନେଇ ଆଶା ରଖିଛନ୍ତି। '' ମୁଁ ଭାବୁଛି ପୋଲାଣ୍ଡ ଇଭେଣ୍ଟ ଠିକ୍ ସମୟରେ ହୋଇଛି। ଭୁବନେଶ୍ୱରର ପାଗ ଓ ପରିବେଶରୁ ଫାଇଦା ଉଠାଇ ମୁଁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ନିଶ୍ଚିତ ଚେଷ୍ଟା କରିବି'' ବୋଲି ସେ କହିଛନ୍ତି। ସେପ୍ଟେମ୍ବରରେ ହେବାକୁଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସରେ ୩୬ ଥ୍ରୋୟର ଭାଗ ନେବାକୁ ଯୋଗ୍ୟ ବିବେଚିତ ହେବେ। ସେଥି ମଧ୍ୟରୁ ୧୧ ଆଥ୍‌ଲେଟ୍ ଯୋଗ୍ୟତା ପାଇଁ ଉଦ୍ଦିଷ୍ଟ ୬୪ ମିଟର କ୍ଲିୟର କରି ସାରିଛନ୍ତି। ଅବଶିଷ୍ଟ ୨୫ ଜଣ ବିଶ୍ୱ ର୍‍ୟାଙ୍କିଙ୍ଗ୍ କୋଟା ସିଷ୍ଟମରେ ଯିବେ। ଏଥିପାଇଁ ଅଗଷ୍ଟ ୨୪ ଡେଡ୍‌ଲାଇନ ରହିଛି।





ଅନୁରାଣୀ

## 'ଓଲି' ଷ୍ଟାଡିୟମ ବୁଲିଲା, ଦର୍ଶକଙ୍କ ମନୋରଞ୍ଜନ କଲା

ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତା ପୂର୍ବରୁ ଶନିବାର ମାସ୍କଟ ଓଲି ଷ୍ଟାଡିୟମ ଭ୍ରମଣ କରି ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଛି। ମାସ୍କଟ ସହିତ ଦର୍ଶକମାନେ ଉତ୍ସାହର ସହ ହାତ ମିଳାଇବା ସହ ଫଟୋ ନେଉଥିବା ଦେଖିବାକୁ ମିଳିଥିଲା।

## ସକାଳ ୭ଟା ୪୦ରୁ ଆରମ୍ଭ

ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତା ରବିବାର ସକାଳ ୭ଟା ୪୦ରୁ ଆରମ୍ଭ ହେବ। ସକାଳ ସେସନରେ କେବଳ ୫ଟି ହିଟ୍ସ ଅନୁଷ୍ଠିତ ହେବ। ଅପରାହ୍ନ ୫ଟାରୁ ଆରମ୍ଭ ହେବାକୁଥିବା ସନ୍ଧ୍ୟା ସେସନରେ ୧୭ଟି ଯାକ ଇଭେଣ୍ଟର ଫାଇନାଲ୍ସ ଅନୁଷ୍ଠିତ ହେବ। ଭାରତୀୟ ସମୟ ୮ଟା ୨୦ରେ ପୁରୁଷ ୪୪୦୦ ମିଟର ରିଲେର ପୁରସ୍କାର ବିତରଣୀ ସହ ପ୍ରତିଯୋଗିତା ଶେଷ ହେବାର କାର୍ଯ୍ୟସୂଚୀ ରହିଛି।

# '୨୦୦ ମିଟର ଉପରେ ଫୋକସ'



ଅନିମେଶ କୁଜୁର

ଓଡ଼ିଶା ଏଚ୍‌ପିସି ଆଥ୍‌ଲେଟ୍ ଅନିମେଶ କୁଜୁର ରବିବାର ୧୦୦ ଓ ୨୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରିବେ। ୨୦୦ ମିଟରରେ ଜାତୀୟ ରେକର୍ଡଧାରୀ ୨୦.୩୨ ସେକେଣ୍ଡ ସହ ବର୍ତ୍ତମାନର ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୪୨ତମ ସ୍ଥାନରେ ଅଛନ୍ତି। ଟପ୍-୪୮ ଟୋକିଓ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ପାଇବାର ଥିବାରୁ ପ୍ରତିଦ୍ୱନ୍ଦ୍ୱିତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଟୋକିଓ ଇଭେଣ୍ଟ ପାଇଁ ଅଟୋମେଟିକ କ୍ୱାଲିଫାଇଂ ମାର୍କ ହେଉଛି ୨୦.୧୬ ସେକେଣ୍ଡ। ୨୧ ବର୍ଷୀୟ ଅନିମେଶ ଘରୋଇ ପରିବେଶରୁ ଫାଇଦା ଉଠାଇ ଏହା ସ୍ପର୍ଶ କରିବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି। ''୨୦୦ ମିଟର ଉପରେ ବିଶେଷ କରି ମୋର ଫୋକସ ରହିବ। ରବିବାର ଘରୋଇ ପରିବେଶରୁ ଫାଇଦା ନେବାକୁ ଚେଷ୍ଟା କରିବି'' ବୋଲି ଅନିମେଶ ପ୍ରକାଶ କରିଛନ୍ତି। ୧୦୦ ମିଟରରେ ମଧ୍ୟ ସେ ୧୦.୧୮ ସେକେଣ୍ଡ ସହିତ ଜାତୀୟ ରେକର୍ଡର ଅଧିକାରୀ ଅଛନ୍ତି। ଏଥିରେ ମଧ୍ୟ ସେ ପଦକ ଦାବିଦାର ହେବେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ